# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୫/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, December 15/2023 | Page 20 | ₹ 7.00

୫୦ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 22 | ମୂଲ୍ୟ ₹୭/-



## iDestiny, Apple Authorised Reseller now open at Chandrasekharpur, Patia



### Mega Launch Offer

| Offer Break-up | 128 GB | 256 GB |
|---|---|---|
| MRP- iPhone 15 | ₹79,900 | ₹89,900 |
| HDFC Instant Cashback* | ₹5,000 | ₹5,000 |
| Instant Store Discount | ₹4,000 | ₹4,000 |
| Trade-In* (Exchange) | ₹15,000 | ₹15,000 |
| Exchange Bonus* | ₹6,000 | ₹6,000 |
| Additional Benefits* | ₹3,000 | ₹3,000 |
| **Effective Price*** | **₹46,900** | **₹56,900** |

HDFC BANK ₹5000* Instant Cashback on HDFC Bank Cards and EasyEMI* + Exchange bonus up to ₹6000*

or

BAJAJ FINSERV | HDFC BANK EMI Starting at ₹3163* p.m.
0 Down payment | No Cost EMI | 24 Months

iPhone 15

Shop online at www.iDestiny.in/sale

+91 80691 99817 | +91 75478 23040

UD City Complex, Plot No 421, Patia, Opp. Sreeleathers

Also at Esplanade One Mall & Saheed Nagar, Janpath Road

*Terms and conditions apply. Limited Period Offer. Product features vary by model. Offer Valid Till Stock Lasts.

iDestiny® | Authorised Reseller

TATA MOTORS
Connecting Aspirations

TATA

## ଚଳିତ ନୂଆ ବର୍ଷରେ ଘରକୁ ଆଣନ୍ତୁ ଆପଣଙ୍କର ସ୍ବପ୍ନର କାର

ଆକର୍ଷଣୀୟ ଅଫର ପାଇବା ପାଇଁ ଏବେ ବୁକ୍ କରନ୍ତୁ




₹ 155 000* ପର୍ଯ୍ୟନ୍ତ ସୁବିଧାକୁ ଲାଭ କରନ୍ତୁ

ଜାନୁୟାରୀ 24 ରେ ମୂଲ୍ୟ ବୃଦ୍ଧି ପୂର୍ବରୁ କିଣନ୍ତୁ

ନ୍ୟାସନାଲ ଏକ୍ସଚେଞ୍ଜ କାର୍ନିଭାଲ - ଟ.65 000* ପର୍ଯ୍ୟନ୍ତ ସୁବିଧା ସହିତ ବେଷ୍ଟ ଏକ୍ସଚେଞ୍ଜ ଅଫର୍ | ୧୦୦% ଅନ୍ ରୋଡ୍ ଫଣ୍ଡିଂ* | କର୍ପୋରେଟ୍ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା*

NOW WITH 3 years | 100 000 km WARRANTY^

Terms and Conditions apply. *Benefits up to differs from model to model and is inclusive of consumer offer, offer valid till 31 DEC 23, exchange bonus and maximum corporate offer. ^Warranty cover for 3 years/ 1 Lakh km, whichever ends earlier. Images and Illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features are subject to change without prior information. Colours may vary due to printing limitations. Local taxes and octroi extra. *Lower EMI would only be if existing car is traded for new car and is the value given by our channel partner if agreed by the customer is used as a downpayment for new car purchase, thereby reducing the loan amount and hence EMI. ***Fair Value is a value as determined by our channel partner through a free and fair assessment of existing car given for evaluation.** The price offered is dependent on multiple factors such as condition of existing car, age, mileage, color, market dynamics, statutory taxes etc. | Punch pure ex showroom New Delhi

| TRUPTI ENTERPRISES: | SHREEKHETRA AUTOMOBILES: | DION AUTOMOTIVES: | GUGNANI AUTOCARS: |
|---|---|---|---|
| Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412 | Bhubaneswar-8291159378, Jagatsingpur-8879229672, Parlakhemundi-8879229831, Daspalla -8291160652 | Bhubaneswar: 7506018735, Cuttack: 9167984347, Puri: 8879183329, Berhampur: 9152102460, Phulbani: 7506018735, Balugaon: 7506018735 | Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433 |

**ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ: ୧୫ ଆହତ**

ହାଇଦ୍ରାବାଦର ଏକ ବେକେରିରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୧୫ ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ହାଇଦ୍ରାବାଦ ସହର ଉପକଣ୍ଠ ରାଜେନ୍ଦ୍ର ନଗର ଥାନା ଅନ୍ତର୍ଗତ ଗଗନ ପାହାଡ଼ ଅଞ୍ଚଳରେ ଥିବା କରାଚୀ ବେକେରିର ରୋଷଶାଳରେ ବିସ୍ଫୋରଣ ଘଟିଥିଲା। ୮ ଆହତଙ୍କୁ କାଞ୍ଚନବାଗସ୍ଥିତ ଆପୋଲୋ ଡିଆର୍‌ଡିଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଯୁଦ୍ଧକୁ କେହି ରୋକିପାରିବେ ନାହିଁ: ନେତାନ୍ୟାହୁ



**ଜେରୁଜେଲମ୍,୧୪।୧୨:** ଅସ୍ତ୍ରବିରତି ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ବଢୁଥିବା ସତ୍ତ୍ୱେ ଇସ୍ରାଏଲ୍ ସେନା ଗାଜାରେ ଯୁଦ୍ଧ ଜାରି ରଖିବ ବୋଲି ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ଆମେ ଶେଷ ପର୍ଯ୍ୟନ୍ତ ବା ବିଜୟ ଲାଭ କରିବା ପର୍ଯ୍ୟନ୍ତ ଯୁଦ୍ଧ କରିବୁ। ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ। ଯୁଦ୍ଧକୁ କେହି ଅଟକାଇପାରିବେ ନାହିଁ ବୋଲି ନେତାନ୍ୟାହୁ ଗୁରୁବାର ସ୍ପଷ୍ଟ କରିଦେଇଛନ୍ତି। ଗାଜାରେ ମାନବୀୟ ଦୃଷ୍ଟିରୁ ତୁରନ୍ତ ଅସ୍ତ୍ରବିରତି ସହ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତ ଛାଡ଼ିଦେବା ଦାବିରେ ମଙ୍ଗଳବାର ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲାବେଳେ ନେତାନ୍ୟାହୁ ଏଭଳି ଘୋଷଣା କରିଛନ୍ତି। ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ୍ ଆତଙ୍କବାଦୀମାନେ ଅଚାନକ ଆକ୍ରମଣ କରି ୯ ସୈନ୍ୟଙ୍କ ସମେତ ଅନେକ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହମାସ୍ ଆତଙ୍କବାଦୀ ମୂଳପୋଛ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବାକୁ ଇସ୍ରାଏଲ୍ ପଣ କରିଛି। ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ଇସ୍ରାଏଲ୍ ସେନା ଗାଜା ଉପରେ ବୋମାମାଡ଼ ଜାରି ରଖିଛି। ହମାସ୍ ବିଦ୍ରୋହୀମାନେ ବେଳେବେଳେ ଇସ୍ରାଏଲୀ ସୈନ୍ୟଙ୍କ ଉପରେ ଅଚାନକ ଆକ୍ରମଣ କରୁଥିବାରୁ ସେମାନେ ଏବେ ମଧ୍ୟ ଲଢ଼ିବା ପାଇଁ ସମର୍ଥ ବୋଲି କୁହାଯାଉଛି।

### ଦକ୍ଷିଣ ଏସିଆ ସେଲିବ୍ରିଟି ତାଲିକା: ଶୀର୍ଷରେ ଶାହରୁଖ

**ଲଣ୍ଡନ,୧୪।୧୨(ପି.ଟି.):** ବ୍ରିଟେନ୍ ପ୍ରସ୍ତୁତ 'ବିଶ୍ୱର ଶ୍ରେଷ୍ଠ ୫୦ ଦକ୍ଷିଣ ଏସୀୟ ସେଲିବ୍ରିଟି' ତାଲିକାରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଶୀର୍ଷରେ ରହିଛନ୍ତି। ଚଳିତ ବର୍ଷ ୫୮ ବର୍ଷୀୟ କିଙ୍ଗ୍ ଖାନ୍‌ଙ୍କ ଦୁଇଟି ଫିଲ୍ମ 'ପଠାନ' ଏବଂ 'ଜୱାନ' ଚଳିତ ବର୍ଷର ଡବଲ୍ ବକ୍ସ ଅଫିସ ସଫଳତା ହାସଲ କରିଥିବାବେଳେ ଏବେ ଖ୍ରୀଷ୍ଟମାସ୍‌ରେ ତାଙ୍କର 'ଡଙ୍କି' ଫିଲ୍ମ ମୁକ୍ତିଲାଭ ପାଇଁ ପ୍ରସ୍ତୁତି ଚାଲିଛି। ବ୍ରିଟେନ୍‌ର ସାପ୍ତାହିକୀ ଇଷ୍ଟର୍ନ ଆଇ ଉକ୍ତ ବାର୍ଷିକ ତାଲିକା ପ୍ରକାଶ କରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଗୋଟିଏ ବର୍ଷରେ ୩ଟି ବଲିଉଡ୍ ବ୍ଲକବଷ୍ଟର ହିଟ୍ ଚଳଚ୍ଚିତ୍ର ଦେବାକୁ ଯାଉଛନ୍ତି କିଙ୍ଗ୍ ଖାନ୍, ଯାହାକି ଆଧୁନିକ ଯୁଗରେ ଜଣେ ବ୍ୟକ୍ତିଙ୍କ ପାଇଁ ଏହା ପ୍ରଥମ ବୋଲି ଇଷ୍ଟର୍ନ ଆଇର ଏଣ୍ଟରଟେନ୍‌ମେଣ୍ଟ ସମ୍ପାଦକ ଆସ୍‌ଜାଦ ନାଜିର କହିଛନ୍ତି। ଉଭୟ ବଲିଉଡ୍ ଏବଂ ହଲିଉଡ୍‌ରେ ପ୍ରଭାବ ପାଇଁ ତାଲିକାର ଦ୍ୱିତୀୟ ସ୍ଥାନରେ ଆଲିଆ ଭଟ୍ଟ ସ୍ଥାନ ପାଇଥିବାବେଳେ ତୃତୀୟ ସ୍ଥାନରେ ପ୍ରିୟଙ୍କା ଚୋପ୍ରା ଜୋନାସ୍ ରହିଛନ୍ତି। ଚତୁର୍ଥ ସ୍ଥାନରେ ଶ୍ରେଷ୍ଠ ପଞ୍ଜାବୀ ଗାୟକ ଦିଲଜିତ୍ ଦୋସାନଜ୍ ରହିଥିବାବେଳେ ପଞ୍ଚମରେ ବ୍ରିଟେନର ଶ୍ରେଷ୍ଠ ଗାୟକ ଚାର୍ଲି ଏକ୍ସସିଏକ୍ସ ରହିଛନ୍ତି। ତାଙ୍କର ଦକ୍ଷିଣ ଏସୀୟ ଐତିହ୍ୟ ରହିଛି।

### ବାରେନବୋଇମ୍, ଆୱାଦଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର



ଅଲି ଅବୁ ଆୱାଦ ଓ ଡାନିଏଲ୍ ବାରେନ୍‌ବୋଇମ୍

**ନୂଆଦିଲ୍ଲୀ,୧୪।୧୨(ପି.ଟି.):** ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦକୁ ଅହିଂସ ଉପାୟରେ ସମାଧାନ କରିବା ଲାଗି ଉଦ୍ୟମ ଚଳାଇଥିବା ଡାନିଏଲ୍ ବାରେନ୍‌ବୋଇମ୍ ଏବଂ ଅଲି ଅବୁ ଆୱାଦଙ୍କୁ ଚଳିତ ବର୍ଷର ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ବିଜେତା ଘୋଷଣା କରାଯାଇଛି। ଶାନ୍ତି, ନିରସ୍ତ୍ରୀକରଣ ଏବଂ ବିକାଶ ଲାଗି ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବାରେନବୋଇମ୍ ଆର୍ଜେଣ୍ଟିନା ଜନ୍ମିତ ଖ୍ୟାତନାମା ଶାସ୍ତ୍ରୀୟ ପିଆନୋ ବାଦକ ଏବଂ କଣ୍ଡକ୍ଟର ହୋଇଥିବାବେଳେ ଆୱାଦ ହେଉଛନ୍ତି ଜଣେ ଖ୍ୟାତନାମା ପାଲେଷ୍ଟିନୀୟ ଶାନ୍ତି କାର୍ଯ୍ୟକର୍ତ୍ତା। ସେମାନେ ପାଲେଷ୍ଟିନୀୟ ଏବଂ ଇସ୍ରାଏଲ ଲୋକମାନଙ୍କ ସହ ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଅବିଶ୍ରାନ୍ତ ଭାବେ କାର୍ଯ୍ୟ କରିଆସୁଛନ୍ତି। ଇନ୍ଦିରା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଜାରି ବିବୃତିରେ ଏହା କୁହାଯାଇଛି।

# ବାଇଡେନ୍‌ଙ୍କ ବିରୋଧରେ ମହାଭିଯୋଗ

## ତଦନ୍ତକୁ ହାଉସ୍ ଅଫ୍ ରିପବ୍ଲିକାନ୍‌ର ମଞ୍ଜୁରୀ

**ୱାଶିଂଟନ,୧୪।୧୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବିରୋଧରେ ଦୀର୍ଘଦିନରୁ ରହିଥିବା ଅସଦାଚରଣ ଅଭିଯୋଗର ଏପର୍ଯ୍ୟନ୍ତ ପ୍ରମାଣ ଦାଖଲ ହୋଇ ନାହିଁ। ରିପ୍ଲିକାନ୍ ସଦସ୍ୟମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ସହ ମହାଭିଯୋଗର ତଦନ୍ତ ପାଇଁ କରିଥିବା ଦାବିକୁ ବୁଧବାର ହାଉସ୍ ଅଫ୍ ରିପବ୍ଲିକାନ୍ ଅନୁମୋଦନ କରିଛି। ସମୁଦାୟ ହାଉସ୍ ରିପବ୍ଲିକାନ୍ ସମ୍ମିଳନୀରେ ୨୨୧-୨୧୨ ଭୋଟରେ ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ମିଳିଛି। ସମ୍ବିଧାନ ଅନୁଯାୟୀ ଏହା ଗୁରୁତର ଅପରାଧ ହୋଇଥିବାରୁ ସିନେଟ ବିଚାରରେ ବାଇଡେନ୍ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ରାଷ୍ଟ୍ରପତି ପଦ ହରାଇବାକୁ ପଡ଼ିପାରେ। ଅନ୍ୟପକ୍ଷରେ ସେ ଓ ତାଙ୍କ ପରିବାର ବିରୋଧରେ ତଦନ୍ତ ନିମନ୍ତେ ଅନୁମୋଦନ କରିବାରେ ହାଉସ୍ ଅଫ୍ ରିପବ୍ଲିକାନ୍‌ର ପ୍ରାଥମିକତାକୁ ନେଇ ବାଇଡେନ୍ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଆମେରିକୀୟମାନଙ୍କ ଉନ୍ନତିରେ ସହାୟକ ହେଲା ଭଳି କିଛି କରିବା ପରିବର୍ତ୍ତେ ମିଥ୍ୟା ଅଭିଯୋଗ ଆଣି ମୋତେ ସମାଲୋଚିତ କରିବାକୁ ଫୋକସ୍ କରୁଥିବା ରାଷ୍ଟ୍ରପତି କହିଛନ୍ତି। ବାଇଡେନ୍ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହେବା ଲାଗି ଲକ୍ଷ୍ୟ ରଖିଥିବାବେଳେ ମହାଭିଯୋଗର ତଦନ୍ତ ବହୁମାସ ଧରି ଚାଲିବା ଦ୍ୱାରା ସେ ଅସୁବିଧାରେ ପଡ଼ିବେ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଥର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨ ଥର ମହାଭିଯୋଗ ତଦନ୍ତର ସମ୍ମୁଖୀନ ହୋଇଥିଲେ। ତେଣୁ ସେ ବାଇଡେନ୍‌ଙ୍କୁ ଅଡୁଆରେ ପକାଇବା ଲାଗି ତାଙ୍କ ରିପବ୍ଲିକାନ ସହଯୋଗୀମାନଙ୍କୁ ଲଗାଇଦେଇଥିବା କୁହାଯାଉଛି।



ଜୋ ବାଇଡେନ୍

# ମଥୁରା ମସ୍‌ଜିଦରେ ସର୍ଭେ ଅନୁମତି

**ପ୍ରୟାଗରାଜ,୧୪।୧୨(ପି.ଟି.)**



ମଥୁରାର କୃଷ୍ଣ ଜନ୍ମଭୂମି ନିକଟରେ ଥିବା ଶାହି ଇଦ୍‌ଗା ପରିସରର ସର୍ଭେ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା ଲାଗି ଆଲ୍ଲାହାବାଦ ହାଇକୋର୍ଟ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ସର୍ଭେ କାର୍ଯ୍ୟ ତଦାରଖ ପାଇଁ ଏକ ଆଇନଜୀବୀ କମିଶନ ନିଯୁକ୍ତି ନିମନ୍ତେ ଉଚ୍ଚ ଅଦାଲତ ରାଜି ହୋଇଛନ୍ତି। ମଥୁରାର ଶାହି ଇଦ୍‌ଗା ମସ୍‌ଜିଦ ଏକଦା ହିନ୍ଦୁ ମନ୍ଦିର ଥିବାର କେତେକ ଚିହ୍ନରୁ ଜଣାପଡୁଥିବା ନେଇ କେତେଜଣ ପିଟିଶନର ଏହା ପରିସରର ସର୍ଭେ ପାଇଁ ଅନୁମତି ଦେବାକୁ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନ କରିଥିବା ଆବେଦନରେ ଦର୍ଶାଇଥିଲେ ଯେ, ମସ୍‌ଜିଦ ପରିସରରେ ପଦ୍ମ ଆକୃତିର ପିଲାର ରହିଛି, ଯାହା ହିନ୍ଦୁ ମନ୍ଦିରର ଲକ୍ଷଣ। ଏଥିସହ ସେଠାରେ ହିନ୍ଦୁ ଦେବତା 'ଶେଷନାଗ'ଙ୍କ ମୂର୍ତ୍ତି ରହିଥିବା ଆଡ୍‌ଭୋକେଟ ଜୈନ ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ମସ୍‌ଜିଦରେ ଥିବା ପିଲାର ତଳଭାଗରେ ହିନ୍ଦୁ ଧର୍ମର ଚିହ୍ନ ଖୋଦିତ ହୋଇଥିବା ମଧ୍ୟ କୁହାଯାଇଛି। ଆସନ୍ତା ୧୮ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ସର୍ଭେର ପଦ୍ଧତି ସମ୍ପର୍କରେ ଆଲୋଚନା ହେବ ବୋଲି ଅଦାଲତ କହିଛନ୍ତି।

କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଗା ପ୍ରସଙ୍ଗ ହେଉଛି ଦ୍ୱିତୀୟ ମନ୍ଦିର-ମସ୍‌ଜିଦ ବିବାଦ, ଯେଉଁଥିରେ ହାଇକୋର୍ଟ ସର୍ଭେ ପାଇଁ ଅନୁମତି ଦେଇଛନ୍ତି। ନିକଟରେ ଏଏସ୍‌ଆଇ ବାରାଣସୀର ଜ୍ଞାନବାପି ମସ୍‌ଜିଦର ସର୍ଭେ ଶେଷ କରିଥିବାବେଳେ ରିପୋର୍ଟ ଦାଖଲ ଲାଗି ସ୍ଥାନୀୟ ଅଦାଲତକୁ ଅଧିକ ସମୟ ମାଗିଥିଲେ।

# ସମୟସୀମା ଧାର୍ଯ୍ୟ କଲେ ସୁପ୍ରିମକୋର୍ଟ

## ମୋବାଇଲ ଫୋନ୍ ଜବତ ଗାଇଡ୍‌ଲାଇନ



**ନୂଆଦିଲ୍ଲୀ,୧୪।୧୨**

ଅଭିଯୁକ୍ତମାନଙ୍କୁ ଜେରା, ଗିରଫ କିମ୍ବା ସେମାନଙ୍କ ବିରୋଧରେ ପୋଲିସ ତଥା ଆଇନ ପ୍ରଣୟକାରୀ ସଂସ୍ଥା ଦ୍ୱାରା କୌଣସି ମାମଲା ଥିଲେ ସେମାନଙ୍କ ଡିଜିଟାଲ ଉପକରଣର ତଲାସି ନେବା ଓ ଜବତ କରିବା ପାଇଁ ନୂଆ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୬ ସପ୍ତାହ ସମୟ ଦେଇଛନ୍ତି। ଫାଉଣ୍ଡେଶନ ଫର୍ ମିଡିଆ ପ୍ରଫେସନାଲ୍ସ (ଏଫ୍‌ଏମ୍‌ପି) ଦାଏର କରିଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ୍, ପିସି ଜବତ କରିବା ଲାଗି ତୁରନ୍ତ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ଅଦାଲତ କହିଛନ୍ତି। ଜେରା ବେଳେ ବା ଅନ୍ୟ ପ୍ରସଙ୍ଗକୁ ନେଇ କୌଣସି ଅଭିଯୁକ୍ତଙ୍କ ବିରୋଧରେ ଆଇନ ପ୍ରଣୟନକାରୀ ସଂସ୍ଥା ଅକାରଣରେ ହସ୍ତକ୍ଷେପ କରୁଥିବାରୁ ଏଥିରୁ ସୁରକ୍ଷା ଦେବା ଏବଂ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ପ୍ରସ୍ତୁତ ଲାଗି ପିଟିଶନର ନିବେଦନ କରିଥିଲେ। ୨୦୨୧ରୁ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ଗାଇଡ୍‌ଲାଇନ ପ୍ରସ୍ତୁତ କରି ନ ଥିବାରୁ ଜଷ୍ଟିସ୍ ସଞ୍ଜୟ କଶନ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ଚିନ୍ତାବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ସାନି ଗାଇଡଲାଇନ୍ ନ ଆଣିବା ପର୍ଯ୍ୟନ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଡିଜିଟାଲ ଉପକରଣ ତଲାସି କିମ୍ବା ଜବତ ବେଳେ ସିବିଆଇ ମାନୁଆଲ୍‌କୁ କଡ଼ାକଡ଼ି ପାଳନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।



୨୦୦୧ ଆତଙ୍କବାଦୀ ଆକ୍ରମଣର ବର୍ଷ ପୂର୍ତ୍ତିରେ ଲୋକ ସଭାରେ ସୁରକ୍ଷା ବିଭ୍ରାଟର ଦିନକ ପରେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ସଶସ୍ତ୍ର ଯବାନମାନେ ପାଟ୍ରୋଲିଂ କରୁଛନ୍ତି।

# ୬୪ ମୃତଦେହ ପରିବାରକୁ ହସ୍ତାନ୍ତର

**ଇମ୍ଫାଲ,୧୪।୧୨(ପି.ଟି.)**

## ମଣିପୁର ହିଂସା



ମଣିପୁରରେ ଗତ ମେ' ମାସରେ ଦେଖାଦେଇଥିବା ଜାତିଆଣ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଶବାଗାରରେ ପଡ଼ିରହିଥିବା ୬୪ ମୃତଦେହକୁ କଡ଼ା ସୁରକ୍ଷା ମଧ୍ୟରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୬୦ କୁକି ସମ୍ପ୍ରଦାୟ ସଦସ୍ୟଙ୍କ ମୃତଦେହକୁ ଜେଏନ୍‌ଆଇଏମ୍‌ଏସ୍ ଏବଂ ଆର୍‌ଆଇଏମ୍‌ଏସ୍ ହସ୍ପିଟାଲରେ ରଖାଯାଇଥିଲା। ମଣିପୁର ପୋଲିସ ଏବଂ ସେନାର ଆସାମ ରାଇଫଲ୍ସ ୟୁନିଟ୍ ଯବାନମାନଙ୍କ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେଗୁଡ଼ିକୁ ବିମାନରେ ନିଆଯାଇଥିଲା। ସେହିପରି ଚୁରାଚାନ୍ଦପୁର ଶବାଗାରରେ ଥିବା ମେଇତି ସମ୍ପ୍ରଦାୟର ୪ ଜଣଙ୍କ ମୃତଦେହକୁ ମଧ୍ୟ ଇମ୍ଫାଲ ଅଣାଯାଇ ଶେଷକୃତ୍ୟ ଲାଗି ସେମାନଙ୍କ ପରିବାର ସଦସ୍ୟଙ୍କୁ ଦିଆଯାଇଛି। ହିଂସାଗ୍ରସ୍ତ ମଣିପୁରରେ ଘଟିଥିବା ହିଂସାକାଣ୍ଡର ତଦନ୍ତ, ପ୍ରତିକାର ବ୍ୟବସ୍ଥା, କ୍ଷତିପୂରଣ ଏବଂ ଥଇଥାନ କାର୍ଯ୍ୟର ତଦାରଖ ଲାଗି ସୁପ୍ରିମକୋର୍ଟ ଗତ ଅଗଷ୍ଟରେ ୩ ହାଇକୋର୍ଟ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିରେ ଜଷ୍ଟିସ୍ ଗୀତା ମିତ୍ତଲ, ଶାଳିନୀ ଜୋଷୀ ଏବଂ ଆଶା ମେନନ ଅଛନ୍ତି। କମିଟିର ସୁପାରିସ୍‌କ୍ରମେ ଶବାଗାରରେ ପଡ଼ିରହିଥିବା ମୃତଦେହଗୁଡ଼ିକର କବର କିମ୍ବା ଶେଷକୃତ୍ୟ ଲାଗି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିବା ନିମନ୍ତେ ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିବାର ସଦସ୍ୟ ମୃତଦେହକୁ ଗ୍ରହଣକରି ସେଗୁଡ଼ିକର ଶେଷକୃତ୍ୟ କରିପାରନ୍ତି। ଏଥିପାଇଁ ୯ଟି କବରସ୍ଥାନ ଚିହ୍ନଟ କରାଯାଇଥିଲା। ଯଦି କୌଣସି ପରିବାର ମୃତଦେହ ନେବାକୁ ନ ଚାହାନ୍ତି, ତେବେ ସରକାର ମ୍ୟୁନିସିପାଲ ଆଇନ ଅନୁଯାୟୀ ଶେଷକୃତ୍ୟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଚୁରାଚାନ୍ଦପୁର ଶବାଗାରରେ କୁକି ସମ୍ପ୍ରଦାୟର ୨୪ ଜଣଙ୍କ ମୃତଦେହ ପଡ଼ିରହିଥିଲେ ମଧ୍ୟ ସେଗୁଡ଼ିକୁ କବର ଦେବାକୁ ନେବା ପାଇଁ ଆଦିବାସୀମାନେ ମନା କରିଦେଇଥିଲେ। ଜାତିଆଣ ହିଂସାରେ ୧୭୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେଥିରୁ ୧୬୯ ମୃତଦେହ ଚିହ୍ନଟ ହୋଇଥିଲା ଏବଂ ସେଥିରୁ ମାତ୍ର ୮୧ଟିକୁ ନେବା ପାଇଁ ସେମାନଙ୍କ ପରିବାର ଦାବି କରିଥିଲେ। ଦାବିଦାର ନ ଥିବା ୯୪ ମୃତଦେହକୁ ବିଭିନ୍ନ ଶବାଗାରରେ ରଖାଯାଇଥିଲା। ଦୀର୍ଘଦିନ ଧରି ଏତେସଂଖ୍ୟାରେ ମୃତଦେହ ସଂରକ୍ଷଣ କରି ରଖିବା ସରକାରଙ୍କ ଅଯଥା ଅର୍ଥବ୍ୟୟ ଏବଂ ଶେଷକୃତ୍ୟ କରା ନ ଯିବା ମୃତଦେହଗୁଡ଼ିକ ପ୍ରତି ଅସମ୍ମାନ ବୋଲି କମିଟି ତାଙ୍କ ରିପୋର୍ଟରେ କହିଥିଲେ।

# 'ମୃତ ମହିଳା' ୨୪ ମିନିଟ୍‌ରେ ଉଠି ବସିଲେ

**ୱାଶିଂଟନ,୧୪।୧୨**

ଆମେରିକାର ଜଣେ ମହିଳା ତାଙ୍କ ଆସନ୍ନ ମୃତ୍ୟୁର ଅଭିଜ୍ଞତାକୁ ଶେୟାର କରିଛନ୍ତି। ଅଥର ଲୌରେନ୍ କାନାଡେ ନାମ୍ନୀ ଉକ୍ତ ମହିଳାଙ୍କ ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯିବାରୁ ଡାକ୍ତର ତାଙ୍କୁ କ୍ଲିନିକାଲି ମୃତ ଘୋଷଣା କରିଥିଲେ। ଅଥଚ ୨୪ ମିନିଟ୍ ପରେ ମହିଳା ଜଣକ ଉଠି ବସିଥିଲେ ଓ ସେ ଗତ ସପ୍ତାହର ସ୍ମୃତିକୁ ଭୁଲିଯାଇଥିବା କହିଥିଲେ। ରେଡିଟ୍ ନାମକ ନ୍ୟୁଜ୍ ନେଟ୍‌ୱର୍କରେ ପ୍ରସାରିତ 'ଆସ୍କ ମି ଏନିଥିଙ୍ଗ' ସେସନ୍‌ରେ କାନାଡେ ଫେବୃୟାରୀ ମାସର ଉପରୋକ୍ତ ଘଟଣା ପ୍ରଘଟ କରିଛନ୍ତି। ତାଙ୍କୁ ହସ୍ପିଟାଲ ନିଆଯିବା ପରେ ସେ ୨ ଦିନ କୋମାରେ ଥିଲେ। କ୍ଲିନିକାଲି ମୃତ ଘୋଷଣା ପରେ ତାଙ୍କ ସ୍ୱାମୀ ତୁରନ୍ତ ସିପିଆର୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଯୋଧ୍ୟା ରାମମନ୍ଦିର ମୂର୍ତ୍ତି ନିର୍ମାଣ କରିଛନ୍ତି ମୁସଲମାନ କାରିଗର

**କୋଲକାତା,୧୪।୧୨(ପି.ଟି.)**



ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ୨ ଜଣ ମୁସଲମାନ କାରିଗର ଅଯୋଧ୍ୟା ରାମମନ୍ଦିର ପାଇଁ ଭଗବାନ ରାମଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ମହମ୍ମଦ ଜମାଲୁଦ୍ଦିନ ଓ ତାଙ୍କ ପୁଅ ଦୀର୍ଘଦିନ ଧରି ଏହି ମୂର୍ତ୍ତି ନିର୍ମାଣରେ ନିୟୋଜିତ ଥିଲେ। ସେମାନଙ୍କ କାରିଗରି କାର୍ଯ୍ୟ ସମ୍ପର୍କରେ ଅନ୍‌ଲାଇନରୁ ଜଣାପଡ଼ିବା ପରେ ରାମଙ୍କ ମୂର୍ତ୍ତି ନିର୍ମାଣ ଲାଗି ଅଯୋଧ୍ୟାରୁ ଅର୍ଡର ମିଳିଥିଲା। ଜଣେ ବ୍ୟକ୍ତି ଆକାରର ଫାଇବର ମୂର୍ତ୍ତି ନିର୍ମାଣ ଲାଗି ପ୍ରାୟ ୨.୮ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। ତେବେ ଏହି ମୁସଲମାନ ବାପପୁଅଙ୍କ ସୂକ୍ଷ୍ମ କାରିଗର ଯୋଗୁ ମୂଲ୍ୟ କମ୍ ହୋଇପାରିଛି। ଏହି ନିର୍ମାଣ କାର୍ଯ୍ୟ ନେବା ପାଇଁ ଆପଣ ନିଶ୍ଚିତ ନୁହନ୍ତି କି ବୋଲି ପ୍ରଶ୍ନ ହେବାରୁ ଜମାଲୁଦ୍ଦିନ କହିଥିଲେ, ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର। ଦେଶରେ ବିଭିନ୍ନ ଧର୍ମର ଲୋକ ଅଛନ୍ତି। ସରଳ ବାର୍ତ୍ତା ହେଲା ସମ୍ପ୍ରଦାୟବାଦ ବେଳେ ଆମେ ସମସ୍ତେ ଏକାଠି ରହିଥାଉ। ଭଗବାନ ରାମଙ୍କ ମୂର୍ତ୍ତି ନିର୍ମାଣ କରୁଥିବାରୁ ସେ ବହୁତ ଖୁସି ଅନୁଭବ କରୁଛି। ଜଣେ କାରିଗର ଭାବେ ଏହି ମୂର୍ତ୍ତି ହେଉଛି ମୋର ଭ୍ରାତୃତ୍ୱର ବାର୍ତ୍ତା ବୋଲି ଜମାଲୁଦ୍ଦିନ କହିଛନ୍ତି। ସେ ପୂର୍ବରୁ ମା' ଦୁର୍ଗା ଓ ଜଗଧାତ୍ରୀଙ୍କର ବିଶାଳ ମୂର୍ତ୍ତି ନିର୍ମାଣ କରି ବହୁ ଲୋକପ୍ରିୟତା ଅର୍ଜନ କରିଛନ୍ତି।

# ୨୪ ଘଣ୍ଟାରେ ସିନ୍ଧୁରୀଙ୍କ ଫଟୋ ହଟାଇବେ ରୂପା

**ନୂଆଦିଲ୍ଲୀ,୧୪।୧୨**

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ରୋହିଣୀ ସିନ୍ଧୁରୀ ଓ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଡି. ରୂପାଙ୍କ ମଧ୍ୟରେ ଲାଗିରହିଥିବା ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ଉଦ୍ୟମ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ସିନ୍ଧୁରୀଙ୍କ ସମସ୍ତ ଫଟୋକୁ ୨୪ ଘଣ୍ଟା ଭିତରେ ଡିଲିଟ୍ କରିବାକୁ ଗୁରୁବାର ଶୀର୍ଷ ଅଦାଲତ ରୂପାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସବୁ ଫଟୋକୁ ଡିଲିଟ୍ କରି ପାରୁନାହାନ୍ତି ତେବେ ରୂପା ଅନ୍ତତଃ ଏକ ପୋଷ୍ଟ କରନ୍ତୁ। ସିନ୍ଧୁରୀଙ୍କ ବିରୋଧରେ ସେ ଦେଇଥିବା ସମସ୍ତ ପ୍ରତିକ୍ରିୟାକୁ ପ୍ରତ୍ୟାହାର କରୁଛନ୍ତି ବୋଲି ଉକ୍ତ ପୋଷ୍ଟରେ ଉଲ୍ଲେଖ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ଚଳିତ ବର୍ଷ ପ୍ରାରମ୍ଭରେ କର୍ଣ୍ଣାଟକର ଦୁଇ ଅଫିସର ଆଇପିଏସ୍ ରୂପା ଏବଂ ଆଇଏଏସ୍ ସିନ୍ଧୁରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପୋଲିସ ଅଧିକାରୀ ରୂପା ପ୍ରଶାସନିକ ଅଧିକାରୀ ସିନ୍ଧୁରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ସୋସିଆଲ ମିଡିଆରେ ତାଙ୍କର କେତେକ ବ୍ୟକ୍ତିଗତ ଫଟୋ ପୋଷ୍ଟ କରିଥିଲେ। ଫଳରେ ସିନ୍ଧୁରୀ ରୂପାଙ୍କ ବିରୋଧରେ ଦେୱାନୀ ଓ ଆପରାଧିକ ମାନହାନି ମକଦ୍ଦମା କରିଥିଲେ। ବୁଧବାର ସୁପ୍ରିମକୋର୍ଟ ଉଭୟ ଅଧିକାରୀଙ୍କୁ ମଧ୍ୟସ୍ଥଙ୍କ ଜରିଆରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିବା ନେଇ ଗୁରୁବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଥିଲା। ସିନ୍ଧୁରୀଙ୍କ ଦ୍ୱାରା ଦାଖଲ ଆପରାଧିକ ମାନହାନି ପିଟିଶନକୁ ଖାରଜ କରିବା ପାଇଁ ରୂପା ନିବେଦନ କରିଥିଲେ। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ପଙ୍କଜ ମିଥଲଙ୍କୁ ନେଇ ଗଠିତ ଖଣ୍ଡପୀଠ କୋର୍ଟରୁମ୍‌ରେ ଦୁଇ ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଣାଣି କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଫିସର ଦ୍ୱୟ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରି ନ ପାରିବା ଦୁର୍ଭାଗ୍ୟଜନକ। ଯଦି ଆଇଏଏସ୍-ଆଇପିଏସ୍ ଅଫିସର ପରସ୍ପର ବିରୋଧରେ ଏଭଳି ଲଢ଼େଇ କରିବେ ତେବେ ପ୍ରଶାସନ କିପରି ଚାଲିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଜଷ୍ଟିସ୍ ଓକା କହିଥିଲେ, ଏବେ ଏହି ପ୍ରସଙ୍ଗରେ ମେରିଟ୍ ଅନୁସାରେ ଶୁଣାଣି କରାଯିବ।

ସିନ୍ଧୁରୀ କହିଥିଲେ, ରୂପା ସୋସିଆଲ ମିଡିଆରେ ତାଙ୍କ ଫଟୋ ପୋଷ୍ଟ କରି ଚରିତ୍ର ହନନ କରିଛନ୍ତି। ତାଙ୍କ ପରିବାରକୁ ବିବାଦ ଭିତରକୁ ରୂପା କାହିଁକି ଟାଣିଛନ୍ତି। ଫଟୋଗୁଡ଼ିକୁ ଦେଖି ତାଙ୍କ ୧୦ ବର୍ଷର ପୁଅ ପ୍ରଶ୍ନ କରୁଛି। ସେ କର୍ଣ୍ଣାଟକରେ କିପରି କାମ କରିପାରିବେ। ଏହା ଶୁଣିବା ପରେ ଖଣ୍ଡପୀଠ ରୂପାଙ୍କୁ ପଚାରିଥିଲେ, ସେ ସିନ୍ଧୁରୀଙ୍କ ବିରୋଧରେ କୌଣସି ଦୁର୍ନୀତି ମାମଲାର ତଦନ୍ତ କରୁଛନ୍ତି କି। ରୂପା ମନା କରିବାରୁ ଜଷ୍ଟିସ୍ ଓକା କହିଥିଲେ, ଅନ୍ୟ ଜଣେ ଆଣିଥିବା ଅଭିଯୋଗକୁ ନେଇ ଆପଣ କାହିଁକି ଚିନ୍ତିତ। ସିନ୍ଧୁରୀଙ୍କ ଆପତ୍ତିଜନକ ଫଟୋଗୁଡ଼ିକୁ ସାମାଜିକ ଗଣମାଧ୍ୟମରୁ ୨୪ ଘଣ୍ଟା ଭିତରେ ହଟାନ୍ତୁ। ଆମେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହୁଁଛୁ। ସେଥିପାଇଁ ଏହାର ଶୁଣାଣି କରୁଛୁ। ଆମେ ଅନୁଗ୍ରହ ଦେଖାଇ ଆପଣଙ୍କ ଆବେଦନର ଶୁଣାଣି କରୁଛୁ ବୋଲି ମନେକରନ୍ତୁ ନାହିଁ। ଆମେ ସେପରି କରୁନାହୁଁ। କେବଳ ରାଜ୍ୟର ପ୍ରଶାସନିକ ସ୍ୱାର୍ଥ ପାଇଁ ଶୁଣାଣି କରୁଛୁ ବୋଲି ରୂପାଙ୍କୁ ଜଷ୍ଟିସ୍ ଓକା କହିଥିଲେ।

ଜଷ୍ଟିସ୍ ଓକା ଆହୁରି କହିଥିଲେ, ଭାବପ୍ରବଣତାର କୌଣସି ସ୍ଥାନ ନାହିଁ। କିନ୍ତୁ ଏହା ଲାଗିରହିଲେ ଉଭୟେ ବହୁ ସମୟ ଓ ଶକ୍ତି ଅପଚୟ କରିଥିବା ୧୦-୧୫ ବର୍ଷ ପରେ ଦୁଇ ଅଫିସର ବୁଝିପାରିବେ। ସେତେବେଳେ ଉଭୟେ ପରସ୍ପର ଉପରେ ଦୋଷ ଲଦିବେ। ରୂପା କେଉଁ ପ୍ରକାର ପୋଷ୍ଟଗୁଡ଼ିକୁ ଡିଲିଟ୍ କରିଛନ୍ତି ଶୁକ୍ରବାର ଏକ ସତ୍ୟପାଠ ଦାଖଲକରି କୋର୍ଟଙ୍କୁ ଅବଗତ କରାଇବେ। କୌଣସି କାରଣବଶତଃ ସେ ଡିଲିଟ୍ କରିପାରି ନ ଥିଲେ ସିନ୍ଧୁରୀଙ୍କ ବିରୋଧରେ ଯାହା କରିଛନ୍ତି ତାହା ଭୁଲ୍ ବୋଲି କ୍ଷମା ମାଗିବା ସହ ଅନ୍ତତଃ ସ୍ପଷ୍ଟୀକରଣ ଦେବେ।

## ଆଇପିଏସ୍-ଆଇଏଏସ୍ ଅଫିସର କଳି



ଡି. ରୂପା



ରୋହିଣୀ ସିନ୍ଧୁରୀ

# ମହାପ୍ରଭୁଙ୍କ ମୂଷିକ ଭକ୍ତ

## ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମୁଣ୍ଡିଆ ମାରିଲେ



ସିଂହଦ୍ୱାର ସମ୍ମୁଖରେ ୨ ଚର୍ଚ୍ଚିତ ମୂଷା ମୁଣ୍ଡିଆ ମାରୁଛନ୍ତି।

**ପୁରୀ,୧୪।୧୨(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେବତା, ଦାନବ, ଯକ୍ଷ, ମାନବ ଯେପରି ଆତୁର ହୋଇଥାନ୍ତି, ସେହିପରି ପଶୁପକ୍ଷୀ ମଧ୍ୟ ତାଙ୍କ ଆଶିଷ ଲାଭ କରିବା ପାଇଁ ବ୍ୟାକୁଳ ହୋଇ ଉଠିଥାନ୍ତି। କେବଳ ମଣିଷ ନୁହେଁ କ୍ଷୁଦ୍ର ପ୍ରାଣୀ ଓ କୀଟ ମଧ୍ୟ ମହାପ୍ରଭୁଙ୍କ ଭକ୍ତ। ଏହାର ଏକ ନିଆରା ଉଦାହରଣ ଗୁରୁବାର ସକାଳେ ଶ୍ରୀମନ୍ଦିର ପରିସରରେ ଦେଖିବାକୁ ମିଳିଛି। ଦୁଇଟି ମୂଷା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମୁଣ୍ଡିଆ ମାରିବା ସହ 'ଜୟ ଜଗନ୍ନାଥ' କହିଲେ ଚୁଁ ଚୁଁ କରିବା ଦୃଶ୍ୟ ସମସ୍ତଙ୍କୁ ଯେତିକି ବିସ୍ମିତ କରିଛି, ସେତିକି ଭାବବିହ୍ୱଳ ମଧ୍ୟ କରିପକାଇଛି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର କୋଲକାତାରୁ ଜଣେ ମହିଳା ଭକ୍ତ ପୁରୀ ବୁଲିବାକୁ ଆସିଥିଲେ। ସେ ତାଙ୍କ ସହିତ ଦୁଇଟି ମୂଷା ଆଣିଥିଲେ। ତନ୍ମଧ୍ୟରୁ ଗୋଟିଏ କଳା ଓ ଅନ୍ୟଟି ଧଳା ରଙ୍ଗର ଥିଲା। ସ୍ନେହରେ ଦୁହିଁଙ୍କୁ 'ଗୋଲୁ ମୋଲୁ' ଡାକୁଥିଲେ। ଉଭୟଙ୍କୁ ସେ ଶୀତବସ୍ତ୍ର ପିନ୍ଧାଇଥିଲେ। ଅନ୍ୟ ମୂଷାଙ୍କ ଠାରୁ ଉକ୍ତ ମୂଷା ଦ୍ୱୟ ଭିନ୍ନ ବୋଲି ସେ କହିଥିଲେ। କାରଣ ସେ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ପ୍ରଣିପାତ କଲା ଭଳି ମୂଷା ଦ୍ୱୟ ମୁଣ୍ଡିଆ ମାରିଥିଲେ। ଏପରି କି ସେ 'ଜୟ ଜଗନ୍ନାଥ' କହିଲେ ମୂଷା ଦୁଇଟି ଚୁଁ ଚୁଁ ଶବ୍ଦ ☞ପୃଷ୍ଠା-୨

# ମୁହଁ ଖୋଲିବାରୁ ନିଲମ୍ବିତ

## ଲୋକ ସଭାରୁ ୧୩, ରାଜ୍ୟ ସଭାରୁ ଓ'ବ୍ରାଏନ୍

**ନୂଆଦିଲ୍ଲୀ,୧୪।୧୨(ପି.ଟି.)**

ସଂସଦୀୟ ସୁରକ୍ଷାରେ ବଡ଼ ବିଭ୍ରାଟ ପରିଲକ୍ଷିତ ହେବାର ଦିନକ ପରେ ଗୃହକାର୍ଯ୍ୟ ଚଳାଇବାରେ ବାଧା ଦେବା ଅଭିଯୋଗରେ ଲୋକ ସଭାର ୧୩ ଓ ରାଜ୍ୟ ସଭାର ଜଣେ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଗୁରୁବାର ଲୋକ ସଭାରୁ ନିଲମ୍ବିତ ସଦସ୍ୟଙ୍କ ମଧ୍ୟରେ କଂଗ୍ରେସର ୯, ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)ର ୨, ଦ୍ରାବିଡ ମୁନେତ୍ରା କାଝାଗମ (ଡିଏମ୍‌କେ)ର ୧ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜଣେ ରହିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍‌ଙ୍କ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୪ ଏମ୍‌ପିଙ୍କ ବିରୋଧରେ ଏହି ନିଲମ୍ବନ ଚଳିତ ଅଧିବେଶନ ଶେଷ ହେବା ଅର୍ଥାତ୍ ଡିସେମ୍ବର ୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ସୁରକ୍ଷାରେ ତ୍ରୁଟିକୁ ନେଇ ପ୍ରଶ୍ନ ଉଠାଇବାରୁ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳଗୁଡ଼ିକ 'ଗଣତନ୍ତ୍ରର ହତ୍ୟା' ଭାବେ ଅଭିହିତ କରିବା ସହ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ପାର୍ଲାମେଣ୍ଟକୁ ଏକ 'ରବର ଷ୍ଟାମ୍ପ'ରେ ପରିଣତ କରିଦେଇଛି ବୋଲି ସେମାନେ ସମାଲୋଚନା କରିଛନ୍ତି।




ରାଜ୍ୟ ସଭାରୁ ଗୁରୁବାର ନିଲମ୍ବିତ ହେବା ପରେ ଟିଏମ୍‌ସି ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ସଂସଦ ପରିସରରେ ମୌନବ୍ରତ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ତାଙ୍କ ସହ କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ଉପସ୍ଥିତ ଅଛନ୍ତି।

ବୁଧବାର ପାର୍ଲାମେଣ୍ଟ ଶୀତ ଅଧିବେଶନର ଅଷ୍ଟମ ଦିନରେ ଲୋକ ସଭାରେ ଶୂନ୍ୟକାଳ ଚାଲିଥିବାବେଳେ ଡି. ମନୋରଞ୍ଜନ ଓ ସାଗର ଶର୍ମା ନାମକ ଦୁଇଜଣ ବିକ୍ଷୋଭକାରୀ ଦର୍ଶକ ଗ୍ୟାଲେରିରୁ ହଠାତ୍ ଚାମ୍ବରକୁ ଡେଇଁଥିଲେ। ଜଣେ ଏମ୍‌ପିମାନଙ୍କ ଟେବୁଲ ଉପରେ ଧାଇଁବାରେ ଲାଗିଥିବାବେଳେ ଆଉ ଜଣେ ତଳେ ଦୌଡୁଥିଲେ। ଉଭୟେ ନିଜ ଜୋତାରେ ଲୁଚାଇ ନେଇଥିବା କ୍ୟାନ୍‌ରୁ ଗୃହରେ ହଳଦିଆ ରଙ୍ଗର ଧୂଆଁ ଛାଡ଼ିଥିଲେ। ଏମ୍‌ପିମାନେ ଦୁହିଁଙ୍କୁ କାବୁ କରିବା ପରେ ସୁରକ୍ଷା କର୍ମୀଙ୍କ ଜିମା ଦେଇଥିଲେ। ଏହି ୨ ଜଣଙ୍କ ସମେତ ୫ ଅଭିଯୁକ୍ତଙ୍କ ଗିରଫଦାରି ପରେ ୭ ଦିନିଆ ପୋଲିସ ହାଜତକୁ ପଠାଯାଇଛି। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ ହୋଇଛି। କିନ୍ତୁ ଏହାର ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଧରିପାରିନାହିଁ। ୨୦୦୧ ଡିସେମ୍ବର ୧୩ରେ ସଂସଦ ଭବନ ଉପରେ ହୋଇଥିବା ଆକ୍ରମଣକୁ ବୁଧବାର ଠିକ୍ ୨୨ ବର୍ଷ ପୂରିଥିବାବେଳେ ଏହି ଉପଦ୍ରବ ସଂସଦୀୟ ସୁରକ୍ଷା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। କାରଣ କର୍ନାଟକର ମହୀଶୂରରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ଭାଜପା ସଦସ୍ୟ ପ୍ରତାପ ସିମ୍ହାଙ୍କ ଭିଜିଟର୍ସ ପାସ୍‌ରେ ଅଭିଯୁକ୍ତ ଦ୍ୱୟ ପାର୍ଲାମେଣ୍ଟରେ ଅନୁପ୍ରବେଶ କରି ଏପରି କାଣ୍ଡ ଭିଆଇବାରେ ସକ୍ଷମ ହୋଇଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ୮ ସୁରକ୍ଷା କର୍ମୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ରାମପାଳ, ଅରବିନ୍ଦ, ବୀର ଦାସ, ଗଣେଶ, ଅନିଲ, ପ୍ରଦୀପ, ଭିମିତ୍ ଓ ନରେନ୍ଦ୍ର।

ଗୁରୁବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳର ସଦସ୍ୟମାନେ ସୁରକ୍ଷା ବିଭ୍ରାଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ସେମାନେ ଗୃହର ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଫଳରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ଶାସକ-ବିରୋଧୀଙ୍କ ହୋହଲ୍ଲା ଭିତରେ ଅପରାହ୍ନ ୨ଟାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସରକାରଙ୍କ ପକ୍ଷରୁ ଏକ ଲିଖିତ ବିବୃତି ପଢ଼ି ଶୁଣାଇଥିଲେ। ସେ କହିଥିଲେ, ପାର୍ଲାମେଣ୍ଟର ସୁରକ୍ଷା ବାଚସ୍ପତିଙ୍କ ଅଧୀନରେ ଆସୁଛି। ଏହା ପରେ ଜୋଷୀ ଏମ୍‌ପିମାନଙ୍କୁ ନିଲମ୍ବନ କରିବା ପାଇଁ ଉଦ୍ଦିଷ୍ଟ ୨ଟି ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବ ଅନୁସାରେ ଅଶୋଭନୀୟ ଆଚରଣ ପାଇଁ ନିଲମ୍ବିତ ହୋଇଥିବା ସଦସ୍ୟମାନେ ☞ପୃଷ୍ଠା-୨

# ଛିଙ୍କ ଅଟକାଇଲେ ବିପଦ

**ଭୁବନେଶ୍ୱର, ୧୪।୧୨ (ବନ୍ଦନା ସେଠୀ)**

ଛିଙ୍କ ଆସିଲେ ତାହାକୁ ଅଟକାଇବା ଉଚିତ ନୁହେଁ। ଛିଙ୍କକୁ ରୋକିବାକୁ ଚେଷ୍ଟା କଲେ ଏହା ନିଜ ପାଇଁ ବିପଜ୍ଜନକ ସାଜିପାରେ। ଏପରି କି ଜୀବନ ମଧ୍ୟ ଚାଲି ଯାଇପାରେ ବୋଲି ଡାକ୍ତରମାନେ କହିଛନ୍ତି। ଲାଇଭ୍ ସାଇନ୍ସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଛିଙ୍କ ଚାପିବାରୁ ଜଣେ ବ୍ୟକ୍ତିଙ୍କର ଶ୍ୱାସନଳୀ ଫାଟି ଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଜଣକ ନିଜ କାର ଚଳାଇବା ସମୟରେ ପ୍ରଥମେ ଜ୍ୱର ଅନୁଭବ କରିଥିଲେ। ପରେ ପରେ ତାଙ୍କୁ ଛିଙ୍କ ଲାଗିଥିଲା। ମାତ୍ର ବ୍ୟକ୍ତିଜଣକ ଛିଙ୍କ ହେବାକୁ ନ ଦେଇ ନାକକୁ ଚାପି ପାଟି ବନ୍ଦ କରିଦେଇଥିଲେ। ଫଳରେ ଛିଙ୍କର ପ୍ରବଳ ପ୍ରେସରକୁ ତାଙ୍କ ଶ୍ୱାସନଳୀ ସମ୍ଭାଳି ନ ପାରି ଫାଟି ଯାଇଥିଲା। ଏହା ବିଶ୍ୱରେ ପ୍ରଥମ ଘଟଣା ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## କମ୍ ଖର୍ଚ୍ଚରେ ଜୀବନରକ୍ଷା








Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22) ^Mileage as per third party testing under standard conditions. **#HIPL stands for High Intensity Position Lamp.** **Finance offer is at the sole discretion of the Financier, subject to its respective T&Cs. Available at select dealerships.*Ex showroom price of Super Splendor XTEC Drum in Bhubaneswar.

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph- 6372753989.

WT.5676.2023ORI

**ଆଜିର ମନ୍ତବ୍ୟ**

"ଚନ୍ଦ୍ରୟାନ-୩ର ସଫଳତା ପରେ ଚନ୍ଦ୍ରାଭିଯାନ ଶେଷ ହୋଇଯାଇନି। ଆଗକୁ ଚନ୍ଦ୍ରପୃଷ୍ଠରୁ ପଥର ଆଣିବା ପାଇଁ ଆମ ସ୍ପେସ୍ ଏଜେନ୍ସି ଯୋଜନା ଚଳାଇଛି।"
– ଏସ୍. ସୋମନାଥନ୍, ଇସ୍ରୋ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁଳେଇ ଢୁଳେଇ ଚାଲଇ ବାଟ**
**କିସ ହେବ ମାରି ତେନ୍ତୁଳି ଛାଟ?**

ବ୍ୟକ୍ତି ଯେତେବେଳେ ଅର୍ଦ୍ଧନିଦ୍ରିତ ଅବସ୍ଥାରେ ଥାଏ, ସେତେବେଳେ ସେ ଆଦୌ ସଚେତନ ନ ଥାଏ। ଏପରି ସ୍ଥିତିରେ ସେ କୌଣସି କାର୍ଯ୍ୟ ଠିକ୍ ବା ସୁଚାରୁରୂପେ ତୁଲାଇବାକୁ ସକ୍ଷମ ହୋଇନଥାଏ। ତେଣୁ ଏହି ଅବସ୍ଥାରେ ତାକୁ ଯେତେ ତାଗିଦା ବା ଆକଟ କଲେ ମଧ୍ୟ ସେଥିରେ କିଛି ଲାଭ ମିଳିନଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୀର୍ଥ ପାଣି ଗୋଳିଆ**
**କୁଳ କନ୍ୟା କାଳିଆ।**

ତୀର୍ଥ ପାଣି ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଏ। ସେହିପରି ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭିଜିଲାନ୍ସ ଜାଲରେ ସେକ୍ସନ୍ ଅଫିସର

- ୮ ହଜାର ଲାଞ୍ଚ ନେଇ ଗିରଫ ହେଲେ
- ବାସଭବନ, ଅଫିସ୍‌ରେ ଚଢ଼ାଉ

ଭୁବନେଶ୍ୱର,୧୪।୧୨ (ସତ୍ୟଜିତ୍ ରାଉତ)

୮ ହଜାର ଟଙ୍କା ଲାଞ୍ଚ ନେଇ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ଜଳସେଚନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସେକ୍ସନ୍ ଅଫିସର ଶୁଭକାନ୍ତ ସ୍ୱାଇଁ ଗୁରୁବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୫/୨୦୨୩) ରୁଜୁ କରାଯାଇ ଶୁଭକାନ୍ତଙ୍କୁ ଗିରଫ କରାଯାଇଛି। ଏହାପରେ ଅଭିଯୁକ୍ତ ଶୁଭକାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରେ ଭିଜିଲାନ୍ସ ପକ୍ଷରୁ ଶୁଭକାନ୍ତଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ଝରଣାସାହିରେ ଥିବା ତାଙ୍କ ବାସଭବନ ଓ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟସ୍ଥିତ ତାଙ୍କ ଚାମ୍ବରରେ ଚଢ଼ାଉ କରାଯାଇଥିବା ସୂଚନା ଦିଆଯାଇଛି। ଅଭିଯୋଗକାରୀ ଭୁବନେଶ୍ୱରର କୁନା ପ୍ରଧାନଙ୍କ ଏତଲା ଆଧାରରେ ଭିଜିଲାନ୍ସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ଶୁଭକାନ୍ତ ସ୍ୱାଇଁ

ସୂଚନା ଅନୁଯାୟୀ, କୁନାଙ୍କ ଭାଇ କଣ୍ଟ୍ରାକ୍ଟର ଲାଇସେନ୍ସ ପାଇଁ କ୍ଷୁଦ୍ର ଜଳସେଚନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏଥିପାଇଁ ଶୁଭକାନ୍ତ ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଫାଇଲ କାମ ହେବ ନାହିଁ ବୋଲି ଶୁଭକାନ୍ତ କହିଥିଲେ। ଫଳରେ କୁନା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ କୁନାଙ୍କଠାରୁ ଶୁଭକାନ୍ତ ଅଫିସ ରୁମ୍‌ରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ଦ୍ୱାରା ଧରା ପଡ଼ିଥିଲେ।

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

## ଛାତ୍ର ହଣ୍ଡା ମାଜିବା ଘଟଣା

ଭୁବନେଶ୍ୱର, ୧୪।୧୨ (ଅନୁରାଧା ମହାରଣା)

ବିଜ୍ଞାନ ମେଳାକୁ ଆସି ଦୟାନଦୀରେ ଜଣେ ଛାତ୍ର ହଣ୍ଡା ମାଜିବା ଘଟଣାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ଏଥିପାଇଁ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ପୁରୀ ଜିଲା ଅନ୍ତର୍ଗତ କଣାସ ବ୍ଲକ୍ ଅଧୀନ ଦୟାବିହାରସ୍ଥିତ ବେଣାଗାଁ ଦୁର୍ଗାଦେବୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଜେନାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଦୁଇଦିନ ମଧ୍ୟରେ ଏହାର ସନ୍ତୋଷଜନକ ଉତ୍ତର ନ ଦେଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ଦାଶ ଜଣାଇଛନ୍ତି।

# ପିଇଟି ନିଯୁକ୍ତି ଫଳ ପ୍ରକାଶିତ

ଭୁବନେଶ୍ୱର, ୧୪।୧୨ (ଅନୁରାଧା ମହାରଣା)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପକ୍ଷରୁ ଶୁକ୍ରବାର ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ନିଯୁକ୍ତି ସମ୍ପର୍କିତ ପ୍ରୋଭିଜନାଲ ଫଳ ପ୍ରକାଶ ପାଇଛି। ୮୪୧ଟି ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିବାବେଳେ ୪୫୨ ପ୍ରାର୍ଥୀ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ନିଯୁକ୍ତି ଫଳ ସମ୍ବନ୍ଧିତ ସବିଶେଷ ଫଳ ଓଏସ୍‌ଏସ୍‌ସିର ୱେବ୍‌ସାଇଟ www.ossc.gov.inରେ ଉପଲବ୍ଧ ହେଉଛି। ଏହି ପରୀକ୍ଷା ପାଇଁ ପ୍ରାଥମିକ ଓ ଲିଖିତ ପରୀକ୍ଷା ପରେ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। କମିଶନ ପକ୍ଷରୁ ଏହି ପଦବୀ ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀଙ୍କ ସହ ସଫଳ ପ୍ରାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ତ୍ରି-ଦିବସୀୟ ଇ-ଗଭର୍ନାନ୍ସ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୨ (ଅନିଲ ଦାସ)

ଜିଲା ସୂଚନା ବିଜ୍ଞାନ ପଦାଧିକାରୀ ଏବଂ ସହକାରୀ ଜିଲା ସୂଚନା ବିଜ୍ଞାନ ପଦାଧିକାରୀମାନଙ୍କ ପାଇଁ ତ୍ରି-ଦିବସୀୟ ଇ-ଗଭର୍ନାନ୍ସ ରାଜ୍ୟସ୍ତରୀୟ ସମ୍ମିଳନୀ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି)ଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଏନଆଇସିର ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ରହିଛି। ଜିଲାସ୍ତରରେ ଏନ୍‌ଆଇସି ବହୁତ ଭଲ କାମ କରିଛି। ଜିଲାପାଳମାନଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ଅନେକ କାର୍ଯ୍ୟ ସମ୍ପାଦନ କରିବାରେ ଜିଲା ସୂଚନା ବିଜ୍ଞାନ ଅଧିକାରୀମାନେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛନ୍ତି। ଏହି ସଫଳତା ଆଧାର ତଥା ଅତୀତର କାର୍ଯ୍ୟ ପଦ୍ଧତିକୁ ବିଶ୍ଳେଷଣ କରି ଆଗାମୀ ଦିନରେ ସୂଚନା ବିଜ୍ଞାନ ଅଧିକାରୀମାନେ ଅଧିକରୁ ଅଧିକ ଭଲ କାର୍ଯ୍ୟ କରିବେ ବୋଲି ସେ ଆଶାବ୍ୟକ୍ତ କରି କରିଛନ୍ତି। ସୂଚନା ବିଜ୍ଞାନୀମାନଙ୍କର ବୈଷୟିକ ଜ୍ଞାନ କ୍ଷେତ୍ରରେ ଦକ୍ଷତା ରହିଛି। ସବୁବେଳେ କାର୍ଯ୍ୟରେ ଅଭିନବତ୍ୱ ଆଣିବା ସହିତ ରାଜ୍ୟର ଯେଉଁ ପ୍ରକଳ୍ପ କାର୍ଯ୍ୟକାରିତାରେ ଏନଆଇସିର ଭୂମିକା ରହୁଛି, ସେସବୁକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମ ତଥା ରାଜ୍ୟ କର୍ମଚାରୀ ବୀମା ବିଭାଗ ସଚିବ ସନ୍ଥଗୋପାଳନ ଆର. ନାଗରିକମାନଙ୍କୁ ସେବା ଯୋଗାଇବାରେ ନୂତନ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତା, ବ୍ଲକଚେନ, ଭର୍ଚୁଆଲ ରିଅଲିଟି ଆଦି ଉପରେ ଆଲୋକପାତ କରିଥିଲେ। ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଅଶୋକ ହୋତା ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଏନଆଇସିର ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରିଥିଲେ।

# 'ବିକାଶର ଆଲୋକକୁ ଉଜ୍ଜ୍ୱଳ କରିଛି ଲକ୍ଷ୍ମୀ'



- କୋରାପୁଟ ଜିଲାରେ ଲକ୍ଷ୍ମୀ ବସ୍ ସେବା ଯୋଜନାର ଶୁଭାରମ୍ଭ
- ନୂଆ ବସ୍‌ଷ୍ଟାଣ୍ଡ ପାଇଁ ଜମି ମଞ୍ଜୁର

କୋରାପୁଟ,୧୪।୧୨ (ଅମିତାଭ ବେହେରା)

କୋରାପୁଟ ଜିଲାରେ ଲକ୍ଷ୍ମୀ ବସ୍ ସେବା ଯୋଜନାର ଗୁରୁବାର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କୋରାପୁଟରେ ୬୩ଟି ବସ୍ ଜିଲାର ୨୩୪ ପଞ୍ଚାୟତକୁ ଯୋଡ଼ିବା ସହ ଏହା ବିକାଶର ଆଲୋକକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ଜିଲାର ୧୩ ଲକ୍ଷ ଲୋକ ଉପକୃତ ହେବେ। ଏହି ଅବସରରେ କୋରାପୁଟ ନୂଆ ବସ୍‌ଷ୍ଟାଣ୍ଡ ଲାଗି ଜମି ମଞ୍ଜୁର କରିଥିଲେ।

ମାଲକାନଗିରିରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇ ଆଜି କୋରାପୁଟରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲାବାସୀ ଉକ୍ତ ସେବା ପାଇଲେ। ଏହି ୬ ଜିଲାର ୧୧୩୧ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସୁବିଧା ମିଳିଲା। ଏସବୁ ଜିଲାର ୬୩ ଲକ୍ଷ ଲୋକଙ୍କ ପାଇଁ ଘର ପାଖରୁ ସେମାନଙ୍କୁ ଯିବା ଆସିବା ପାଇଁ ସୁବିଧା ହେଲା। ଲୋକମାନେ ସୁବିଧାରେ କମ୍ ଖର୍ଚ୍ଚରେ ଯିବା ଆସିବା କରିପାରିବେ। ଲକ୍ଷ୍ମୀ ବସ୍ ସମସ୍ତଙ୍କୁ ଯୋଡ଼ିବା ସହ ପିଲାମାନଙ୍କୁ ସ୍କୁଲ କଲେଜ, ରୋଗୀଙ୍କୁ ହସ୍ପିଟାଲ ନେବ। ଚାଷୀଙ୍କୁ ମାର୍କେଟ, ମା'ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା ପାଇଁ ସୁବିଧା ହେବ। ସମସ୍ତଙ୍କ ପାଇଁ ଲକ୍ଷ୍ମୀ ବସ୍ ଏକ ଆଶୀର୍ବାଦ। ଏବେ ଆମ ରାଜ୍ୟରେ ଗାଁ ଗାଁରେ ବିକାଶର ଉତ୍ସବ ଚାଲିଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତଗୁଡ଼ିକରେ ନୂଆ ଜାଗରଣ ଆସିଛି। ଜଗନ୍ନାଥ ସଂସ୍କୃତିର ପ୍ରସାର ସହ ଡିଜିଟାଲ ଭିତ୍ତିଭୂମିର ବିକାଶ ହୋଇଛି। ବିକାଶ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ପଞ୍ଚାୟତଗୁଡ଼ିକ ବିକାଶ କାର୍ଯ୍ୟକ୍ରମର ପ୍ରାଣକେନ୍ଦ୍ର ପାଲଟିଛି। ଗାଁର ରୂପାନ୍ତର ସାରା ଓଡ଼ିଶାର ରୂପାନ୍ତର ପାଇଁ ରାସ୍ତା ଖୋଲିଛି। ସମସ୍ତଙ୍କ ସହଯୋଗରେ ନୂଆ ଓଡ଼ିଶା ଗଠନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ଏଥିରେ ପଞ୍ଚାୟତରୁ ବ୍ଲକ୍‌କୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଥିଲେ, ଲକ୍ଷ୍ମୀ ଯୋଜନାର ବସ୍ ରାଜ୍ୟବାସୀଙ୍କ ଟଙ୍କାରେ କିଣାଯାଇଛି। ତେଣୁ ଏହାକୁ ନିଜ ସମ୍ପତ୍ତି ଭାବି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ପରାମର୍ଶ ଦେଇଥିଲେ। କୋରାପୁଟର ନୂଆ ବସ୍‌ଷ୍ଟାଣ୍ଡ ପାଇଁ ମୁଖ୍ୟମନ୍ତ୍ରୀ ଜମି ଯୋଗାଇବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ବୋଲି ପାଣ୍ଡିଆନ୍ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ କହିଥିଲେ, ଆଜି ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ରାଜ୍ୟରେ ସବୁକ୍ଷେତ୍ରରେ ବିକାଶର ଧାରା ଜାରି ରହିଛି। ଲକ୍ଷ୍ମୀ ଯୋଜନା ଗ୍ରାମାଞ୍ଚଳରେ ଯାତାୟାତକୁ ସୁଗମକରି ସମୃଦ୍ଧି ଆଣିବ ବୋଲି ମନ୍ତ୍ରୀ ସାହୁ କହିଥିଲେ। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ପ୍ରମୁଖ ନିଜ ବ୍ୟକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପରିବହନ ସଚିବ ଉଷା ପାଢ଼ୀ, ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ, ଜିଲାପାଳ ଅବଦଲ ଏମ୍. ଅଖତର, ଏସ୍‌ପି ଅଭିନବ ସୋନକର, ପରିବହନ ବିଭାଗ ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ମୁହଁ ଖୋଲିବାରୁ...

ହେଲେ ଟି.ଏନ୍. ପ୍ରଥପନ୍, ହିବି ଏଡେନ୍, ଜୋଥିମଣି, ରାମ୍ୟା ହରିଦାସ, ଡିନ୍‌କୁରିଆକୋସେ, ମଣିକମ୍ ଟାଗୋର, ମହମ୍ମଦ ଜାଭେଦ, ଭି.କେ. ଶ୍ରୀକନ୍ଦନ ଏବଂ ବେନି ବେହାନନ୍। ସେହିପରି ଡିଏମ୍‌କେର କେ. କାନିମୋଝି, ସିପିଆଇଏମ୍‌ର ପି.ଆର୍. ନଟରାଜନ୍, ଏସ୍. ଭେଙ୍କଟେଶାନ ଏବଂ ସିପିଆଇର କେ. ସୁବ୍ବାରାୟନ୍ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ଏମାନଙ୍କ ନିଲମ୍ବନ ପ୍ରସ୍ତାବ ଆଗତ ବେଳେ ବାଚସ୍ପତିଙ୍କ ଆସନରେ ଆସୀନ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଗୃହରେ ଅଧ୍ୟକ୍ଷତା କରୁଥିଲେ। ଆଗତ ପ୍ରସ୍ତାବକୁ ମହତାବ ଗ୍ରହଣ କରିଥିଲେ। ଏମାନଙ୍କ ସହ ଡିଏମ୍‌କେର ଏସ୍.ଆର୍. ପର୍ଥିବାନ୍‌ଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। କିନ୍ତୁ ସେ ହଟ୍ଟଗୋଳ ବେଳେ ଗୃହରେ ନ ଥିବା ନେଇ ଦଳୀୟ ସଦସ୍ୟମାନେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତାଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିଥିଲେ। ଇତିମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଟିଏମ୍‌ସି ସଦସ୍ୟ ଡେରେକ୍ ଓ'ବ୍ରାଏନ୍‌ଙ୍କୁ ଅଶୋଭନୀୟ ଆଚରଣ ପାଇଁ ଅଧିବେଶନର ଅବଶିଷ୍ଟ ସମୟ ଶେଷ ହେବା ପର୍ଯ୍ୟନ୍ତ ଗୃହରୁ ନିଲମ୍ବନ କରିଥିଲେ। ରାଜ୍ୟ ସଭାରେ ଭାଜପା ନେତା ପୀୟୂଷ ଗୋୟଲ ଏହି ନିଲମ୍ବନ ପ୍ରସ୍ତାବ ଆଣିଥିଲେ। କଂଗ୍ରେସର ରାଜ୍ୟ ସଭା ସଦସ୍ୟ କେ.ସି. ବେଣୁଗୋପାଳ ଏହାକୁ ଏକ ଭୟଙ୍କର ଓ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ବାହାର ଲୋକଙ୍କୁ ସଂସଦ ଭିତରକୁ ଆଣି ବିଶୃଙ୍ଖଳା ସୃଷ୍ଟି କରାଇଥିବା ଭାଜପା ଏମ୍‌ପିଙ୍କୁ ତାଙ୍କ କାର୍ଯ୍ୟ ପାଇଁ ଉତ୍ତରଦାୟୀ କରାଯାଉନାହିଁ। ଏହାକୁ ନେଇ ପ୍ରଶ୍ନ କଲେ ବିରୋଧୀ ସଦସ୍ୟମାନଙ୍କୁ ନିଲମ୍ବନ କରାଯାଉଛି ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ବେଣୁଗୋପାଳ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ଗମ୍ଭୀର ଜାତୀୟ ପ୍ରସଙ୍ଗରେ ରାଜନୀତି କରୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ ସମାଲୋଚନା କରାଯାଇଛି। ଉଭୟ ଗୃହକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

## ଛିଙ୍କ ଅଟକାଇଲେ...

ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି। ବ୍ୟକ୍ତିଙ୍କ ଶ୍ୱାସନଳୀର ମାପ ୦.୦୮ ଇଞ୍ଚ ଥିଲା। ନାକ ଓ ପାଟି ଜୋରରେ ବନ୍ଦ କରିବା ଫଳରେ ଉକ୍ତ ବ୍ୟକ୍ତିଙ୍କ ବାୟୁପଥ ବନ୍ଦ ହୋଇଯାଇଥିଲା। ତେବେ ଛିଙ୍କଟି ସାଧାରଣ ଅପେକ୍ଷା ୨୦ ଗୁଣ ଅଧିକ ଶକ୍ତିଶାଳୀ ଥିଲା। ଚାପ ଫଳରେ ଶ୍ୱାସନଳୀରେ ୨ ମିଲିମିଟର ଛିଦ୍ର ସୃଷ୍ଟି ହୋଇଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ନିଃଶ୍ୱାସ ନେବା, କଥାବାର୍ତ୍ତା କିମ୍ବା ଗିଳିବାରେ କୌଣସି ଅସୁବିଧା ହେଉ ନ ଥିଲା। ଉକ୍ତ ବ୍ୟକ୍ତିଙ୍କର ସର୍ଜିକାଲ ଏମ୍ଫିସେମା ରୋଗ ଥିବା ଏକ୍ସ-ରେ ଦ୍ୱାରା ଜଣାପଡିଥିଲା। ଏହା ଏପରି ଏକ ରୋଗ ଯେଉଁଠାରେ ଚମଡ଼ାର ଟିସୁ ସ୍ତର ପଛରେ ପବନ ରହିଥାଏ। ତାଙ୍କର ଫୁସଫୁସ ଏବଂ ଛାତି ଭିତରେ ମଧ୍ୟ ପବନ ରହିଥିଲା। ନାକ ଓ ମୁହଁ ବନ୍ଦ କରି ଛିଙ୍କ ଅଟକାଇବା ଦ୍ୱାରା ଏପରି କ୍ଷତି ହୋଇଥିବା ସିଟି ସ୍କାନରୁ ଜଣାପଡିଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି।

## ମହାପ୍ରଭୁଙ୍କ ମୂଷିକ...

କରି ତାହାକୁ ପରିପ୍ରକାଶ କରୁଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଭକ୍ତ ଓ ସେବାୟତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଦୃଶ୍ୟ କୌତୂହଳ ସହ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଏହା ମହାପ୍ରଭୁଙ୍କ ମହିମା ବୋଲି ସମସ୍ତେ କହିଥିଲେ। ଏହି ଦୃଶ୍ୟ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସେହିପରି ଉକ୍ତ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଯଦି ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** – ଆଶା କରୁଥିବା କାମରେ ସଫଳତା ହେତୁ ମାନସିକ ସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝମେଲାରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** – ଆଜିର ଦିନଟିରେ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଆଲୋଚନା ସମୟରେ ବନ୍ଧୁମାନଙ୍କର କଥାକୁ ଠିକ୍ ଭାବେ ବୁଝି ପାରିବେନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। ଲକ୍ଷ୍ୟ ହାସଲରେ ସମର୍ଥ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ** – ଆଗାମୀ ସମୟର ପରିସ୍ଥିତି ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଅର୍ଥ ସଂକଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରସ୍ପରିକ ଜିଦ୍‌ଖୋର ମନୋବୃତ୍ତି ହେତୁ ତିକ୍ତତା ଦେଖାଦେବ। ଅଫିସରେ ବାଧ୍ୟତାମୂଳକ ଭାବେ କେତେକ କାମ କରିବାକୁ ବାଧ୍ୟ ହେବେ।

**ସିଂହ** – ପ୍ରତ୍ୟୁଷରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। ବନ୍ଧୁଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ ସ୍ଥଗିତ କାମ ଆରମ୍ଭ କରିବାକୁ ମନ ବଳାଇବେ। ବିଭିନ୍ନ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ।

**କନ୍ୟା** – ବାଲ୍ୟବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** – ବନ୍ଧୁଙ୍କ ଉପରେ ସାଧାରଣ କଥାରେ ରାଗିଯିବାରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ନିଜ ଦୋଷରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** – ମାନସିକ ଅସୁସ୍ଥତା କାରଣରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ଅଫିସ୍‌ରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସହକର୍ମୀଙ୍କ ବଦାନ୍ୟତାରୁ ଅପରାହ୍ନେ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ।

**ଧନୁ** – ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିବେ। ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବା ସକାଶେ ଆପ୍ରାଣ ଉଦ୍ୟମ ଚଳାଇପାରନ୍ତି। ପଡ଼ୋଶୀମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବାଧିଲାଭଳି ଅପଶବ୍ଦ କହିପାରନ୍ତି। ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର ତରବର ହୁଅନ୍ତୁ ନାହିଁ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। ପରିବାରରେ ଶାନ୍ତି ଫେରି ଆସିବା ସକାଶେ ଚେଷ୍ଟା କଲେ ଉପକୃତ ହୋଇପାରିବେ। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** – କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ ଯଦିଓ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ, ପରିବହନରୁ ବହୁତ ଲାଭ ପାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** – ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ କଷ୍ଟକର ହେବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବ ନାହିଁ। ସଭାସମିତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ।

ଆଜି ମାର୍ଗଶିର ଶୁକ୍ଳ ତୃତୀୟା ଶୁକ୍ରବାର, ମାସାନ୍ତ, ଡିସେମ୍ବର ୧୫ ତାରିଖ, ଡକ୍ଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର- ସକାଳ ଘ.୦୮।୧୦ଗତେ ଉତ୍ତରାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ ଗତେ ଘ.୦୭।୦୦ ମଧ୍ୟେ, ଘ.୦୭।୪୩ ଗତେ ଘ.୦୮।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୦ ଗତେ ଘ.୧୧।୪୧ ମଧ୍ୟେ ରାହୁ କାଳ।

Reliance
Growth is Life

# FASHION FACTORY

# FREE SHOPPING WEEK

17 ଡିସେମ୍ବର ପର୍ଯ୍ୟନ୍ତ

SCAN FOR STORE LOCATION

MRP ₹5000 ମୂଲ୍ୟର ଯେକୌଣସି ଜିନିଷ କିଣନ୍ତୁ
ଏବଂ କେବଳ ₹2000 ପେମେଣ୍ଟ କରନ୍ତୁ
ଏବଂ ତାହା ହିଁ ଫେରସ୍ତ ପାଆନ୍ତୁ



₹1000 MRP ମୂଲ୍ୟର ନିଶ୍ଚିତ ମାଗଣା ଉପହାର + ₹1000 ମୂଲ୍ୟର ଗିଫ୍ଟ ଭାଉଚର



APPARELS | FOOTWEAR | SPORTSWEAR | LUGGAGE | FRAGRANCE | HANDBAGS

T & C Apply. Total benefit of free gift will be proportionate in the ratio of sales price of all products.

# FASHION FACTORY
BRANDS FOR LESS

ସମ୍ବଲପୁରରେ ଷ୍ଟୋର: ବୁଢ଼ାରାଜା ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ସାମ୍ନା
କଟକରେ ଷ୍ଟୋର: ଚଣ୍ଡି ଛକ, ଏସ୍‌ବି ଓମେନ୍ସ କଲେଜ୍ ସାମ୍ନା
ଭୁବନେଶ୍ୱରରେ ଷ୍ଟୋର: ବିଏମ୍‌ସି ଭବାନୀ ମଲ୍, ଶହୀଦ ନଗର

STORE MANAGER:
7981383237 / 7008119294

ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ। .. କିନ୍ତୁ ଭୟ କରନା। ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି। ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ କରନା। –ଶ୍ରୀମା

# କମ୍ ଖର୍ଚ୍ଚରେ ଜୀବନ ରକ୍ଷା



ପିଟର ସିଙ୍ଗର

୨୦୨୧ରେ ବିଶ୍ୱର ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ଥିଲା ୬,୧୯,୦୦୦। ଏଥିରେ ୫ ବର୍ଷରୁ କମ୍ ଶିଶୁଙ୍କ ସଂଖ୍ୟା ୭୭% ଥିଲାବେଳେ ଏହାର ୯୬% ଥିଲେ ଆଫ୍ରିକାରେ। କିନ୍ତୁ ଅନେକ ଦଶନ୍ଧିର ଗବେଷଣା ଏବଂ ଉତ୍ଥାନ ପତନ ପରେ ଏବେ ଏକ ମ୍ୟାଲେରିଆ ଟିକା ପ୍ରସ୍ତୁତ କରାଯାଇଛି। ଆର୍ ୨୧/ମାଟ୍ରିକ୍ସ-ଏମ୍ (କେବଳ ଆର୍ ୨୧ ନାମରେ ଜଣାଶୁଣା) ନାମକ ଏହି ଟିକା ୭୦-୭୮% କେସ୍‌ରେ ପ୍ରଭାବଶାଳୀ ହୋଇଥିବା ଦେଖାଯାଇଛି। ମ୍ୟାଲେରିଆର ସୁରକ୍ଷିତ ସ୍ତରରେ ପହଞ୍ଚିବାକୁ ହେଲେ ତା' ପୂର୍ବରୁ ୩ଟି ଡୋଜ୍ ଦରକାର ଏବଂ ଏକ ବର୍ଷ ପରେ ଏକ ବୁଷ୍ଟର ଆବଶ୍ୟକ। ଏହି ଟିକା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ କରାଯାଇଛି ଓ ଏହା ଶସ୍ତା। ପ୍ରତି ଡୋଜ୍ ୨-୪ ଡଲାର ବ୍ୟୟରେ ତିଆରି କରାଯାଇପାରିବ ଏବଂ ଏହା ଅନ୍ୟ ଶିଶୁ ଟିକାଗୁଡ଼ିକ ତୁଳନାରେ ମଧ୍ୟ ଶସ୍ତା। ଆର୍୨୧ ଯୋଗାଇବା ଏବଂ ଦେବା ଖର୍ଚ୍ଚକୁ ନେଲେ ଏହାର ମୂଲ୍ୟ ପ୍ରାୟ ୫ ଡଲାର ହୋଇପାରେ। ଏବେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଯେଉଁ ଅଞ୍ଚଳରେ ମ୍ୟାଲେରିଆ ବିରୋଧରେ ଲଢ଼େଇ ଜାରି ରହିଛି, ସେଠାରେ ସମସ୍ତ ପିଲାଙ୍କୁ ଟିକା ଦିଆଗଲେ ୧ ଲକ୍ଷ ପିଲାରେ ୬୦୦ ଜଣଙ୍କ ଜୀବନ ରକ୍ଷା ହୋଇପାରିବ। ଏହା ବ୍ୟତୀତ ସେହି ଅଞ୍ଚଳରେ ୨ ଲକ୍ଷ କ୍ଲିନିକାଲ କେସ୍ ଦୂର କରାଯାଇପାରିବ।

ଚଳିତ ଅକ୍ଟୋବରରେ ଆର୍୨୧କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁମୋଦନ କରିଥିଲା। ଏହାକୁ ଏବେ ଡବ୍ଲ୍ୟୁଏଚ୍‌ଓର ପୂର୍ବଯୋଗ୍ୟତା (ବ୍ୟବହାର ପାଇଁ ଆବଶ୍ୟକ ଅନୁମତି) ପର୍ଯ୍ୟାୟ ଦେଇ ଯିବାକୁ ହେବ ଏବଂ ଡବ୍ଲ୍ୟୁଏଚ୍‌ଓର ଟିକା ବିଶେଷଜ୍ଞଙ୍କୁ ନେଇ ଗଠିତ ଷ୍ଟ୍ରାଟେଜିକ ଆଡ୍‌ଭାଇଜରି ଗ୍ରୁପ୍‌ର ସ୍ୱୀକୃତି ହାସଲ କରିବାକୁ ପଡ଼ିବ। ଏହା ପରେ ଅନ୍ତର୍ଜାତୀୟ ସ୍ତରରେ ଏହା ଉପଲବ୍ଧ ହେବ। ୫ ମାସରୁ ୩ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନେ ଆର୍୨୧ ନେବାକୁ ଯୋଗ୍ୟ। ଆଫ୍ରିକୀୟ ଦେଶଗୁଡ଼ିକର ମ୍ୟାଲେରିଆପ୍ରବଣ ଅଞ୍ଚଳରେ ପାଖାପାଖି ୮ କୋଟି ଶିଶୁ ଅଛନ୍ତି। ୨୦୨୪ରେ ଏହିସବୁ ପିଲାଙ୍କୁ ତିନି ଡୋଜ୍ ଟିକା ଦେବାକୁ ହେଲେ ୨୪ କୋଟି ଟିକା ଆବଶ୍ୟକ ହେବ। ପରେ ୨୦୨୫ରେ ଆଉ ୮ କୋଟି ବୁଷ୍ଟର ଦରକାର। ଏହାସହିତ ଏବେ ପ୍ରତିବର୍ଷ ଜନ୍ମ ନେଉଥିବା ପାଖାପାଖି ୩ କୋଟି ପିଲାଙ୍କ ପାଇଁ ୧୨ କୋଟି ଟିକା ଦରକାର ହେବ। ଏଭଳି ଟିକାକରଣ ଦ୍ୱାରା ବର୍ଷକୁ ପ୍ରାୟ ୪ ଲକ୍ଷ ୫୦ ହଜାର ଜୀବନ ବଞ୍ଚାଯାଇପାରିବ।

୩,୩୦୦ ଡଲାରରେ ଜୀବନ ରକ୍ଷା ପୂରା ଶସ୍ତା ତଥା ଲାଭଦାୟକ। ଆମେରିକାରେ ୬୫ ବର୍ଷରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ (କିଡ୍‌ନୀ ପ୍ରତିରୋପଣ ନ ହେଲେ ମୃତ୍ୟୁର ଆଶଙ୍କା ରହିଛି)ଙ୍କ ଡାଇଲିସିସ୍ ଖର୍ଚ୍ଚ ମେଡିକେୟାର ବହନ କରୁଛି। ୧୫ ବର୍ଷ ପୂର୍ବେ ଷ୍ଟାନ୍‌ଫୋର୍ଡ ଏବଂ ହ୍ୱାରଟନର ଅର୍ଥନୀତିଜ୍ଞମାନେ ଆକଳନ କରିଥିଲେ ଯେ, ବର୍ଷସାରା ଏଭଳି ଉତ୍ତମ ଚିକିତ୍ସା ସେବା ଯୋଗାଇବାର ହାରାହାରି ମୂଲ୍ୟ ଥିଲା ୧୨୯,୦୦୦ ଡଲାର। ମୂଲ୍ୟବୃଦ୍ଧି ଯୋଗୁ ଏହା ଏବେ ୧୮୨,୦୦୦ ଡଲାରରେ ପହଞ୍ଚିଛି ଏବଂ କେବଳ ଆଉ ଗୋଟିଏ ବର୍ଷ ଅଧିକ ବଞ୍ଚିବା ଲାଗି ଏହି ଖର୍ଚ୍ଚ ହେଉଛି। ଏହା ତୁଳନାରେ ଆକଳନ କଲେ ଜାଣିପାରିବା ଯେ, ମ୍ୟାଲେରିଆ ଟିକାକରଣ ଦ୍ୱାରା ଯେଉଁ ପିଲାମାନଙ୍କ ଜୀବନ ରକ୍ଷା ହେବ ସେମାନଙ୍କ ଲାଇଫ୍ ଏକ୍ସପେକ୍ଟାନ୍‌ସି ୫୦ ବର୍ଷ ଏବଂ ପ୍ରତିବର୍ଷ ଖର୍ଚ୍ଚ ହେବ ମାତ୍ର ୬୬ ଡଲାର। ଆମେରିକାକୁ ବାଦ୍‌ଦେଲେ ବୈଶ୍ୱିକ ମାନକରେ ଯଦି ବିଚାର କରାଯାଏ, ତେବେ ଗୋଟିଏ ଜୀବନ ବଞ୍ଚାଇବା ଲାଗି ୩,୩୦୦ ଡଲାର (୫୦ ବର୍ଷ ପାଇଁ ଜଣଙ୍କ ପିଛା ୬୬ ଡଲାର) ବ୍ୟୟ କରିବା ସମ୍ପୂର୍ଣ୍ଣ ଲାଭଦାୟକ। ସେବା କ୍ଷେତ୍ରରେ କମ୍ ଖର୍ଚ୍ଚରେ ସବୁଠୁ ଭଲ ପରିଣାମ ଉପରେ ଅନୁଧ୍ୟାନ କରୁଥିବା ଗିଭ୍ ୱେଲ୍ ସଂସ୍ଥା ଅନୁଯାୟୀ ଗୋଟିଏ ଜୀବନ ବଞ୍ଚାଇବାକୁ ହେଲେ ପାଖାପାଖି ୩,୫୦୦-୫,୫୦୦ ଡଲାର ଖର୍ଚ୍ଚ ହେବ। ଉଦାହରଣ ସ୍ୱରୂପ, 'ଦ ଲାଇଫ୍ ୟୁ କ୍ୟାନ୍ ସେଭ'ର ସବୁଠୁ ଅଗ୍ରଣୀ ସେବା ସଂସ୍ଥା 'ଏଗେନେଷ୍ଟ ମ୍ୟାଲେରିଆ ଫାଉଣ୍ଡେଶନ' ପିଲାମାନଙ୍କୁ ମ୍ୟାଲେରିଆରୁ ରକ୍ଷା କରିବା ଲାଗି ମଶାରି ଯୋଗାଉଛି। ଯଦିଓ ମଶାରିର ମୂଲ୍ୟ ବହୁତ କମ୍, ତେବେ ଜୀବନ ରକ୍ଷା ଲାଗି ସେଗୁଡ଼ିକୁ ଅତ୍ୟଧିକ ପରିମାଣରେ ବାଣ୍ଟିବାରେ ୪,୦୦୦ ଡଲାରରୁ ଅଧିକ ଖର୍ଚ୍ଚ ହେଉଛି।



କୋଭିଡ୍-୧୯ ଟିକା ପ୍ରଥମେ ଉପଲବ୍ଧ ହେଲାବେଳେ ନିୟାମକ ପ୍ରକ୍ରିୟାରେ ସେଗୁଡ଼ିକୁ ପାଇବା ଲାଗି ସରକାର ଅଧିକ ପ୍ରାଥମିକତା ଦେଉଥିଲେ। ସାଧାରଣତଃ, ଏକ ନୂଆ ଟିକାର ବ୍ୟବହାରକୁ ବୈଧୀକରଣ କରିବା ଲାଗି ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ ପ୍ରାୟ ୧୦ ମାସ ସମୟ ନେଇଥାଏ, କିନ୍ତୁ ଫାଇଜର ଟିକା ବ୍ୟବହାରକୁ ମାତ୍ର ୨୧ ଦିନରେ ଏହା ସ୍ୱୀକୃତି ଦେଇଥିଲା ଏବଂ ୧୯ ଦିନରେ ମର୍ଡେନାର ଟିକାକୁ ବ୍ୟବହାର ଲାଗି ଅନୁମତି ଦେଇଥିଲା। ସାଧାରଣତଃ ଡବ୍ଲ୍ୟୁଏଚ୍‌ଓ ଏକ ଟିକାକୁ ଅନୁମୋଦନ କରିବା ପରେ ତାହାକୁ ବ୍ୟବହାର ପାଇଁ ଅନୁମତି ଦେବାକୁ ୨୭୦ ଦିନ ଲାଗିଥାଏ। ଏହା ଅତ୍ୟଧିକ ବିଳମ୍ବ। ଏଣୁ ଡବ୍ଲ୍ୟୁଏଚ୍‌ଓ ଏହାର ପ୍ରକ୍ରିୟାକୁ ଗତିଶୀଳ କରିବା ଉଚିତ ଏବଂ କେତେ ଶୀଘ୍ର ଏହାକୁ ବ୍ୟବହାର ଲାଗି ଅନୁମତି ଦେବ ତାହା ମଧ୍ୟ ଜନସାଧାରଣଙ୍କୁ ଜଣାଇବା ଦରକାର।

'ୱାନ୍ (1) ଡେ ସୁନର' ପ୍ରତିଷ୍ଠା ହୋଇଥିଲା, ଯେଉଁଥିରେ ଟିକା ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ମାର୍ଚ୍ଚ ୨୦୨୦ରେ ଯେତେବେଳେ ଏହି ସଂସ୍ଥା ଗଠନ କରାଯାଇଥିଲା, ସେତେବେଳେ ଏହାର ଲକ୍ଷ୍ୟ ଥିଲା କୋଭିଡ୍ ପ୍ରତିରୋଧୀ ଟିକା କେମିତି ଗୋଟିଏ ଦିନ ଶୀଘ୍ର ପାଇବ ଓ ଅନେକ ହଜାର ଜୀବନ ବଞ୍ଚାଇବ। ଏହି ସଙ୍ଗଠନର ଅନେକ କର୍ମଚାରୀ ଏବଂ ଅଧିକ ପ୍ରତିଶତ ସ୍ୱେଚ୍ଛାସେବୀ ଲୋକମାନଙ୍କ ପାଇଁ ବିନା ଲାଭରେ କାମ କରିଥିଲେ। ସଙ୍ଗଠନର ମୂଳ ଲକ୍ଷ୍ୟ ବ୍ୟାପକ ହୋଇଛି। ଏହା ଜୀବନ ରକ୍ଷାକାରୀ ଗବେଷଣାର ପ୍ରଭାବୀ ବିକାଶକୁ ଏବଂ ଏହାର ଉତ୍ପାଦର ତ୍ୱରିତ ଓ ସମବଣ୍ଟନକୁ ଉତ୍ସାହିତ କରୁଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୱାନ୍ ଡେ ସୁନର ଆଫ୍ରିକା ମହାଦେଶରେ ଟିକାକରଣକୁ ଉତ୍ସାହିତ କରିବା ଲାଗି 'ୱାନ୍ ଡେ ଆଫ୍ରିକା' ଗଠନ କରିଛି। ଆଫ୍ରିକାର ବୈଜ୍ଞାନିକ କ୍ଷମତା ଓ ଏହାର ଦକ୍ଷତା ଦୃଢ଼ କରି ସେଠାରେ ଟିକା ଉତ୍ପାଦନ କରିବା ପାଇଁ ଏଭଳି ପଦକ୍ଷେପ ନେଇଛି।

କିନ୍ତୁ ୱାନ୍ ଡେ ଆଫ୍ରିକା ସାମ୍ପ୍ରତିକ ସ୍ଥିତିକୁ ନେଇ ଚିନ୍ତିତ। ଡବ୍ଲ୍ୟୁଏଚ୍‌ଓ ଓ ବିଭିନ୍ନ ଦେଶର ସରକାର କୋଭିଡ୍-୧୯ ଟିକାର ଆବଶ୍ୟକତାକୁ ଯେଭଳି ଜରୁରୀ ମନେକରି ଶୀଘ୍ର ଉପଲବ୍ଧ କରାଇଥିଲେ, ସେଭଳି ନୂଆ ମ୍ୟାଲେରିଆ ଟିକାର କାର୍ଯ୍ୟଦକ୍ଷତା ଓ ସୁରକ୍ଷାର ଗୁରୁତ୍ୱ ଉପରେ ଶୀଘ୍ର ବିଚାର କରୁନାହାନ୍ତି। ପରିଣାମ ସ୍ୱରୂପ, ୨୦୨୪ରେ ଯେତେ ସମ୍ଭବ ସେତେ ଅଧିକ ଆର୍୨୧ ଟିକା ଉତ୍ପାଦନ କରି ଯଥାଶୀଘ୍ର ପିଲାଙ୍କୁ ଟିକା ଦେବାକୁ ଦାବି କରୁଛି। ମ୍ୟାଲେରିଆ ପୀଡ଼ିତଙ୍କ ସଂଖ୍ୟା କମାଇବା ସହ ଅନେକ ହଜାର ଜୀବନ ବଞ୍ଚାଇବା ପାଇଁ ଏହି ସଙ୍ଗଠନ ଦୃଢ଼ ସ୍ୱର ଉଠାଇଛି। କିନ୍ତୁ କେତେକ ଅତ୍ୟାବଶ୍ୟକ ବିଷୟରେ ବିବାଦ ବା ଦ୍ୱନ୍ଦ୍ୱ ରହୁଛି। ଟିକା ବ୍ୟବହାର ପାଇଁ ଅନୁମତି ଦେବାକୁ ଡବ୍ଲ୍ୟୁଏଚ୍‌ଓ କେତେ ସମୟ ନେବ ଏବଂ ଆବଶ୍ୟକ ଟିକା କେତେ ପରିମାଣର ଶୀଘ୍ର ପ୍ରସ୍ତୁତ କରାଯିବ ତାହା ନିଶ୍ଚିତ ହୋଇ ପାରୁନାହିଁ। କିନ୍ତୁ ଗୋଟିଏ ବିଷୟ ସ୍ପଷ୍ଟ ହୋଇଯିବ ଯେ, ପ୍ରତ୍ୟେକଙ୍କ ପାଇଁ ବହୁତ କମ୍ ଅର୍ଥାତ୍ ୩,୩୦୦ ଡଲାର ଖର୍ଚ୍ଚ କରି ଆଫ୍ରିକୀୟ ପିଲାମାନଙ୍କ ଜୀବନ ବଞ୍ଚାଇବାରେ ବିଫଳତା ପ୍ରତ୍ୟେକ ମାନବ ଜୀବନର ସମାନ ମୂଲ୍ୟବୋଧ ବିଷୟରେ ଆମେ ଯାହା ଗଳା ଫଟେଇ କହୁଛୁ ତାହାକୁ ଫମ୍ପା କରିଦେବ।

**ପ୍ରାଧ୍ୟାପକ (ବାୟୋଏଥିକ୍ସ), ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟ**

## ପ୍ରଶଂସା ଏକ ବିଶ୍ଳେଷଣ



ଅନୀତା ପଟ୍ଟନାୟକ

ଚନ୍ଦ୍ରର କ'ଣ ହୋଇଥାଏ କେଜାଣି ଢାଙ୍କି ହେଉଥିବା ବାଦଲ ଭିତରେ ମୁହଁକୁ ଲୁଚାଇ ଲୁଚାଇ ଚାଲିଥାଏ। ତା'ର ମନରେ ଅନେକ ଦୁଃଖ। କେହି ତାକୁ ପ୍ରଶଂସା କରୁନାହାନ୍ତି। ଠେକୁଆ ପରି ଚିତ୍ରକୁ ଦେଖାଇ ମା' ଗୋଟିଏ ପିଲାକୁ କୋଳରେ ନେଇ କହୁଥାଏ ଏହା ଠେକୁଆ ନୁହେଁ ଚନ୍ଦ୍ରରେ ଲାଗିଥିବା କଳଙ୍କ। କିଛି ସମୟ ପରେ ଅନ୍ୟ ଏକ ଜାଗାରେ ମା' ଟିଏ ତା' ପିଲାକୁ ଶୁଆଇବାକୁ ଯାଇ ତା'ର ଗୋଡ଼କୁ ହଲାଇ ହଲାଇ 'ଆ ଜହ୍ନ ମାମୁ ସରଗଶଶୀ ମୋ କାହ୍ନୁ ହାତରେ ପଡ଼ରେ ଖସି'। ଚନ୍ଦ୍ର ମନରେ ରାଗ ଏହା କ'ଣ ପ୍ରଶଂସା ନା ନିନ୍ଦା। ଏ ପଟେ କୁହାଯାଉଛି ସରଗଶଶୀ ପୁଣି ସେପଟେ କୁହାଯାଉଛି ମୋ କାହ୍ନୁ ହାତରେ ପଡ଼ ଖସି। ଚନ୍ଦ୍ର ଭାବୁଥାଏ ମୁଁ କ'ଣ ଏତେ ତୁଚ୍ଛ ସ୍ୱର୍ଗରୁ ମୁଁ ତା' ପୁଅ ହାତରେ ଖସିପଡ଼ିବି? ଏପଟେ ଚନ୍ଦ୍ର ଦେଖିଲା ଜଣେ ପ୍ରବଚକ ପ୍ରବଚନ ଦେଇ ଭକ୍ତମାନଙ୍କୁ ବୁଝାଉଛନ୍ତି ମଣିଷର ମନ ମାଙ୍କଡ଼ ସଦୃଶ। ଏହା କେବେ ବି ସ୍ଥିର ନୁହେଁ। ମାଙ୍କଡ଼ ଏ ଡାଳରୁ ସେ ଡାଳକୁ ଡେଉଁଥିବା ପରି ମଣିଷର ମନ କାମନା ବାସନାରେ ଜର୍ଜରିତ ହୋଇ ବିଭିନ୍ନ ପାର୍ଥିବ ପଦାର୍ଥ ଲାଭ କରିବା ପାଇଁ ଲାଳାୟିତ। ପ୍ରବଚନକୁ ଆଗେଇ ନେଇ ପ୍ରବଚକ କହିଲେ 'ଚନ୍ଦ୍ରମା ମନସୋ ଜାତଃ' ଚନ୍ଦ୍ରର ଯେପରି କ୍ଷୟ ଓ ବୃଦ୍ଧି ହୁଏ ମଣିଷ ମନରେ ମଧ୍ୟ କ୍ଷୟ ବୃଦ୍ଧି ହୋଇଥାଏ। ମଣିଷର ମନ ମଧ୍ୟ ପରିବର୍ତ୍ତିତ ହୋଇଥାଏ। ଏକଥା ଶୁଣି ଚନ୍ଦ୍ରର ଇଚ୍ଛା ହେଉଥାଏ ସେ ମାନବ ସମାଜକୁ ଜଣାଇ ଦେବାକୁ ଚାହେଁ ଯେ ତା'ର ସରଗରେ କ୍ଷୟ କିମ୍ବା ବୃଦ୍ଧି ହେଉନାହିଁ। ମଣିଷ ବହୁ ଦୂରରେ ପୃଥିବୀରେ ରହି ତାକୁ ତା'ର କ୍ଷୟ ଓ ବୃଦ୍ଧିର ପ୍ରତୀୟମାନ ହେଉଛି। ପର + ବଚନ = ପ୍ରବଚନ। କେଉଁଠୁ ଗୁଡ଼ାଏ ଶୁଣି ଏ ପ୍ରବଚକ ଚନ୍ଦ୍ରକୁ ମାଙ୍କଡ଼ ସହିତ ତୁଳନା କରୁଛି। ଚନ୍ଦ୍ର ଭାବୁଛି ମୋର ଜନ୍ମଠାରୁ ଆଜି ପର୍ଯ୍ୟନ୍ତ କ୍ଷୟ ବୃଦ୍ଧି ହୋଇନାହିଁ। ଏ ମଣିଷ କିଛି ନ ବୁଝି ପୂର୍ବ ପଟକୁ ହାତ ଦେଖାଇ କହୁଛି ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହୁଏ ଓ ପଶ୍ଚିମ ଦିଗରେ ଅସ୍ତ ଯାଏ। କିନ୍ତୁ ପ୍ରକୃତ ପକ୍ଷେ ସୂର୍ଯ୍ୟ ପୂର୍ବଦିଗରେ ଉଦିତ ହୁଅନ୍ତି ନାହିଁ କିମ୍ବା ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି ନାହିଁ। ସୂର୍ଯ୍ୟ ସ୍ଥିର। ତା'ର ଚାରିପଟେ ପୃଥିବୀ ବୁଲୁଥିବାରୁ ଏପରି ପ୍ରତୀୟମାନ ହେଉଛି। ହେଲେ ଏମିତି ଗୁଡ଼ାଏ ଭୁଲଭାଲ ତଥ୍ୟ ମୁଣ୍ଡରେ ପୂରାଇ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ଗାଳିଦେବାକୁ ମଧ୍ୟ ପଛାଉ ନାହିଁ। ଖରା ହେଲେ ଓଃ କି ଖରା କହି ସୂର୍ଯ୍ୟଙ୍କୁ ଗାଳିଦେଉଛି। ଯଦି କିଛି ଦିନ ସୂର୍ଯ୍ୟଙ୍କୁ ଢାଙ୍କି ବାଦଲ ବର୍ଷା କରେ ତେବେ ମଣିଷ ପ୍ରଶ୍ନ କରେ ମାଙ୍କଡ଼ମୁହାଁ ସୂର୍ଯ୍ୟ ଗଲା କୁଆଡ଼େ? ସୂର୍ଯ୍ୟଙ୍କୁ ବି ପ୍ରଶଂସା କରେ ନାହିଁ। କିନ୍ତୁ ତୁଳସୀ ଗଛରେ ପାଣି ଦେଇ ପୂର୍ବପଟକୁ ଚାହିଁ ତା'ର ପାପ ହରଣ କରିବା ପାଇଁ ପ୍ରାର୍ଥନା କରିବାକୁ ଚାହେଁ। କିନ୍ତୁ ପୁଣ୍ୟ ଫଳରୁ ଇଞ୍ଚେ ଦେବାକୁ ଚାହେଁ ନାହିଁ। ଆହା! ଏହାକୁ କ'ଣ ପ୍ରଶଂସା କହନ୍ତି।

ପ୍ରତ୍ୟକ ମଣିଷ ପ୍ରଶଂସା ଚାହେଁ। ଏପରିକି ଗଳ୍ପଟିଏ ଅଛି – ଗୋଟିଏ ବୁଢ଼ୀ ତା'ର ସମସ୍ତ ଧନସମ୍ପତ୍ତି ବିକ୍ରି କରି ଦୁଇ ହଳ ସୁନାଚୁଡ଼ି କିଣିଥିଲା। ସେ ଚୁଡ଼ିକୁ ପିନ୍ଧି ତା'ର ଚାଳଘର ଆଗରେ ବସିଥିବା ବେଳେ କେହି ପ୍ରଶଂସା କରୁ ନ ଥିଲେ। ସେ ସ୍ଥିର କଲା ତା'ର ଚାଳଘରକୁ ପୋଡ଼ି ହାତରେ ପିନ୍ଧିଥିବା ଚୁଡ଼ିକୁ ମୁଣ୍ଡରେ ପିଟି କାନ୍ଦିବ ତା'ହେଲେ ତା'ର ଚୁଡ଼ିକୁ ଦେଖି ତା'ର ପ୍ରଶଂସା କରିବେ। ହେଲେ ସେପରି କିଛି ହୋଇ ନ ଥିଲା। ଶେଷରେ ତା'ର ଘର ପୋଡ଼ିବା ସାର ହେଲା। ଏହି ସମୟରେ ଚନ୍ଦ୍ର ଦେଖିଲା ସତ୍ୟ ବୋଲି ଗୋଟିଏ ପିଲା ତା'ର ମା' ସତ୍ୟବତୀ ନିକଟକୁ ଆସି ପଚାରିଲା ମା' ମଣିଷ ପ୍ରଶଂସା କାହିଁକି ଚାହେଁ? ଇତର ଜଗତର ପ୍ରାଣୀମାନେ ପ୍ରଶଂସା ଚାହାନ୍ତି କି? ବୃକ୍ଷଲତା, ପ୍ରଶଂସା ଚାହାନ୍ତି କି? ଏହି ପ୍ରଶ୍ନର ଉତ୍ତର ପାଇଁ ଚନ୍ଦ୍ର ବହୁ ଦିନରୁ ବ୍ୟାକୁଳ ଥିବାରୁ ସେ ମଧ୍ୟ କାନଡେରି ଦେଲା।

ମା' କହିଲେ 'ଇତର ଜଗତର ପ୍ରାଣୀମାନେ ପ୍ରଶଂସା ଚାହାନ୍ତି ନାହିଁ, କିନ୍ତୁ ପ୍ରଶଂସାକୁ ବୁଝି ଥାନ୍ତି ଓ ଉତ୍ସାହିତ ହୁଅନ୍ତି। ବୃକ୍ଷଲତା, ଫୁଲଫଳ କେହି ପ୍ରଶଂସା ଚାହାନ୍ତି ନାହିଁ, କିନ୍ତୁ ମଣିଷ ତା'ର ମୂର୍ଖାମି ହେତୁ ପ୍ରଶଂସା ଚାହେଁ। କେତେକ କହନ୍ତି ପ୍ରଶଂସାଜନକ କାମ କଲେ ପ୍ରଶଂସା ମିଳେ, ଏହା ସତ୍ୟ ହୋଇପାରେ କିନ୍ତୁ ତୁ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଦେଖ। ସେମାନେ ସଦା ସୁନ୍ଦର ଓ ଉଦ୍ଭାସିତ,ପ୍ରଶଂସା ଖୋଜନ୍ତି ନାହିଁ। ସେମାନେ ସଦା ପ୍ରଶଂସିତ। ବାଦଲ କେଉଁ ଆଡ଼େ ଉଭେଇ ଯିବାରୁ ଚନ୍ଦ୍ର ତା'ର ହସ ହସ ମୁହଁକୁ ଦେଖାଇ ପ୍ରଶଂସା କ'ଣ ବୁଝିଗଲା।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ମୋ:୯୬୯୨୯୮୦୦୨୬**

## ଏଇ ଭାରତରେ

କିଛିଦିନ ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ବାଇକ ଚଲାଉଥିବା ଜଣେ ଯୁବକ ପିକାସୁ ଥିମ୍ ହେଲମେଟ ପିନ୍ଧି ନୋଏଡା ରାସ୍ତାରେ ବୁଲୁଥିଲେ। ତେବେ ପୋଲିସ ଧରିଥିବା ବ୍ୟକ୍ତିଙ୍କ ହେଲମେଟକୁ ପସନ୍ଦ କରିଥିଲା। ଏହି ଭିଡିଓକୁ ସୋସିଆଲ ମିଡିଆରେ ବହୁ ସଂଖ୍ୟକ ଲୋକ ମଧ୍ୟ ପସନ୍ଦ କରିଥିଲେ। ଏବେ ଆଉ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ପେଟ୍ରୋଲ ମହଙ୍ଗା ହେବାରୁ ଜଣେ ଯୁବକ ଦିଲ୍ଲୀ ରାଜରାସ୍ତାରେ ମଇଁଷି ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ସେ ଏକ ଠେକୁଆ ପରି ହେଲମେଟ ପିନ୍ଧିଥିଲେ, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଭିଡିଓ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରାଯାଇଛି । ଏହା ସହିତ କ୍ୟାପଶନରେ ଲେଖାଯାଇଛି ପେଟ୍ରୋଲ ମହଙ୍ଗା ହେଲା, ମୁଁ ମଧ୍ୟ ଏହାର ମୂଲ୍ୟ ଦେଖାଇଲି। ସୋସିଆଲ ମିଡିଆରେ ଉପଭୋକ୍ତାମାନେ ଏହି ଭିଡିଓକୁ ବହୁତ ପସନ୍ଦ କରୁଛନ୍ତି । ଭିଡିଓ ଦେଖିବା ପରେ ଅନେକେ ପ୍ରତିକ୍ରିୟା ଦେଇଛନ୍ତି। ଜଣେ ବ୍ୟକ୍ତି ଲେଖିଛନ୍ତି, ଏହି ମଇଁଷିର କେତେ ଟପ୍ ସ୍ପିଡ୍। ଅନ୍ୟ ଜଣେ ଲେଖିଛନ୍ତି, ତୁମେ କେମିତି ମଇଁଷି ଚଢ଼ିବା ଶିଖିଲ, ମୁଁ ମଧ୍ୟ ଶିଖିବାକୁ ଚାହେଁ। ଅପରପକ୍ଷରେ ତୃତୀୟ ବ୍ୟକ୍ତି ଏକ ମଜାଦାର ପ୍ରତିକ୍ରିୟା ଦେଇ ଲେଖିଥିଲେ ଚାରିଚକିଆରେ କିଏ ହେଲମେଟ ପିନ୍ଧନ୍ତି କି?

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଡିସେମ୍ବର ୧୯୭୪**

- ବିଖ୍ୟାତ ବେହେଲା ବାଦକ ପାରୁର ସୁନ୍ଦରମ ଆୟାରଙ୍କ ୮୪ ବର୍ଷ ବୟସରେ ପରଲୋକ।
- ରାଷ୍ଟ୍ରାୟତ୍ତ ବାଣିଜ୍ୟ କର୍ପୋରେସନ ଆଗୋସ କର୍ପୋରେସନ ନାମକ ପଶ୍ଚିମ ଜର୍ମାନୀର ଏକ କମ୍ପାନୀଠାରୁ ୨୦,୦୦୦ ଟନ ସମ୍ବାଦପତ୍ର ଛପା କାଗଜ ଆମଦାନୀ କରିବା ନେଇ ଏକ ଚୁକ୍ତିପତ୍ର ସମ୍ପାଦିତ।
- ଆଟର୍ନି ଜେନେରାଲ ଉଇଲିଅମ ସାକ୍‌ସବେ ଭାରତ ପାଇଁ ମାର୍କିନ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରଦୂତ ଭାବେ ରାଷ୍ଟ୍ରପତି ଫୋର୍ଡଙ୍କ ଦ୍ୱାରା ମନୋନୀତ।

# ବିଜ୍ଞାନ ଶିକ୍ଷାଦାନରେ ପରୀକ୍ଷଣ



ଡ. ମନୋରଞ୍ଜନ ପ୍ରଧାନ

ଏ ବର୍ଷ ଶିକ୍ଷା ସ୍ନାତକ (ବିଏଡ୍) ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଅଭ୍ୟାସ ଶିକ୍ଷାଦାନ(ଇଣ୍ଟର୍ନଶିପ) ନିମନ୍ତେ ଚାରୋଟି ବିଦ୍ୟାଳୟରେ ନିୟୋଜିତ ହୋଇଥିଲେ। ତନ୍ମଧ୍ୟରୁ ଦୁଇଟି ଇଂରାଜୀ ଓ ଦୁଇଟି ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଥିଲା। ସେହିପରି ଦୁଇଟି ଥିଲା ସରକାରୀ ଓ ଦୁଇଟି ବେସରକାରୀ ବିଦ୍ୟାଳୟ। ଉଦ୍ଦେଶ୍ୟ ଥିଲା ସେମାନେ ବିଭିନ୍ନ ବିଦ୍ୟାଳୟର ବାସ୍ତବ ସ୍ଥିତି, ଶିକ୍ଷଣ ପରିସ୍ଥିତି ଓ ପରିବେଶ, ଛାତ୍ରୀଛାତ୍ରମାନଙ୍କ ଦକ୍ଷତା, ଶିକ୍ଷା ଓ ଶିକ୍ଷଣ ପ୍ରତି ଅଭିରୁଚି ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଶିକ୍ଷାଦାନ କୌଶଳ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି ପାଇବା ସହ ସେମାନଙ୍କ ମାର୍ଗଦର୍ଶନ ପାଇବେ। ଫଳରେ ଭବିଷ୍ୟତରେ ଯେକୌଣସି ବିଦ୍ୟାଳୟରେ ସଫଳତାର ସହ ଶିକ୍ଷାଦାନ କରିପାରିବେ। ବିଏଡ୍ ଛାତ୍ରୀଛାତ୍ରମାନେ ପୂର୍ବ ପ୍ରଶିକ୍ଷଣ ଓ ପ୍ରସ୍ତୁତି ପୂର୍ବକ ଅତି ଚମତ୍କାର ଭାବରେ ଶିକ୍ଷାଦାନ କାର୍ଯ୍ୟ ସମ୍ପନ୍ନ କଲେ। ଅଭ୍ୟାସ ଶିକ୍ଷାଦାନ ପରେ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହ ସମୀକ୍ଷା ବୈଠକରେ ଯାହା ଆଲୋଚନା ହେଲା ତାହା ଆମ ପାଇଁ ବଡ଼ ଉପଲବ୍ଧି ଥିଲା। ମାର୍ଗଦର୍ଶକ ଭାବେ ନିୟୋଜିତ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ନିଜର ଖୁସିବ୍ୟକ୍ତ କରିଥିଲେ। ଏଠାରେ ବିଶେଷକରି ବିଜ୍ଞାନ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରୁଛି।

ବିଏଡ୍ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଶିକ୍ଷାଦାନରେ ସମସ୍ତେ ଖୁସିବ୍ୟକ୍ତ କରିବାର କାରଣ ସେମାନଙ୍କ ଶିକ୍ଷାଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ, ବୋଧଗମ୍ୟ ଓ ସମାବେଶୀ ବା ଅନ୍ତର୍ନିବେଶୀ ଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭରପୂର ମଜା ନେଉଥିଲେ। ମୋ ମତରେ ଶ୍ରେଣୀର ସବୁ ଛାତ୍ରୀଛାତ୍ର ଶିକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହାର କାରଣ ହେଲା ପ୍ରତ୍ୟେକ ବିଏଡ୍ ଛାତ୍ରୀଛାତ୍ର ଭରପୂର ପାଠ୍ୟୋପକରଣ ଉପଯୋଗ କରୁଥିଲେ। ଏହା ସହ ପ୍ରସଙ୍ଗ ଅନୁସାରେ ବିଭିନ୍ନ ପରୀକ୍ଷଣ ମଧ୍ୟ କରୁଥିଲେ। ତେଣୁ ପିଲାମାନଙ୍କ ଭିତରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେଉଥିଲା। ଶେଷଦିନ ବିଭାଗୀୟ ମୁଖ୍ୟ ଭାବରେ ଅନେକ ଛାତ୍ରୀଛାତ୍ର ମୋତେ ଅନୁରୋଧ କରିଥିଲେ କି ବିଏଡ୍ ଛାତ୍ରୀଛାତ୍ରମାନେ ଆଉ କିଛି ଦିନ ପଢାନ୍ତୁ। ଏପରିକି ଆସନ୍ତା ବର୍ଷକୁ ସେମାନଙ୍କ ବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ କରିବାକୁ ଅନୁରୋଧ କରିଥିଲେ। କହିବାର ତାତ୍ପର୍ଯ୍ୟ ବିଏଡ୍ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାଦାନ ସମ୍ପୂର୍ଣ୍ଣ ସଫଳ ଥିଲା। ବିଜ୍ଞାନ ଭଳି ବିଷୟ ପିଲାଙ୍କୁ ଅତି ସହଜ ଓ ସୁବୋଧ ହୋଇପାରିବାର କାରଣ ଥିଲା ଶିକ୍ଷାଦାନ ପ୍ରଣାଳୀ,ପାଠ୍ୟ ଉପକରଣର ଉପଯୋଗ ଓ ଆବଶ୍ୟକତା ଭିତ୍ତିରେ ବିଜ୍ଞାନ ପରୀକ୍ଷା।

ସତ କହିବାକୁ ଗଲେ ବିଏଡ୍ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ କାର୍ଯ୍ୟ ପର୍ଯ୍ୟବେକ୍ଷଣ କଲାବେଳେ ମୋ ବିଦ୍ୟାଳୟ ଦିନକଥା ମନେପଡିଯାଇଥିଲା। ମୋର ମନେ ଅଛି ମୁଁ ବିଦ୍ୟାଳୟରେ ପଢିଲା ବେଳେ ସାମାଜିକ ବିଜ୍ଞାନ ଓ ଭୌତିକ ବିଜ୍ଞାନ/ଜୀବବିଜ୍ଞାନ ଶିକ୍ଷାଦାନ ଭିତରେ କୌଣସି ଫରକ ଅନୁଭବ କରୁ ନ ଥିଲି। ସାମାଜିକ ବିଜ୍ଞାନ (ଇତିହାସ, ଭୂଗୋଳ ଇତ୍ୟାଦି) ଶିକ୍ଷକମାନେ ଯେମିତି ପଢ଼ାଉଥିଲେ ବିଜ୍ଞାନ ଶିକ୍ଷକମାନେ ମଧ୍ୟ ଠିକ୍ ସେହି ତରିକାରେ ପଢ଼ାଉଥିଲେ। ମାନେ ଉଭୟେ ବହି ପଢ଼ି ଅବିକଳ ଅର୍ଥକୁ ସରଳ ଭାଷାରେ ବୁଝାଉ ଥିଲେ। ପରବର୍ତ୍ତୀ ସମୟରେ ଆମେ ବିଷୟବସ୍ତୁଗୁଡିକ ଘୋଷି ପରୀକ୍ଷାରେ ଲେଖୁଥିଲୁ। ଅବଶ୍ୟ ଭୂଗୋଳ ଶିକ୍ଷକ ପ୍ରତିଦିନ ମାନଚିତ୍ର ଓ ଭୂଗୋଲକ ନେଇ ଆସୁଥିଲେ ଏବଂ ସ୍ଥାନଗୁଡ଼ିକ ଦର୍ଶାଉଥିଲେ । କିନ୍ତୁ ବିଜ୍ଞାନ ଶିକ୍ଷକ କୌଣସି ପାଠ୍ୟ ଉପକରଣ ଆଣି ପ୍ରଦର୍ଶନ କରିବା ମୋର ମନେ ନାହିଁ କି କୌଣସି ପରୀକ୍ଷଣ କରି ଆମ୍ଭମାନଙ୍କୁ ବାସ୍ତବ ବୈଜ୍ଞାନିକ ସିଦ୍ଧାନ୍ତର ଅନୁଭବ କରିବାରେ ସହାୟତା କରିବା ମୋର ମନେ ପଡୁ ନାହିଁ। ଅବଶ୍ୟ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷାଦାନ ପାଇଁ ଆବଶ୍ୟକ ଉପକରଣ ଓ ବୈଜ୍ଞାନିକ ଯନ୍ତ୍ରପାତି ଥିଲା କି ନାହିଁ କହିପାରିବି ନାହିଁ। କିନ୍ତୁ ଗୋଟିଏ ମଣିଷ ଶରୀରର ହାଡ଼ ଆକୃତିର ପୂର୍ଣ୍ଣାଙ୍ଗ ଚିତ୍ର (କଙ୍କାଳ)ଏକ କାଚ ଆଲମିରା ଭିତରେ ଥିଲା। ତାହା ନିଶ୍ଚୟ ବିଜ୍ଞାନ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଶରୀର ବିଜ୍ଞାନ ପଢ଼େଇଲା ବେଳେ ଥରେ ମଧ୍ୟ ତାହା ଉପଯୋଗ ହୋଇଥିବାର ଆମର ମନେ ନାହିଁ। କିନ୍ତୁ ସତ କଥା ହେଉଛି ସେ କଙ୍କାଳ ପ୍ରତିକୃତିଟିକୁ ଦେଖିଲେ ଆମ ମନରେ ଭୟ ଆସୁଥିଲା। ଆମେ ଭାବୁଥିଲୁ ଯଦି କିଏ ଦୁଷ୍ଟାମି କରେ ଏହି ମଲା ମଣିଷର ହାଡ଼ ପ୍ରତିକୃତି ନିକଟରେ ଛାଡି ଦିଆଯିବ। ଅର୍ଥାତ୍ ବିଜ୍ଞାନ ଶିକ୍ଷାଦାନ ମୋ ବିଦ୍ୟାଳୟରେ ପରୀକ୍ଷଣଭିତ୍ତିକ ବା ପାଠ୍ୟ ଉପକରଣ ଆଧାରିତ ନ ଥିଲା। କେବଳ ପୁସ୍ତକ ଓ ଶିକ୍ଷକଙ୍କ ବାଚନିକ ଶିକ୍ଷାଦାନ ଭିତରେ ସୀମିତ ଥିଲା, ଯାହାକି ଆଜି ମଧ୍ୟ ମୋ ଭଳି ଅନେକ ସହପାଠୀଙ୍କ ପାଇଁ ବିଜ୍ଞାନ ଏକ ଜଟିଳ, ଅବୋଧ ଓ କେବଳ ସର୍ବୋଚ୍ଚ ଅଙ୍କ ରଖିପାରୁଥିବା ପିଲାଙ୍କ ପାଠ ବୋଲି ମନରେ ବିଚାର ରହିଛି।

ଅବଶ୍ୟ ଆଜି ମଧ୍ୟ ଅନେକ ବିଦ୍ୟାଳୟରେ ବିଜ୍ଞାନାଗାର ନ ଥାଇ ପାରେ। ଶିକ୍ଷୟିତ୍ରୀଶିକ୍ଷକମାନେ ବିଜ୍ଞାନ ଉପକରଣ ଓ ବିନା ପରୀକ୍ଷଣରେ ବିଜ୍ଞାନ ବିଷୟବସ୍ତୁକୁ ପଢାଉଥାଇ ପାରନ୍ତି। ଯଦି ଏଭଳି ଚାଲିଥିବ ତା'ହେଲେ ବିଜ୍ଞାନ ଶିକ୍ଷା ମୋ ଭଳି ଅନେକଙ୍କ ପାଇଁ ପୋଥି ବାଇଗଣ, କେବେ ମଧ୍ୟ ବାଡି ବାଇଗଣ ହୋଇପାରିବ ନାହିଁ।

ଅବଶ୍ୟ ସରକାରୀ ସ୍ତରରେ ବିଦ୍ୟାଳୟ ରୂପାନ୍ତରଣ ମାଧ୍ୟମରେ ସବୁ ବିଦ୍ୟାଳୟରେ ବିଜ୍ଞାନାଗାର ଓ ଉପକରଣ ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ସରକାରୀ ସହାୟତାରେ ରାଜ୍ୟର ବିଦ୍ୟାଳୟଗୁଡିକରେ ବିଜ୍ଞାନାଗାର ସ୍ଥାପନ ସହ ବିଭିନ୍ନ ଉପକରଣ କିଣି ବିଜ୍ଞାନ ଶିକ୍ଷାଦାନକୁ ପ୍ରାମାଣିକ ଓ ଅନୁଭୂତିଭିତ୍ତିକ କରିବା ପାଇଁ ପଦକ୍ଷେପ ନିଆଯାଉଛି । ବିଜ୍ଞାନ ଶିକ୍ଷାର ପ୍ରମୁଖ ଉଦ୍ଦେଶ୍ୟ ସବୁ ପିଲାଙ୍କୁ ବୈଜ୍ଞାନିକ କରିଦେବା ନୁହେଁ ବରଂ ପିଲାମାନଙ୍କ ଭିତରେ ବୈଜ୍ଞାନିକ ସିଦ୍ଧାନ୍ତ ପ୍ରତି ଜିଜ୍ଞାସା ବଢିବା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ଦୃଷ୍ଟିଭଙ୍ଗୀର ଉଦ୍ରେକ କରେଇବା, ବିଜ୍ଞାନ ପୁସ୍ତକ ଆଧାରିତ ନିୟମ, ସିଦ୍ଧାନ୍ତ ଓ ସେଗୁଡିକର ଉପଯୋଗିତାଗୁଡିକ ନିଜ ଜୀବନରେ ଉପଯୋଗ କରିବା। ଏହା ଦ୍ୱାରା ପିଲାଙ୍କ ଭିତରେ ନୂତନ ଜ୍ଞାନ ଓ ଗବେଷଣା ପ୍ରତି ଜିଜ୍ଞାସା ବଢିବା ସହ ସମାଜରେ ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ହୋଇପାରିବ। କିନ୍ତୁ ଏଥିପାଇଁ ଶ୍ରେଣୀ ଶିକ୍ଷାଦାନ କାର୍ଯ୍ୟଭିତ୍ତିକ, ପରୀକ୍ଷଣ ଆଧାରିତ ଏବଂ ପିଲାଙ୍କୁ ବିଜ୍ଞାନ ଶିକ୍ଷାଦାନ ପ୍ରତି ଆକୃଷ୍ଟ କରିବା ପାଇଁ ଆବଶ୍ୟକ ଉପକରଣ, କ୍ଷେତ୍ର ଭ୍ରମଣ ଭଳି ଶିକ୍ଷାଦାନ ପ୍ରଣାଳୀ ଅବଲମ୍ବନ କରିବାକୁ ପଡ଼ିବ। କେବଳ ପିଲାଙ୍କ ସାମ୍ନାରେ ଠିଆ ହୋଇ ପୁସ୍ତକର ଅବିକଳ ଆଲୋଚନା ଓ ପ୍ରଶ୍ନୋତ୍ତର ମୁଖସ୍ଥ ଉପରେ ଗୁରୁତ୍ୱ ଦେଲେ ପିଲାମାନେ ପରୀକ୍ଷାରେ ଭଲ ନମ୍ବର ରଖି ଭଲ ଚାକିରି କରିପାରିବେ ମାତ୍ର ବିଜ୍ଞାନକୁ ଜୀବନରେ ଉପଯୋଗ କରି ସଫଳ ଜୀବନ ନିର୍ବାହ କରିବା ସମ୍ଭାବନା କମ୍। ତେଣୁ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକମାନେ ବିନା ଉପକରଣରେ ଶିକ୍ଷାଦାନ ପାଇଁ ଯିବା ଅନୁଚିତ। ଏଥିପାଇଁ ପାଠ୍ୟ ବିଷୟବସ୍ତୁକୁ ବିଶ୍ଳେଷଣ କରି ଆବଶ୍ୟକତା ଭିତ୍ତିରେ ଆକର୍ଷଣୀୟ, ପ୍ରାସଙ୍ଗିକ ତଥା ବ୍ୟବହାରଯୋଗ୍ୟ ଉପକରଣ ସହ ଶ୍ରେଣୀ ଭିତରେ ବା ପରୀକ୍ଷାଗାରରେ ବିଜ୍ଞାନ ପରୀକ୍ଷା ମାଧ୍ୟମରେ ଶିକ୍ଷାଦାନ କରିପାରିଲେ ସାଧାରଣ ମେଧାସମ୍ପନ୍ନ ଛାତ୍ରୀଛାତ୍ରମାନେ ବିଜ୍ଞାନ ଶିକ୍ଷାଦାନ ପ୍ରତି ଆକୃଷ୍ଟ ହେବେ।



**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | 5 | |
| | 1 | | 6 | | | | | 3 |
| | 6 | | | | | 4 | | |
| | 7 | | | | | 9 | | |
| 8 | | 1 | 7 | | 4 | | 2 | |
| 3 | | 6 | 1 | | | | | |
| | | 4 | | | 8 | | | 5 |
| | | | | 1 | | | 3 | |
| | | | | 2 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 2 | 5 | 7 | 1 | 3 | 4 | 9 |
| 7 | 9 | 1 | 4 | 8 | 3 | 6 | 2 | 5 |
| 4 | 3 | 5 | 2 | 9 | 6 | 7 | 1 | 8 |
| 5 | 1 | 8 | 6 | 3 | 2 | 4 | 9 | 7 |
| 6 | 2 | 9 | 7 | 4 | 8 | 5 | 3 | 1 |
| 3 | 7 | 4 | 1 | 5 | 9 | 8 | 6 | 2 |
| 1 | 4 | 6 | 8 | 2 | 5 | 9 | 7 | 3 |
| 2 | 8 | 3 | 9 | 6 | 7 | 1 | 5 | 4 |
| 9 | 5 | 7 | 3 | 1 | 4 | 2 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳରେ ସାପକାମୁଡ଼ା ମୃତ୍ୟୁ ଅଧିକ

ମହାଶୟ,

ଚାରିଆଡ଼େ ନାଗସାପ, ଚମ୍ପା ନାଗ, ବୋଡ଼ା ଦିନକୁ ଦିନ ପ୍ରବଳ ହେଲେଣି। ସରକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ସାପମାନଙ୍କ ସୁରକ୍ଷା ଉପରେ କଡ଼ା କଟକଣା ଜାରି କରିଛନ୍ତି। ହେଲେ ରାତି ପାହିଲେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ପ୍ରବଳ। ବେଶି ସାପକାମୁଡ଼ାରେ ମୃତ୍ୟୁ ଘଟୁଛି ଗ୍ରାମାଞ୍ଚଳରେ। ବିଲରେ କାମ କରୁଥିବା ଲୋକଙ୍କୁ ସାପ କାମୁଡ଼ିବା ଫଳରେ ସେମାନେ ମୃତ୍ୟୁବରଣ କରୁଛନ୍ତି। ଏହା ବ୍ୟତୀତ କିଏ ଫୁଲ ତୋଳିବା, ବାଡ଼ିକୁ ଯିବା, ପୋଖରୀକୁ ଯିବା ବେଳେ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି। ଏମିତି କି ମାସକରେ ତିନି ଚାରିଜଣଙ୍କର ସାପକାମୁଡ଼ାରେ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପକାମୁଡା ଇଞ୍ଜେକସନ ମିଳେନାହିଁ। ଫଳରେ ଚିକିତ୍ସାରେ ବିଳମ୍ବ ବି ମୃତ୍ୟୁର କାରଣ ପାଲଟୁଛି। ସରକାର ଏହାର କିଛି ସମାଧାନର ବାଟ ବାହାର କଲେ ଭଲ ହୁଅନ୍ତା ।

–ରଞ୍ଜନ ମିଶ୍ର, ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରାସାଦ-କୁଟିର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧୀ!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା।
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଖଣି ଖନନକୁ ବିରୋଧକରି ପୋଷ୍ଟର ମାରିଲେ ମାଓବାଦୀ

**ରାୟଗଡ଼ା/ଟିକିରି, ୧୪।୧୨ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ଓ ଅଡ଼ାଜୋର ପଞ୍ଚାୟତର ଅଦାଟାକିରି ଗ୍ରାମରେ ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବା ଗୁରୁବାର ସକାଳୁ ଦେଖିବାକୁ ମିଳିଛି। ଜିଲାରେ ଖଣି ଖନନକୁ ବିରୋଧକରି ମାଓବାଦୀ ସଂଗଠନ ବାସଧାରା-ଘୁମସୁର-ନାଗାବଳୀ ଡିଭିଜନାଲ କମିଟି ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ମାଣ୍ଡିବିସି ଗ୍ରାମର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଏକ ଆମ୍ବ ଗଛରେ ୨ଟି ପୋଷ୍ଟର ଓ ବ୍ୟାନର ଲାଗିଥିବା ସୂଚନା ମିଳିଛି। ସେହିଭଳି ଅଡ଼ାଜୋର ପଞ୍ଚାୟତର



ମାଣ୍ଡିବିସିଠାରେ ଲାଗିଥିବା ମାଓବାଦୀ ପୋଷ୍ଟର ଓ ବ୍ୟାନର।

ଅଦାଟାକିରି ଗ୍ରାମରେ ମଧ୍ୟ ପୋଷ୍ଟର ମରାଯାଇଛି। ଏହି ପୋଷ୍ଟରରେ ସିଜିମାଳି, କୁଟ୍ରୁମାଳି ଓ ମାଝିଙ୍ଗମାଳି ଖଣି ଖନନକୁ ମାଓବାଦୀ ଦୃଢ଼ ବିରୋଧ କରୁଥିବା ଉଲ୍ଲେଖ କରିଛନ୍ତି। ଏଥିସହ ଖଣି ଖନନ ପାଇଁ କାର୍ଯ୍ୟ କରୁଥିବା ଦଲାଲ୍‌ଙ୍କୁ କାମ ଛାଡ଼ିବାକୁ ପୋଷ୍ଟରରେ ଚେତାବନୀ ଦିଆଯାଇଛି। ସମସ୍ତ ରାଜନୈତିକ ଦଳ ଏହି ଖଣି ଖନନ ସପକ୍ଷରେ ଥିବା ଯୋଗୁ ଆଗାମୀ ସାଧାରଣ ନିର୍ବାଚନରେ ସ୍ଥାନୀୟ ଲୋକେ ଭୋଟ ବର୍ଜନ କରିବା ପାଇଁ ମାଓବାଦୀ ସଂଗଠନ ନିର୍ଦ୍ଦେଶ ଦେଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଷ୍ଟର ଓ ବ୍ୟାନର ଜବତ କରିଛି। ମାଣ୍ଡିବିସି ଗ୍ରାମର ଅଳ୍ପ ଦୂରରେ ମାଓବାଦୀମାନେ ଏକ ବୈଠକ କରିଥିବା ସୂଚନା ମିଳିଛି। ରାୟଗଡ଼ା ଓ କଳାହାଣ୍ଡି ଜିଲା ସୀମାନ୍ତ ଅଞ୍ଚଳର କିଛି ମାଓବାଦୀ ସମର୍ଥକ ଏଥିରେ ସାମିଲ ଥିବାରୁ ମାଓବାଦୀ ଜିଲାରେ ପୁଣି ସକ୍ରିୟ ହୋଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ମାଓବାଦୀ ପୋଷ୍ଟର ଅସଲି କି ନକଲି ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ କଏଦୀ ମୃତ

**ରାଉରକେଲା, ୧୪।୧୨ (ସଙ୍ଗୀତା ଜେନା)**

ରାଉରକେଲା ସ୍ୱତନ୍ତ୍ର ଜେଲ୍‌ର ଜଣେ ବିଚାରାଧୀନ କଏଦୀ ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଝିରପାଣି ଥାନା ମାଷ୍ଟରଟୋଲାର ଏନେମ୍ ଲୁଗୁନ୍(୨୪)। ଏ ନେଇ ରଘୁନାଥପାଲ୍ଲୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩୪/୨୩) ରୁଜୁ ହୋଇଛି। ଜେଲର ରତିକାନ୍ତ ଶୁକ୍ଳାଙ୍କ ସୂଚନା ଅନୁସାରେ, ଏକ ହତ୍ୟା ଘଟଣାରେ ଏନେମ୍ ଗିରଫ ହୋଇ ୨୦୨୧ ଜୁନ୍ ୧୪ରୁ ରାଉରକେଲା ସ୍ୱତନ୍ତ୍ର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଗୁରୁବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର ଗିରଫ

**ଭୁବନେଶ୍ୱର, ୧୪।୧୨ (ସତ୍ୟଜିତ୍ ରାଉତ)**

**ପ୍ରକୃତ ଆୟଠାରୁ ୭୯ ପ୍ରତିଶତ ଅଧିକ ସମ୍ପତ୍ତି ଠାବ**

ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର ଶାଶ୍ୱତ କୁମାର ପଟ୍ଟନାୟକଙ୍କୁ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଗିରଫ କରାଯାଇଛି। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୭୯ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ଶାଶ୍ୱତ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ତାଙ୍କ ନାମରେ ଏକ ମାମଲା (ନଂ.୩୬/୨୦୨୩) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ଶାଶ୍ୱତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଶାଶ୍ୱତଙ୍କ ନୟାଗଡ଼ ଦେବୋତ୍ତର କଲୋନୀସ୍ଥିତ ଭଡ଼ା ଘର, କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ଅନ୍ତର୍ଗତ ତଳଗାଁରେ ଥିବା ପୈତୃକ ଘର ସମେତ ୫ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ କେନ୍ଦ୍ରାପଡ଼ା ଟାଉନସ୍ଥିତ ତାଳବରଙ୍ଗାଠାରେ ଗୋଟିଏ ଦୁଇ ମହଲା କୋଠା, ତଳଗାଁରେ ଅନ୍ୟଏକ ଦୁଇମହଲା କୋଠା ଏବଂ ଜଟଣୀ, କେନ୍ଦ୍ରାପଡ଼ା ଟାଉନ ଓ କଟକରେ ୬ଟି ଫ୍ଲାଟ୍ ଠାବ ହୋଇଥିଲା। ସେହିପରି ୩ ବାଇକ ଓ ଗୋଟିଏ ଚାରି ଚକିଆ ଯାନ ରହିଥିବାବେଳେ ଜମି କିଣିବାକୁ ଶାଶ୍ୱତ ଦୁଇଜଣ ଏଜେଣ୍ଟଙ୍କୁ ୬.୫୪ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।

## ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି

**ସମ୍ବଲପୁର, ୧୪।୧୨ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଜଙ୍ଗଲର ଏକ ପରିତ୍ୟକ୍ତ ବୋର୍‌ୱେଲ ମଧ୍ୟରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟା ବର୍ତ୍ତମାନ ବୁର୍ଲା ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଚିକିତ୍ସାଧୀନ ରହିଛି। ଏକ ୫ ଜଣିଆ ଚିକିତ୍ସକ ଦଳ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାଏକ କହିଛନ୍ତି, ଅନ୍ତଃନଳୀରେ ରକ୍ତସ୍ରାବ ହେତୁ ଶିଶୁର ସ୍ୱାସ୍ଥ୍ୟରେ ସାମାନ୍ୟ ଜଟିଳତା ଦେଖାଦେଇଥିଲା। ଅଲଟ୍ରାସାଉଣ୍ଡରେ ଏହା ଜଣାପଡ଼ିବା ପରେ ତୁରନ୍ତ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ମାତ୍ର ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶିଶୁକୁ କୌଣସି ଖାଦ୍ୟ ଦିଆଯାଇ ନାହିଁ। ଶିଶୁକନ୍ୟାଟି ଆହୁରି ୭୨ ଘଣ୍ଟା ପର୍ଯ୍ୟବେକ୍ଷଣରେ ରହିବ। ଅନ୍ୟପକ୍ଷେ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଆଗ୍ରହୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ବିଭିନ୍ନ ଜିଲା ତଥା ରାଜ୍ୟ ବାହାର ଦମ୍ପତି ଶିଶୁକନ୍ୟାକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି।

# ଆମରଣ ଅନଶନରେ ପିହୁଙ୍କ ମା'

**ଯାଜପୁର ଟାଉନ, ୧୪।୧୨ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୁଦନପୁର ଗ୍ରାମର ଅଢ଼େଇ ବର୍ଷର ଝିଅ ପିହୁ ନିଖୋଜ ଘଟଣାର ତଦନ୍ତ ଦାବି କରି ତାଙ୍କ ମା' ମୋନାଲିସା ନାୟକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ପିହୁଙ୍କ ଠିକଣା ନ ମିଳିବ ସେ ପର୍ଯ୍ୟନ୍ତ ସେ ଅନଶନରେ ବସିରହିବେ ବୋଲି କହିଛନ୍ତି। ମୋନାଲିସାଙ୍କ ଧାରଣା ପାଇଁ ପୋଲିସ, ଦମକଳବାହିନୀ ଓ ଡାକ୍ତରୀଦଳ ସେଠାରେ ଉପସ୍ଥିତ ରହିଛନ୍ତି।

୨୦୨୦ ଅଗଷ୍ଟ ୯ ତାରିଖରେ ଘର ସମ୍ମୁଖରେ ଖେଳୁଥିବାବେଳେ ପିହୁ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ନ ମିଳିବାରୁ ମୋନାଲିସା ଥାନାରେ ଲିଖିତ ଏତଲା ଦାଏର କରିଥିଲେ। ହେଲେ ଥାନାଧିକାରୀ ମାମଲା ରୁଜୁ କରି ନ ଥିଲେ କିମ୍ବା ତଦନ୍ତ ମଧ୍ୟ କରି ନ ଥିଲେ। ୪ ମାସ ପରେ ପିହୁ ନିଖୋଜ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବାପରେ ପୋଲିସ ଆକ୍ସନମୋଡକୁ ଆସିଥିଲା। ପରେ ସେହି ଗ୍ରାମରେ ଥିବା ପୋଖରୀ ସୁଖାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରି ନ ଥିଲା। ମୋନାଲିସା ପିହୁଙ୍କ ନିଖୋଜ ଘଟଣାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁବୋଲି ଦାବିକରି ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ପତ୍ରାଳାପ କରିଥିଲେ। ଏପରି କି ୨ବର୍ଷ ତଳେ ବିଧାନସଭା ଚାଲିଥିବାବେଳେ ମୋନାଲିସା ଧାରଣା ଦେଇଥିଲେ। ଏହି ଘଟଣାକୁ ନେଇ ୬ ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି ଡିଜିପିଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସେ ଅନଶନରୁ ଓହରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଟିମ୍ ଗଠନ କରାଯାଇ ନ ଥିବା ମୋନାଲିସା ଗଣମାଧ୍ୟମକୁ କହିବା ସହ ତଦନ୍ତ ପ୍ରହସନ ପାଲଟିଛି ବୋଲି ପ୍ରକାଶ କରିଛନ୍ତି। ମୋନାଲିସା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା।

# ଭାରତ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ଭାବେ ଆଗକୁ ଆସିଛି



**ଭୁବନେଶ୍ୱର, ୧୪।୧୨ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ତ୍ତମାନ ଦୁନିଆର ପ୍ରଗତିଶୀଳ ରାଷ୍ଟ୍ର ଏବଂ ଗ୍ଲୋବାଲ ସାଉଥ୍ ପାଇଁ ଏକ ଉଦାହରଣ ଭାବେ ଆଗକୁ ଆସିଛି। ମୋଦିଙ୍କ ନେତୃତ୍ୱରେ ଭାରତ ଦୁନିଆ ପାଇଁ ଇଣ୍ଟରନ୍ୟାଶନାଲ ସୋଲାର ଆଲିଆନ୍ସ, ଜୈବ ଇନ୍ଧନ ଓ ହାଇଡ୍ରୋଜେନ ଇନ୍ଧନ ଭଳି ଉର୍ଜା ରୂପାନ୍ତରଣର ନୂଆ ମଡେଲ ତିଆରି କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ବର୍ତ୍ତମାନ ନୂଆଦିଲ୍ଲୀଠାରେ ଆଇଆଇଟି କାନପୁର ଏବଂ କୋଟାକ୍ ବ୍ୟାଙ୍କ୍ ଦ୍ୱାରା ସ୍ଥାପିତ ହୋଇଥିବା 'କୋଟକ୍ ସ୍କୁଲ ଅଫ୍ ସଷ୍ଟେନବିଲିଟି'ର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଏବେ ଦୁନିଆ ଯେଉଁଭଳି ଆହ୍ୱାନ ଦେଇ ଗତି କରୁଛି, ତା'ର ସମାଧାନ ପାଇଁ ସଷ୍ଟେନବିଲିଟି ଉପରେ ଅନୁସନ୍ଧାନ ଏବଂ ବିକାଶ କରିବା ଜରୁରୀ । ଏଥିପାଇଁ ପ୍ରଥମ ଥର ପାଇଁ ଜାତୀୟ ଶିକ୍ଷାନୀତିରେ ଦର୍ଶାଯାଇଥିବା ଜାତୀୟ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଏଫ୍) ମାଧ୍ୟମରେ ଗବେଷଣା ଉପରେ ଜୋର୍ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଦୁନିଆକୁ ମିଶନ ଲାଇଫ୍‌ର ମନ୍ତ୍ର ଦେଇଛନ୍ତି। କୋଟାକ୍ ସ୍କୁଲ ଏହି ମନ୍ତ୍ର ଅନୁସରଣ କରି ସଷ୍ଟେନବିଲିଟିରେ ସବୁ ଫ୍ୟାକ୍ଟର ପର୍ଯ୍ୟନ୍ତ ଏକ ନୂଆ ମଡେଲ ତିଆରି କରୁ, ଯେଉଁ ମଡେଲ କେବଳ ଭାରତର ଆବଶ୍ୟକତା ପୂରଣ କରିବ ନାହିଁ ବରଂ ବିଶ୍ୱର ଗରିବ ଓ ପ୍ରଗତିଶୀଳ ଦେଶ ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିବ ବୋଲି ସେ କହିଛନ୍ତି।

# ଆଜିଠୁ କ୍ୟୁଏମ୍‌ଏସ୍-୨.୦ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୧୪।୧୨ (ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୬ ତାରିଖରେ ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ କ୍ୱାର୍ଟର ମ୍ୟାନେଜମେଣ୍ଟ ସିଷ୍ଟମ (କ୍ୟୁଏମ୍‌ଏସ୍) ୨.୦ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉକ୍ତ ଆପ୍ଲିକେଶନରେ କର୍ମଚାରୀଙ୍କୁ କ୍ୱାର୍ଟର ଆବଣ୍ଟନ କ୍ଷେତ୍ରରେ ସେମାନଙ୍କ ଅସୁବିଧାକୁ ଦୂର କରିବା ପାଇଁ ଡିଜାଇନ କରାଯାଇଥିବା ପ୍ରକାଶ କରିଥିଲେ। ଭୁବନେଶ୍ୱର ଓ କଟକରେ ଥିବା ଟାଇପ୍-୧ରୁ ଟାଇପ୍-୬ ବର୍ଗକୁ ଅନ୍ତର୍ଭୁକ୍ତକରି ଜିଏ ପୁଲ୍ କ୍ୱାର୍ଟର୍ସଗୁଡ଼ିକର ଅନ୍‌ଲାଇନ ଆବେଦନ, ଆବଣ୍ଟନ ଓ ପରିଚାଳନା ପାଇଁ ଏଚ୍‌ଆର୍‌ଏମ୍‌ଏସ୍ ପ୍ଲାଟ୍‌ଫର୍ମରେ ଥିବା ଇ-କ୍ୱାର୍ଟର୍ସ ଦରଖାସ୍ତ ବ୍ୟବସ୍ଥାକୁ କ୍ୱାର୍ଟର ମ୍ୟାନେଜମେଣ୍ଟ ସିଷ୍ଟମ-୨.୦କୁ ଉପଯୁକ୍ତ ଭାବେ ବିକଶିତ କରାଯାଇଛି। ଆବେଦନ, ଆବଣ୍ଟନ, ଛୁଟି ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଏନ୍‌ଓସି/ଏନଡିସି ଜାରି କରିବା ଠାରୁ ଆରମ୍ଭ କରି କ୍ୱାର୍ଟର ମ୍ୟାନେଜମେଣ୍ଟ ସହ ଜଡ଼ିତ ସମସ୍ତ କାର୍ଯ୍ୟକଳାପକୁ ଏହି ନୂଆ ଆପ୍ଲିକେଶନରେ ସୁବିଧାରେ ପରିଚାଳିତ ହେବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ସିଏମ୍‌ଜିଆଇ ଦ୍ୱାରା ନୂତନ ଭାବେ ବିକଶିତ କ୍ୟୁଏମ୍‌ଏସ୍ -୨.୦ ମଡ୍ୟୁଲ ଆଗାମୀ ଡିସେମ୍ବର ୧୫ରୁ ଏଚ୍‌ଆର୍‌ଏମ୍‌ଏସ୍ ପ୍ଲାଟ୍‌ଫର୍ମ ତଥା https://qms.hrmsodisha.gov.in ୟୁଆର୍‌ଏଲ୍‌ରେ କାର୍ଯ୍ୟକ୍ଷମ ହେବ। କ୍ୟୁଏମ୍‌ଏସ୍ ୨.୦ ଅନୁସାରେ ଏକ କ୍ୱାର୍ଟର୍ସ ପାଇଁ ଆବେଦନ କରିବା ନିମନ୍ତେ ଜିଏ ଇଷ୍ଟେଟ୍‌ର ସୁବିଧା କେନ୍ଦ୍ରରେ ସରକାରୀ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଯେପରି ଆସିବାକୁ ପଡିବ ନାହିଁ, ତାହାକୁ ଦୃଷ୍ଟି ଦେଇ ସେହି ଅନୁସାରେ ଡିଜାଇନ ପ୍ରସ୍ତୁତ କରାଯାଇଛି।




# ଜୟନାରାୟଣଙ୍କ ଅନୁଗତ ଏବେ ଆଶାୟୀ

**ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ସମ୍ବଲପୁର,୧୪।୧୨(ପ୍ରମୋଦ ବହିଦାର)

ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନମଣ୍ଡଳୀ 'ସମ୍ବଲପୁର'। ଏକଦା କଂଗ୍ରେସ ଗଡ଼ଭାବେ ଏହା ପରିଚିତ ଥିଲା। ସମ୍ବଲପୁର ସହିତ ବୁର୍ଲା ଓ ହୀରାକୁଦକୁ ନେଇ ଗଠିତ ବିଧାନସଭା ନିର୍ବାଚନମଣ୍ଡଳୀ ୨୦୦୦ ପରଠାରୁ ଦୀର୍ଘ ବର୍ଷ ଭାଜପା ନେତାଙ୍କ ଅକ୍ତିଆରରେ ରହିଆସିଛି। ବର୍ତ୍ତମାନ ଭାଜପାର ବରିଷ୍ଠ ନେତା ତଥା ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସମ୍ବଲପୁର ବିଧାୟକ ରହିଛନ୍ତି। ଆଲୋଚିତ ଅବଧି ମଧ୍ୟରେ ସେ ୪ଥର ବିଧାୟକ ହୋଇଥିବା ବେଳେ ୨୦୧୪ରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଜିତିବା ପରେ ଥରେ ମାତ୍ର ଏହି ଆସନ ବିଜେଡି ଦଖଲକୁ ଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭାଜପା ସମ୍ବଲପୁରରେ କାହାକୁ ପ୍ରାର୍ଥୀ କରିବ ଏବେଠୁ ଚର୍ଚ୍ଚା ଜୋର ଧରିଲାଣି।

ଆଲୋଚନା ହେଉଛି, ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୨୦୧୯ରୁ ଦୀର୍ଘ ସାଢ଼େ ୪ ବର୍ଷହେଲା ନିଜ ନିର୍ବାଚନମଣ୍ଡଳୀରୁ ଜୟନାରାୟଣ ଦୂରେଇ ରହିଛନ୍ତି। ଏପରିକି ଏହି ସମୟ ମଧ୍ୟରେ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ନିକଟରେ ପହଞ୍ଚି ପାରି ନ ଥିବା ବେଳେ ବିଧାନସଭା ଭିତରେ ବା ବାହାରେ ତାଙ୍କର କୌଣସି ଉଲ୍ଲେଖନୀୟ କାର୍ଯ୍ୟ ଦେଖିବାକୁ ମିଳିନାହିଁ। ତେଣୁ ସମର୍ଥକମାନେ ଭୋଟରଙ୍କ ନିକଟକୁ ଯିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ସମ୍ବଲପୁରରେ ୧୫ ଫେବୃୟାରୀ ୨୦୨୩ରେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ମାମଲାରେ ଜୟନାରାୟଣଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଏଥିପାଇଁ ସେ ହାଇକୋର୍ଟରେ କରିଥିବା ଆଗୁଆ ଜାମିନ ଆବେଦନ ଖାରଜ ହୋଇଯାଇଛି। ଗିରଫ ହେବା ଭୟରେ ସେ ଆରୋଗ୍ୟ ହେଲା ପରେ ମଧ୍ୟ ଦୀର୍ଘଦିନ ହେଲା ସମ୍ବଲପୁର ମାଟି ମାଡ଼ୁ ନ ଥିବା ଗୁଞ୍ଜରଣ ସୃଷ୍ଟି କରିଛି। ୨୦୨୪ ନିର୍ବାଚନରୁ ତାଙ୍କ ଓହରିବା ଆଶଙ୍କା ପ୍ରକାଶ ପାଇଥିବାରୁ ଦଳରେ ପ୍ରାର୍ଥିତ୍ୱ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏପରିକି କେତେକ ଆଶାୟୀ ବିଧାୟକ ଜୟନାରାୟଣଙ୍କ ଏକାନ୍ତ ଅନୁଗତ ଥିଲେ ମଧ୍ୟ ତାଙ୍କ ଅନୁପସ୍ଥିତି ଯୋଗୁ ସେମାନଙ୍କ ମଧ୍ୟରେ ପ୍ରାର୍ଥିତ୍ୱକୁ ନେଇ ରହିଥିବା ଲୁକ୍କାୟିତ ସ୍ପୃହା ଜାଗ୍ରତ ହୋଇଥିବା ଲକ୍ଷ୍ୟ କରାଯାଉଛି। ଏହା ଏବେ ଜନରବର ରୂପ ନେଇଛି। ସେମାନଙ୍କ ମଧ୍ୟରେ ସମ୍ବଲପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଏବଂ ଦାମୋଦର କର ପ୍ରମୁଖଙ୍କ ନାମ ରହିଛି। ଏମାନଙ୍କ ବ୍ୟତୀତ ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ପ୍ରମୁଖ ଡା. ରାଜକୁମାର ବଡ଼ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁଧୀର ବହିଦାର, ଡା. ପ୍ରଭାସ ଦେବତାଙ୍କ ନାମ ମଧ୍ୟ ଚର୍ଚ୍ଚାର ପରିସରଭୁକ୍ତ ହୋଇଥିବା ବେଳେ ସମସ୍ତେ ନିଜନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ସହ ସମର୍ଥକଙ୍କୁ ନେଇ ପ୍ରୟାସ ଜାରି ରଖିଛନ୍ତି। ଏହାସହ ଜୟନାରାୟଣ ଝିଅ ଶୁଭଶ୍ରୀଙ୍କ ପାଇଁ ଦଳୀୟ ଟିକେଟ ସକାଶେ ଲବି କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

ଏବେ ନିର୍ବାଚନମଣ୍ଡଳୀରେ ଜିଲା ସଭାପତି ପଟେଲଙ୍କୁ ନେଇ ଅପେକ୍ଷାକୃତ ଅଧିକ ଆଲୋଚନା ହେଉଛି। ଜୟନାରାୟଣଙ୍କ ଅନୁପସ୍ଥିତିର ଫାଇଦା ନେଇ ସେ ବିଭିନ୍ନ ସମୟରେ ଦଳୀୟ କର୍ମୀଙ୍କୁ ତାଙ୍କ ସପକ୍ଷରେ ଏକଜୁଟ କରି ସଭା ଆୟୋଜନ କରୁଛନ୍ତି। ଏଥିସହ ସରକାର ବିରୋଧରେ ରାଲି, ବିକ୍ଷୋଭ ଓ ଘେରାଉ ଆଦି କରି ସେ ଜନ ସମର୍ଥନ ଯୋଗାଡ଼ରେ ବ୍ୟସ୍ତ ଥିବା ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି।



ଦାମୋଦର କର



ଗିରିଶ ପଟେଲ



ସମୀର ରଞ୍ଜନ ବାବୁ

# ମୋ ସହିତ ଲାଗନି ସବୁ ଭଣ୍ଡୁର କରିଦେବି: ତାରା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୋରାପୁଟ,୧୪।୧୨(ଅମିତାଭ ବେହେରା)

କୋରାପୁଟରେ ଲକ୍ଷ୍ମୀ ବସ୍ ସେବା ଉଦ୍‌ଘାଟନ ଅବସରରେ କେତେକ କାରଣ ଯୋଗୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ମଞ୍ଚରେ ସମସ୍ତଙ୍କ ସମ୍ମୁଖରେ ସେ ମୋ ସହିତ ଲାଗନି ସବୁ ଭଣ୍ଡୁର କରିଦେବି ବୋଲି ଚେତାବନୀ ଦେଇଥିଲେ। ତାରା ଭାଷଣ ଦେବାକୁ ଯାଉଥିବା ବେଳେ ମଞ୍ଚ ଆଗରେ ବସିଥିବା କିଛି ବିଜେଡ଼ି କର୍ମୀ ନବୀନ ପଟ୍ଟନାୟକ ଜିନ୍ଦାବାଦ ବୋଲି ସ୍ଲୋଗାନ ଦେଇଥିଲେ। ସରକାରୀ କାର୍ଯ୍ୟକ୍ରମରେ ବିଜେଡ଼ି କର୍ମୀ ନବୀନ ପଟ୍ଟନାୟକ ସ୍ଲୋଗାନ ଦେଇ ତାଙ୍କ ଭାଷଣ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲେ ବୋଲି ବିଧାୟକ ଅଭିଯୋଗ କରିଛନ୍ତି । ନବୀନ ପଟ୍ଟନାୟକ ନାରା ଦେଇସାର, ମୁଁ ତା'ପରେ ଭାଷଣ ଦେବି ବୋଲି କହି ତାରା ଅପେକ୍ଷା କରିଥିଲେ । ପରେ ମୋ ସହିତ ଲାଗନି ସବୁ କାର୍ଯ୍ୟକ୍ରମ ଭଣ୍ଡୁର କରିଦେବି। ଭାଲୁ ଭାଇନାକୁ ଚ୍ୟାଲେଞ୍ଜ କଲେ ଭାଲୁ ବରଦାସ୍ତ କରେନାହିଁ ବୋଲି ତାରା କହିଥିଲେ। ମଞ୍ଚ ସମ୍ମୁଖରେ ବସିଥିବା ବିଜେଡ଼ି କର୍ମୀମାନଙ୍କୁ ଲକ୍ଷ୍ୟ କରି ସେ କହିଲେ, ନିର୍ବାଚନ ଭୋଟ ବ୍ୟାଙ୍କ ରାଜନୀତିକୁ ମୁଁ ଡରୁନି। ପୂର୍ବରୁ ସରକାରଙ୍କ ବିଜୁ ଗାଁ ଗାଡ଼ି, ସିଟି ବସ୍ ସେବା ଜିଲାରେ ବିଫଳ ହୋଇଛି। ଏବେ ତୃତୀୟ ଥର ପାଇଁ ସରକାର ଘରେ ଘରେ ଲକ୍ଷ୍ମୀ ବସ୍ ସେବା କୋରାପୁଟବାସୀଙ୍କୁ ଦେଲେ। ଏହାକୁ ସ୍ୱାଗତ କରୁଛି ବୋଲି ପ୍ରକାଶ କରି ତାରା କହିଲେ, ସରକାରଙ୍କ ଏହି ଯୋଜନା ଫେଲ୍ ନ ମାରୁ। ଲୋକେ ଉପକୃତ ହୁଅନ୍ତୁ। ଏହି ସମୟରେ ମଞ୍ଚରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯୁବକଂଗ୍ରେସ ସଭାପତି ଭାବେ ନିଯୁକ୍ତିପତ୍ର ପାଇଲେ ରଞ୍ଜିତ

ଭୁବନେଶ୍ୱର, ୧୪।୧୨(ସୁନିତ୍ ମିଶ୍ର)

ଅଖିଳ ଭାରତୀୟ ଯୁବକଂଗ୍ରେସର ରାଷ୍ଟ୍ରୀୟ ସଭାପତି ବି.ଭି. ଶ୍ରୀନିବାସ ଗୁରୁବାର ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ ଯୁବକଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଭାବେ ରଞ୍ଜିତ ପାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ରଞ୍ଜିତ ୧୨ ବର୍ଷ ଧରି ଯୁବକଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ସେ ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀ, ଭୁବନେଶ୍ୱର ଲୋକ ସଭା ମଣ୍ଡଳୀ ଏବଂ ଭୁବନେଶ୍ୱର ଜିଲା ଯୁବକଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ସଦ୍ୟ ସମାପିତ ପ୍ରଦେଶ ଯୁବକଂଗ୍ରେସ ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ସେ ସର୍ବାଧିକ ଭୋଟ ପାଇଥିଲେ। ଯୁବ କଂଗ୍ରେସର ବିଭିନ୍ନ ପଦ ପଦବୀ ଲାଗି ଦୀର୍ଘଦିନ ହେଲା ଦଳର ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ଶେଷ ହୋଇଥିଲା। ଫଳାଫଳ ଦୀର୍ଘଦିନ ତଳୁ ପ୍ରକାଶ ପାଇସାରିଥିଲା। ହେଲେ ନିଯୁକ୍ତିପତ୍ର ବିଳମ୍ବରେ ଦିଆଯାଇଛି।

# ଓଡ଼ିଶାରେ ୧୫ ଲୋକ ସଭା ଆସନ ପାଇବ ଭାଜପା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୧୨(ସୁନିତ୍ ମିଶ୍ର)



**■ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଏମିତି କଥା କହିଥାଆନ୍ତି: ଅମର**

**■ ଧର୍ମେନ୍ଦ୍ରବାବୁ ବହୁଦିନ ହେଲା ଓଡ଼ିଶାରୁ ନିର୍ବାଚନ ଲଢ଼ିନାହାନ୍ତି: ଜୟଦେବ**

୨୦୨୪ ଲୋକ ସଭା ନିର୍ବାଚନରେ ଓଡ଼ିଶାରେ ଭାଜପା ଅତିକମ୍‌ରେ ୧୫ଟି ଆସନରେ ଜିତିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପା ୪୫% ଭୋଟ ପାଇବ। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ରହଣୀୟତା ୮୦ ପ୍ରତିଶତରୁ ଅଧିକ ରହିଛି। ୨୦୧୪ ଲୋକ ସଭା ନିର୍ବାଚନରେ ଓଡ଼ିଶାରେ ଭାଜପା ୨୨% ଭୋଟ ପାଇବା ସହ ଗୋଟିଏ ଆସନରେ ଜିତିଥିଲା। ୨୦୧୪ ବିଧାନସଭା ନିର୍ବାଚନରେ ୧୮% ଭୋଟ ମିଳିବା ସହ ୧୦ଟି ଆସନରେ ଜିତିଥିଲା। ୨୦୧୯ ଲୋକ ସଭା ନିର୍ବାଚନରେ ଦଳର ଭୋଟ ୩୮%କୁ ବୃଦ୍ଧିପାଇବା ସହ ଆସନ ସଂଖ୍ୟା ୮ରେ ପହଞ୍ଚିଥିଲା। ସେଥିର ବିଜେଡିକୁ ୪୨ ପ୍ରତିଶତ ଭୋଟ ଲୋକ ସଭା ନିର୍ବାଚନରେ ମିଳିଥିଲା। ବିଧାନସଭା ନିର୍ବାଚନରେ ବିଜେଡିକୁ ୪୪ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ଭାଜପାର ଭୋଟ୍ ପ୍ରତିଶତ ୧୮%ରୁ ବୃଦ୍ଧି ପାଇ ୩୨ ପ୍ରତିଶତରେ ପହଞ୍ଚିଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭାଜପାର ଭୋଟ ହାର ପାଖାପାଖି ୧୦୦% ବଢ଼ିଛି। ରାଜନୀତିରେ ୩ ମାସ ବହୁତ ଅଧିକ ସମୟ। ପ୍ରଧାନମନ୍ତ୍ରୀ ଓଡ଼ିଶାର ସବୁଠାରୁ ବେଶି ଲୋକପ୍ରିୟ ରାଜନେତା । ମୋଦି ସରକାରଙ୍କ ସମୟରେ କେଉଁ ରାଜ୍ୟ ଯଦି ସବୁଠୁ ଅଧିକ ରାଜସ୍ୱ ପାଇଛି ତାହା ହେଉଛି ଓଡ଼ିଶା। ୪ ମାସ ପରେ ଫଳାଫଳ ଯାହା ଆସିବ ତା'ପରେ ଯଦି ଡାକିବେ ସେତେବେଳେ ବାସ୍ତବତା ଜଣାପଡିଥିବ ବୋଲି ସେ କହିଛନ୍ତି। ତେବେ ଧର୍ମେନ୍ଦ୍ରଙ୍କ ଏହି ମନ୍ତବ୍ୟ ପରେ ଉଭୟ ବିଜେଡି ଓ କଂଗ୍ରେସ ପ୍ରତିକ୍ରିୟା ରଖିଛନ୍ତି।

ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି , ଲୋକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ରାଜନୀତିକ ଦଳ ସେମାନଙ୍କ କଥା କହିଥାଆନ୍ତି। ହେଲେ ଓଡ଼ିଶାରେ ବାସ୍ତବ ସ୍ଥିତି ହେଉଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ପ୍ରତି ଲୋକଙ୍କ ବିଶ୍ୱାସ ଅତୁଟ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନେତୃତ୍ୱ ଓ ଲୋକାଭିମୁଖୀ କାମ ପାଇଁ ତାହା ସମ୍ଭବ ହୋଇଛି। ୨୦୨୪ ନିର୍ବାଚନରେ ବିଜେଡିର ଭୋଟ ପ୍ରତିଶତ ଏବଂ ସିଟ୍ ସଂଖ୍ୟା ବୃଦ୍ଧି ପାଇବ।

ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ଧର୍ମେନ୍ଦ୍ରବାବୁ ବହୁଦିନ ହେଲା ଓଡ଼ିଶାରୁ ନିର୍ବାଚନ ଲଢ଼ିନାହାନ୍ତି। ନିକଟରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳରୁ ଉତ୍ସାହିତ ହୋଇ ସେ ଏକଥା କହିଛନ୍ତି। ଭାଜପା ଓ ବିଜେଡି ଭିତରେ ସମଦୂରତା ନାହିଁ ସମଝୋତା ଅଛି। ଏ ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚିଲାଣି। ରାଜ୍ୟରେ ଭାଜପାକୁ ୧୫ଟି ଏମ୍‌ପି ସିଟ୍ ମିଳିବା କେବଳ ସ୍ୱପ୍ନ। ସେ କେବଳ କହୁ କହୁ କହି ଦେଇଛନ୍ତି ବୋଲି ଜୟଦେବ କହିଛନ୍ତି।

# ଆଜି ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀମାନଙ୍କୁ ସମ୍ବୋଧନ କରିବେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟା, ସଦସ୍ୟଙ୍କ ସହ ସମସ୍ତ ବିଧାୟକ, ଏମ୍‌ପି, ରାଜ୍ୟ ଛାମୁଆ ସଙ୍ଗଠନର ସଭାପତି ଏବଂ ଆମନ୍ତ୍ରିତ ସାଙ୍ଗଠନିକ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସର୍ବଭାରତୀୟ ସ୍ତରରେ ଏକ ପ୍ରମୁଖ ଆଞ୍ଚଳିକ ଦଳ ପାଲଟିଥିବା ବିଜୁ ଜନତା ଦଳର ୨୬ତମ ପୂର୍ତ୍ତି ଏବଂ ୨୭ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୬ ଡିସେମ୍ବରରେ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଓ ପୌରାଞ୍ଚଳରେ ପାଳନ ପାଇଁ ଦଳର ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଷ୍ଠା ଦିବସ ପାଳନରେ ବିଜୁ ଜନତା ଦଳର ସାମାଜିକ ପ୍ରତିବଦ୍ଧତାର ସ୍ମାରକୀ ସ୍ୱରୂପ ବିଭିନ୍ନ ସ୍ଥାନରେ ରକ୍ତଦାନ, ବୃକ୍ଷରୋପଣ ଭଳି କେତେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିଷ୍ଠା ଦିବସରେ ବିଭିନ୍ନ ସ୍ଥାନରେ ସଭା ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରାଯିବ। ଦଳର କର୍ମକର୍ତ୍ତା ଓ ଆଗୁଆ ସାଥୀ, ଶୁଭେଚ୍ଛୁମାନେ ଓଡ଼ିଶାବାସୀଙ୍କ ସେବା ପାଇଁ ନିଜକୁ ପୁନଃ ଉତ୍ସର୍ଗ କରିବାର ସଙ୍କଳ୍ପ ନେବେ ।

**୨୬ରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ**

# କର୍ମକର୍ତ୍ତାଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେବ । ଏହି ଦିବସକୁ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳରେ ପାଳନ କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ବିଜେଡିର ସମସ୍ତ ରାଜ୍ୟ କର୍ମକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ଜିଲା ପର୍ଯ୍ୟବେକ୍ଷକ,ଏମ୍‌ପି, ଏମ୍‌ପି ପ୍ରାର୍ଥୀ, ବିଧାୟିକା, ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ସାମ୍ମୁଖ୍ୟ ସଙ୍ଗଠନର ରାଜ୍ୟ ଓ ଜିଲା ସଭାପତି, ଜିଲା ପରିଷଦ ସଭାପତି, ଉପସଭାପତି, ପୌରାଞ୍ଚଳ ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିଙ୍କୁ ଚିଠି ଲେଖିଛନ୍ତି। ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆସନ୍ତା ଡିସେମ୍ବର ୨୬ ତାରିଖରେ ବିଜେଡି ୨୬ ବର୍ଷ ପୂରଣ କରି ୨୭ ବର୍ଷରେ ପଦାର୍ପଣ କରିବ। ଗତ ୨୬ ବର୍ଷ ଧରି ଦଳ ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରି ଆସୁଛି । ୨୬ ବର୍ଷ ଧରି ଲୋକଙ୍କ ସେବା ଏବଂ ଓଡ଼ିଶାର ବିକାଶ କରି ଆସୁଥିବା ଏହି ଦଳ ରାଜନୈତିକ କାର୍ଯ୍ୟକ୍ରମ ସହିତ ତା'ର ସାମାଜିକ ଅଙ୍ଗୀକାରବଦ୍ଧତା ପାଇଁ ଅନ୍ୟ ସର୍ବଭାରତୀୟ ଦଳ ଓ ଆଞ୍ଚଳିକ ଦଳଗୁଡ଼ିକ ଭିତରେ ବିଜେଡିକୁ ଏକ ପ୍ରଶଂସନୀୟ ପରିଚିତି ଆଣିଦେଇଛି । ଏହା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ବିଜୁବାବୁଙ୍କ ଆଦର୍ଶରେ ଓଡ଼ିଶାର ସବୁ କ୍ଷେତ୍ରର ଏବଂ ସବୁ ବର୍ଗର ଲୋକମାନଙ୍କ ବିକାଶ ପାଇଁ ବିଜେଡି ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ପାଇ ଆସିଛି । ଦଳର କର୍ମକର୍ତ୍ତା, ଜନପ୍ରତିନିଧି, ଗାଁରୁ ସହର ତଥା ବସ୍ତି ଯାଏ ଲୋକମାନଙ୍କ ସେବାରେ ନିୟୋଜିତ କର୍ମୀ, ଆଗୁଆ ସାଥୀମାନଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ମନୋଭାବ ବିଜେଡିକୁ ଲୋକଙ୍କ ନିକଟତର କରିପାରିଛି।

ଲଗାତର ବିଭିନ୍ନ ସାଧାରଣ ନିର୍ବାଚନ, ଉପନିର୍ବାଚନ, ସମବାୟ ନିର୍ବାଚନ ସମେତ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଓଡ଼ିଶାର ୩୦ଟି ଜିଲାରେ ବିଜେଡିର ଶତପ୍ରତିଶତ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ, ୮୦ ପ୍ରତିଶତ ପୌରାଞ୍ଚଳ ଆସନ ପାଇବା ସାଧାରଣ ଲୋକଙ୍କ ବିଜେଡି ପ୍ରତି ଥିବା ଆସ୍ଥାକୁ ପ୍ରମାଣିତ କରୁଛି । ଲୋକମାନଙ୍କ ଲଗାତର ସମର୍ଥନ ଓ ଶୁଭେଚ୍ଛା ଆମର ବିକାଶ ଆଭିମୁଖ୍ୟକୁ ଆଗେଇ ନେବାରେ ପ୍ରେରଣା ଦେଇଛି। ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ହୋଇ ବିକାଶର ଧାରାକୁ ବଜାୟ ରଖିବା ପାଇଁ ଶକ୍ତି ଦେଇଛି। ୨୬ ବର୍ଷର ବିଜୁ ଜନତା ଦଳର ସଫଳ ଯାତ୍ରା ଓଡ଼ିଶାବାସୀଙ୍କ ଭଲ ପାଇବା ଆମକୁ ବିକାଶର ସଫଳତାକୁ ଶୀର୍ଷ ସ୍ତରକୁ ନେବା ପାଇଁ ପ୍ରେରିତ କରୁଛି। ଆସନ୍ତା ୨୬ ତାରିଖ ପ୍ରତିଷ୍ଠା ସମାରୋହ ନିର୍ବାଚନମଣ୍ଡଳୀ,ବ୍ଲକ ଓ ପୌରାଞ୍ଚଳରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଦିବସରେ ଗଣଦୌଡ଼, ସଭା ସହ ରକ୍ତଦାନ ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି । ଏହି ପ୍ରତିଷ୍ଠା ଦିବସରେ ଶ୍ରୀଜଗନ୍ନାଥ ଚେତନା ମୂଳାଧାରରେ ସଫଳ ବିକାଶ ଯାତ୍ରାକୁ ପୂର୍ଣ୍ଣ ବିକଶିତ ଓଡ଼ିଶା ଗଠନ ପାଇଁ ପୁନଃ ଅଙ୍ଗୀକାରବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି ନେତା



ଭୁବନେଶ୍ୱର, ୧୪।୧୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାଜପା ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି । ବର୍ତ୍ତମାନ ରାଜ୍ୟରେ ବିଧାୟକ, ମନ୍ତ୍ରୀମାନଙ୍କ କଥାର କୌଣସି ଗୁରୁତ୍ୱ ନାହିଁ। ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ଏବଂ ରାଜ୍ୟବାସୀ ପରିବର୍ତ୍ତନ ଚାହୁଁଛନ୍ତି । ଓଡ଼ିଶା ରାଜନୀତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବ ଏବଂ ୨୦୨୪ରେ ରାଜ୍ୟରେ ଭାଜପା ସରକାର ଗଠନ କରିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ମନମୋହନଙ୍କ ଉପସ୍ଥିତିରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳର ପୂର୍ବତନ ବିଧାୟକ ରବି ନାଏକ କଂଗ୍ରେସ ଛାଡ଼ି ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ଏହି ଅବସରରେ ବିଜେଡି ନେତା ସତ୍ୟବାଦୀ ନାୟକ, ମାଧବାନନ୍ଦ ବେହେରା, ମୁରଲୀଧର ବେହେରା, ଗଣେଶ୍ୱର ସାହୁ, ବାବା ବେହେରା, ସତ୍ୟାନନ୍ଦ ବେହେରା ପ୍ରମୁଖ ଭାଜପାରେ ମିଶିଛନ୍ତି । ସେହିପରି ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବ ବିଜେଡି ନେତା ହିମାଂଶୁ ଶେଖର ସାହୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ପୂର୍ବତନ ସମିତି ଅଧ୍ୟକ୍ଷ ସାରଥି ଜେନା, ପୂର୍ବତନ ରସୁଲପୁର ବ୍ଲକ ଅଧ୍ୟକ୍ଷ ପ୍ରକାଶ କୁମାର ସାମଲ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଦାସଙ୍କ ସମେତ ବହୁ ନେତା ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ସାମିଲ ହୋଇଥିବା ନେତାମାନଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି।

## କେନ୍ଦ୍ରମନ୍ତ୍ରୀଙ୍କ ଚାପରେ ବିଭ୍ରାନ୍ତିକର ବୟାନ ଦେଉଛନ୍ତି ମନମୋହନ: ବିଜେଡି

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ଆୟକର ବିଭାଗର ଚଢ଼ାଉ ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦେଇଥିବା ବୟାନକୁ କଡ଼ା ସମାଲୋଚନା କରିଛି ବିଜେଡି। ବିଜେଡି ମୁଖପାତ୍ର ଲେଲିନ ମହାନ୍ତି ଗୁରୁବାର ଶଙ୍ଖ ଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ମନମୋହନଙ୍କ ପାଖରେ ବୋଧହୁଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀଙ୍କ ତୁଳନାରେ ଅଧିକ ତଥ୍ୟ ରହିଛି। ଡିସେମ୍ବର ୮ ଓ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ଦୁଇଟି ଟୁଇଟ୍ କରିଥିଲେ। ତାଙ୍କ ଟୁଇଟ୍‌ରୁ ସ୍ପଷ୍ଟଭାବେ ଜଣାପଡିଥିଲା ଯେ ଜବତ ହୋଇଥିବା ଟଙ୍କା କଂଗ୍ରେସର ଜଣେ ରାଜ୍ୟ ସଭା ସଦସ୍ୟଙ୍କର ଏବଂ ଏଥିପାଇଁ ସେ କଂଗ୍ରେସକୁ ସମାଲୋଚନା ମଧ୍ୟ କରିଥିଲେ। ମନମୋହନବାବୁଙ୍କ ପାଖରେ ଯଦି ତାଙ୍କ କେନ୍ଦ୍ରୀୟ ନେତୃତ୍ୱଙ୍କ ଅପେକ୍ଷା ଅଧିକ ତଥ୍ୟ ରହିଛି, ତା'ହେଲେ ସେମାନଙ୍କ ନିକଟରେ ଉପସ୍ଥାପନ କରନ୍ତୁ। ଅତୀତରେ ଉତ୍ତରପ୍ରଦେଶରେ ଜଣେ ବ୍ୟବସାୟୀଙ୍କ ଉପରେ ଚଢାଉରୁ ୫୦୦କୋଟିର ଟଙ୍କା ଆଉ ସୁନା ମିଳିଥିଲା। ସେହିଭଳି କର୍ଣ୍ଣାଟକରେ ଯେତେବେଳେ ଭାଜପା ସରକାର ଥିଲା ସେତେବେଳେ ଚଢାଉରୁ ସୁନା ଓ ଟଙ୍କା ମିଶାଇ ପାଖାପାଖି ୩୦୦ କୋଟି ଜବତ ହୋଇଥିଲା। ମହାରାଷ୍ଟ୍ରରେ ନିୟମିତ ଭାବେ ଆୟକର ବିଭାଗ ଚଢାଉ କରୁଛି ଏବଂ ଶହ ଶହ କୋଟିର ନଗଦ ଟଙ୍କା ଆଉ ସୁନା ଜବତ କରୁଛି। ମନମୋହନବାବୁ କ'ଣ କହିବାକୁ ଚାହୁଁଛନ୍ତି ଯେ ଯେଉଁ ଭାଜପା ଶାସିତ ରାଜ୍ୟରୁ ଟଙ୍କା ଆଉ ସୁନା ମିଳୁଛି ସେସବୁ ଉକ୍ତ ରାଜ୍ୟର ଭାଜପା ନେତାଙ୍କ ସମ୍ପତ୍ତି। ମନମୋହନଙ୍କ ବୟାନ ଶୁଣିବା ପରେ ଲାଗୁଛି, ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀଙ୍କ ପ୍ରବଳ ଚାପ ପରେ ସେ ଏଭଳି ପ୍ରତିକ୍ରିୟା ରଖିଥିବା ଲେଲିନ କହିଛନ୍ତି ।

**କେନ୍ଦୁଝର କଂଗ୍ରେସ ଅଫିସରେ ଖଟି**

# ଭାଜପା-ବିଜେଡି ମେଣ୍ଟ ହେଲେ ହାତକୁ ଫାଇଦା

କେନ୍ଦୁଝର,୧୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡିର ଶାସନ ଥିବା ବେଳେ କଂଗ୍ରେସ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପ୍ରୟାସ ଆରମ୍ଭ କରିଛି। କେନ୍ଦୁଝର ଜିଲା କଂଗ୍ରେସ ଅଫିସରେ ଚାଲିଥିବା ଖଟିରେ ସ୍ଥାନୀୟ ନେତା ଓ କର୍ମୀ କୁହାକୁହି ହେଉଛନ୍ତି, ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣା ଚାଲିଛି। ଯଦି ଏଭଳି ହୁଏ ହାତକୁ ଫାଇଦା ମିଳିବ।

ରାଜ୍ୟରେ ଭାଜପାର ସ୍ଥିତି ସେଭଳି ଭଲ ନ ଥିବାରୁ ବିଜେଡି ସହିତ ବୁଝାମଣା କରି କ୍ଷମତା ହାତେଇବାକୁ ଉଦ୍ୟମ କରାଯାଉଛି। ତେବେ ବିଜେଡି ଓ ଭାଜପା ଏକାଠି ହେଲେ କଂଗ୍ରେସ ପାଇଁ ଲାଭଦାୟକ ହେବ ବୋଲି ଖଟିରେ ଚର୍ଚ୍ଚା ହେଉଛି। ପରସ୍ପରକୁ କୁତ୍ସାରଟନା କରିଆସୁଥିବା ବିଜେଡି ଓ ଭାଜପାର ନେତାମାନେ କିଭଳି ପରସ୍ପରର ପ୍ରଶଂସା କରିବେ ଏବଂ ଏହାକୁ ଭୋଟର କିପରି ଗ୍ରହଣ କରିବେ ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ଏଭଳି ଘଟିଲେ ସ୍ୱାଭିମାନୀ ନେତାମାନେ ନିଶ୍ଚିତ ଭାବେ ଅସନ୍ତୋଷ ବ୍ୟକ୍ତ କରିବେ, ଯାହା ଫଳରେ ଉଭୟ ଦଳ ମଧ୍ୟରେ ଅନ୍ତର୍ବିବାଦ ଦେଖାଦେବ । ସେହିପରି ସିଟ୍ ଭାଗ ବଣ୍ଟା ବେଳେ ଆଶାୟୀମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବ ବୋଲି କଂଗ୍ରେସ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଛନ୍ତି।

ଖଟି ଚାଲିଥିବା ବେଳେ ସେଠାରେ ପହଞ୍ଚିଥିବାରୁ ଦେଖା ହେଲେ ଜିଲା ଯୁବ ସଭାପତି ସୁନେଶ ଧୀର। ସେ କହିଲେ, କଂଗ୍ରେସ ସମୟରେ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗମନାଗମନ, ଜଳସେଚନ ଆଦିରେ ପ୍ରଗତି ହୋଇଥିଲା। ଏବେ ସେସବୁ କ୍ଷେତ୍ରରେ କିଛିଟା ଭିତ୍ତିଭୂମିର ବିକାଶ ହୋଇ ପାରିଥିଲେ ମଧ୍ୟ କାମରେ ଲାଗିପାରୁନାହିଁ। ଅନେକ ଶିଳ୍ପ ବନ୍ଦ ହୋଇଯାଇଛି। ସ୍ଥାନୀୟ ନିଯୁକ୍ତିରେ ତାଲା ପଡ଼ିଯାଇଛି। କେବଳ ଲୋକଙ୍କୁ ଆକୃଷ୍ଟ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟର ମାଗଣା ଯୋଜନା ବ୍ୟବସ୍ଥା ବଢ଼ିଛି ବୋଲି ଧୀର କହିଥିଲେ।

କଂଗ୍ରେସ ନେତା ଉତ୍ତମ ସାହୁ କଥା ଭିତରେ ପଶି କହିଲେ, କଂଗ୍ରେସ ସମୟରେ ଜିଲାରେ ସେଭଳି ଅରାଜକତା, ଅପରାଧ ଓ ଅସ୍ଥିରତା ବଢ଼ି ନ ଥିଲା। ଏବେ ଜିଲାରେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ସମସ୍ୟା ଗମ୍ଭୀର ହୋଇଛି। ବେଆଇନ କାମ ବଢ଼ିବା ଯୋଗୁ କିଛି ଲୋକ, ବ୍ୟବସାୟୀ, ଖଣି ଲିଜଧାରୀ ଲାଭବାନ ହୋଇଛନ୍ତି । କିନ୍ତୁ ଅନ୍ୟମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ସାହୁ କହିଥିଲେ।




ଜିଲା ରାଜନୀତିର ଇତିହାସ କହେ, ଏକଦା କେନ୍ଦୁଝର ଜିଲାର ଛଅଟି ବିଧାନସଭା ଓ କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରଭାବ ଥିଲା। ସେହିପରି ଜିଲା ପରିଷଦ ତଥା ଅନେକ ପଞ୍ଚାୟତ ସମିତି ମଧ୍ୟ କଂଗ୍ରେସ ଦଖଲରେ ରହିଥିଲା। କିନ୍ତୁ ଦୀର୍ଘ ବର୍ଷ ହେଲା କଂଗ୍ରେସର ସ୍ଥିତି ତ୍ରିସ୍ତରୀୟ ନିର୍ବାଚନଠାରୁ ଆରମ୍ଭକରି ସାଧାରଣ ନିର୍ବାଚନ ଯାଏ ଦୁର୍ବଳ ହୋଇଯାଇଛି। ଭାଜପା ଓ ବିଜେଡି ମେଣ୍ଟ ଓ ପରବର୍ତ୍ତୀ ସମୟରେ ବିଜେଡି ଦଖଲକୁ ଶାସନ ଚାଲିଯାଇଥିଲା। ତେବେ କଂଗ୍ରେସ ଆଗାମୀ ନିର୍ବାଚନରେ କିଭଳି ଫାଇଦା ଉଠାଇବ ସେଥିଲାଗି ବାଟ ଖୋଜୁଛି ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ଚର୍ଚ୍ଚା ହେଉଛି।

# ଜେଡ୍‌ସିଟିରେ ୧୦୦ ନିୟୁତ ଡଲାର ବିନିଯୋଗ କରିବ ଫିନେଷ୍ଟ୍

ଭୁବନେଶ୍ୱର,୧୪।୧୨ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବିଏନ୍‌ପି ଗ୍ରୁପ୍ ଅଧୀନରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ଇକ୍ୱିଟି ନିବେଶ କମ୍ପାନୀ ଫିନେଷ୍ଟ ଜିରୋ କାର୍ବନ ଟେକ୍ନୋଲୋଜି (ଜେଡ୍‌ସିଟି)ରେ ୧୦୦ ନିୟୁତ ଡଲାରର ଷ୍ଟ୍ରାଟେଜିକ୍ ଇକ୍ୱିଟି ନିବେଶ କରିବ ବୋଲି କମ୍ପାନୀ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଏପରିକି ପୁରୁଣା ଲିଡ୍ ଏସିଡ୍ ଏବଂ ଲିଥିୟମ-ଆୟନ ବ୍ୟାଟେରିଗୁଡିକର ନବୀକରଣ କ୍ଷେତ୍ରରେ କମ୍ପାନୀ ଏକ ପ୍ରକାର ବୈପ୍ଳବିକ ପରିବର୍ତ୍ତନ ଆଣିଛି। ବିଶେଷକରି ଓଡ଼ିଶାର ଗଞ୍ଜାମ ଜିଲାରେ ହାଇଡ୍ରୋଜେନ୍ ଆଧାରିତ ଡୁଆଲ୍ ଇନ୍ଧନ ଇଭି ଟ୍ରକ୍ ଉତ୍ପାଦନ ୟୁନିଟ୍ ଏବଂ ବାୟୋଡିଗ୍ରେଡେବଲ୍ ବ୍ୟାଗ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ କରିଥିବା ଫିନେଷ୍ଟ ଏହି ଜିରୋ କାର୍ବନ ଟେକ୍ନୋଲୋଜି କମ୍ପାନୀକୁ ମଧ୍ୟ ଓଡ଼ିଶା ଆଣିବା ପାଇଁ ଯୋଜନା କରିଛି। ସେହିଭଳି ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ପାଇଁ ଉଚ୍ଚ ସମ୍ଭାବନା ଥିବା ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ସମାଧାନର ବିକାଶରେ ସହଯୋଗ କରିବା ଲାଗି ଫିନେଷ୍ଟ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଫିନେଷ୍ଟର ଅଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକ କହିଛନ୍ତି, ଆମେ ଜେଡ୍‌ସିଟି ସହ ଭାଗୀଦାରି କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସ୍ଥାୟିତ୍ୱ ଏବଂ ଅଭିନବତାର ଦୃଷ୍ଟିକୋଣକୁ ଏହା ସମର୍ଥନ କରିଥାଏ। ଏପରିକି ଓଡ଼ିଶାରେ ବ୍ୟାଟେରି ଶିଳ୍ପର ପରିବର୍ତ୍ତନ ଆଣିବା ଏବଂ ପରିବେଶ ଓ ସମାଜ ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଜେଡ୍‌ସିଟିର ସାମର୍ଥ୍ୟ ରହିଛି ବୋଲି ଆମେ ବିଶ୍ୱାସ କରୁଛୁ। ଜେଡ୍‌ସିଟିର ଅଭିବୃଦ୍ଧି ଓ ବିକାଶରେ ଆମେ ସହଯୋଗ କରିବାକୁ ଚାହୁଁଛୁ ବୋଲି ବିଶ୍ୱନାଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହା କେବଳ ଫିନେଷ୍ଟ ଏବଂ ଜେଡ୍‌ସିଟି ନୁହେଁ, ବ୍ୟାଟେରି ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଏକ ଐତିହାସିକ ଚୁକ୍ତି ହୋଇଥିବାବେଳେ ଆମେ ଏହି ଅଭିନବ ଏବଂ ଦୀର୍ଘସ୍ଥାୟୀ ଉଦ୍ୟୋଗର ଅଂଶ ହୋଇ ଗର୍ବ ଅନୁଭବ କରୁଛୁ, ଯାହା ସମସ୍ତ ଅଂଶୀଦାରଙ୍କୁ ଉପକୃତ କରିବ। ବ୍ୟାଟେରି ରିସାଇକ୍ଲିଂ ବଜାରରେ ଜେଡ୍‌ସିଟିର ଏକ ଅଗ୍ରଣୀ ନାମ ଏବଂ ଓଡ଼ିଶାର ଅର୍ଥନୀତିକୁ ଲୋ-କାର୍ବନ ଅର୍ଥନୀତିରେ ରୂପାନ୍ତରଣ କରିବ ବୋଲି ଫିନେଷ୍ଟର ପରିଚାଳନା ନିର୍ଦ୍ଦେଶକ ଅରୁଣ କର ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲଣ୍ଡନର ପ୍ରତିଷ୍ଠିତ କାର୍ଲଟନ୍ କ୍ଲବଠାରେ ଉଭୟ ସଂସ୍ଥା ମଧ୍ୟରେ ଏହି ଐତିହାସିକ ଚୁକ୍ତିକୁ ଅନୁଷ୍ଠାନିକ ରୂପ ଦିଆଯାଇଥିଲା, ଯେଉଁଠାରେ ଜେଡ୍‌ସିଟିର ଅଧ୍ୟକ୍ଷ ସାର୍ ଟୋନି ବାଲ୍‌ଡ୍ରି ଏବଂ ଫିନେଷ୍ଟର ଅଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକଙ୍କ ଉପସ୍ଥିତିରେ ଫିନେଷ୍ଟ ଏବଂ ଜେଡ୍‌ସିଟିର ପ୍ରତିନିଧିମାନେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୪।୧୨

କ୍ରମାଗତ ୨ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୩୦ (୯୨୯.୬୦) ପଏଣ୍ଟ ବଢ଼ି ୭୦,୫୧୪ (୭୦,୫୧୪.୨୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୫୬ (୨୫୬.୩୫) ପଏଣ୍ଟ ବୃଦ୍ଧି ଘଟି ୨୧,୧୮୩ (୨୧,୧୮୨.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଟାଟା ଷ୍ଟିଲ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ




ଭୁବନେଶ୍ୱର,୧୪।୧୨

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଆଣ୍ଡ୍ ମିନେରାଲ୍ସ ଡିଭିଜନ ପକ୍ଷରୁ ସ୍କୁଲ ପିଲାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଶୀତର ପ୍ରଭାବ ଅନୁଭୂତ ହେବାରୁ ସ୍କୁଲ ପିଲାମାନଙ୍କୁ ଶୀତରୁ ସୁରକ୍ଷା ଦେବା ପାଇଁ ନିକଟରେ କର୍ମଚାରୀ ସ୍ୱେଚ୍ଛାସେବିତା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ କମ୍ପାନୀର କର୍ମଚାରୀମାନେ ରେସିଡେଣ୍ଟ ବ୍ରିଜ୍ କୋର୍ସ ସେଣ୍ଟରର ଛାତ୍ରୀଛାତ୍ରମାନଙ୍କୁ ଶୀତବସ୍ତ୍ର (ସ୍ୱେଟର) ପ୍ରଦାନ କରିଛନ୍ତି। ପିଲାମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ତଥା ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବା ଲକ୍ଷ୍ୟରେ ଟାଟା ଷ୍ଟିଲ୍‌ର କର୍ମଚାରୀମାନେ ସବୁବେଳେ ପ୍ରୟାସ କରି ଆସିଛନ୍ତି। ଟାଟା ଷ୍ଟିଲ୍‌ର ଏକ୍ଜିକ୍ୟୁଟିଭ୍ ଇନ୍‌ଚାର୍ଜ (ଏଫ୍‌ଏଏମ୍‌ଡି) ପଙ୍କଜ ସତିଜା କହିଛନ୍ତି, ସମାଜକୁ ସମୃଦ୍ଧ କରିବା ପାଇଁ କିଛି ପ୍ରତିଦାନ କରିବା ଉପରେ ଆମେ ବିଶ୍ୱାସ କରୁ ଏବଂ କର୍ମକ୍ଷେତ୍ର ବାହାରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ।

## ଟାଲି ପ୍ରାଇମ୍ ୪.୦ ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୧୨

ଟାଲି ସଲ୍ୟୁଶନ୍ସ ପକ୍ଷରୁ ଟାଲି ପ୍ରାଇମ୍ ୪.୦ ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ଆବଶ୍ୟକତା ପୂରଣ କରିବା ତଥା ବ୍ୟବସାୟୀ ଓ ବ୍ୟବହାରକାରୀମାନଙ୍କୁ ଅତୁଳନୀୟ ଏବଂ ଉନ୍ନତ ଅନୁଭୂତି ପ୍ରଦାନ ପାଇଁ ଉକ୍ତ ସୁବିଧାର ଶୁଭାରମ୍ଭ କରାଯାଇଛି। ଏପରିକି ଉକ୍ତ ସୁବିଧା ଦ୍ୱାରା କମ୍ପାନୀ ଆସନ୍ତା ୨ରୁ ୩ ବର୍ଷ ମଧ୍ୟରେ ବାର୍ଷିକ ୪୦% ଅଭିବୃଦ୍ଧି ଓ ଗ୍ରାହକ ସଂଖ୍ୟାରେ ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଟାଲି ପ୍ରାଇମ୍ ୪.୦ରେ ଶକ୍ତିଶାଳୀ ଡ୍ୟାସ୍‌ବୋର୍ଡ, ଏମ୍‌ଏସ୍ ଏକ୍ସେଲ ଓ ହ୍ୱାଟ୍ସଆପ୍ ବିଜ୍‌ନେସ୍‌ରୁ ତଥ୍ୟ ଆହରଣ କରିବା ଭଳି ସୁବିଧା ସୁଯୋଗ ରହିଛି, ଯାହା ବ୍ୟବସାୟ ଅନୁଭୂତିକୁ ଆହୁରି ଉଚ୍ଚସ୍ତରକୁ ନେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଟ୍ୟାଲି ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବାଞ୍ଚଳ ମହାପ୍ରବନ୍ଧକ ଅର୍ଜନ ମୁଖାର୍ଜୀ କହିଛନ୍ତି, ଗତ କିଛି ବର୍ଷ ତଳେ ଟାଲିପ୍ରାଇମ୍‌ର ଶୁଭାରମ୍ଭ ସହ ଆମେ ଏସ୍‌ଏମ୍‌ଇ ବ୍ୟବସାୟକୁ ସରଳ ଓ ପେସାଦାର କରିବା ଉପରେ ଗୁରୁତ୍ୱ ଦେଇ ଶକ୍ତିଶାଳୀ ବ୍ୟବସାୟ ପରିଚାଳନା ଅଭିଜ୍ଞତା ଆଣିବା ଦିଗରେ କ୍ରମାଗତ ଭାବେ କାର୍ଯ୍ୟ କରୁଛୁ। ଟାଲି ପ୍ରାଇମ୍ ୪.୦ ସହ ଗ୍ରାହକଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ବ୍ୟବସାୟ ମାଲିକମାନଙ୍କୁ ଅଧିକ ପେସାଦାର ଏବଂ ଦକ୍ଷତାର ସହ ସେମାନଙ୍କ ବ୍ୟବସାୟ ପରିଚାଳନା କରିବାରେ ସାହାଯ୍ୟ କରିବା ଉପରେ ଆମର ଧ୍ୟାନ ରହିଛି। ଏହି ଶୁଭାରମ୍ଭ ବ୍ୟବସାୟ ପରିଚାଳନାକୁ ସୁବ୍ୟବସ୍ଥିତ ଏବଂ ଡାଟା ସହ ନିରବଚ୍ଛିନ୍ନ ଭାବ ବିନିମୟକୁ ସୁଗମ କରିବ। ସହଜ ଏବଂ ଶକ୍ତିଶାଳୀ ଡ୍ୟାସ୍‌ବୋର୍ଡ ପ୍ରଚଳନ ଦ୍ୱାରା ଟେଲିର ଦୃଢ଼ ରିପୋର୍ଟିଂ ଇଞ୍ଜିନ୍, ବିଜ୍‌ନେସ୍ ହ୍ୱାଟ୍ସଆପ୍ ଯୋଗାଯୋଗ ଏବଂ ଏକ୍ସେଲ ସିଟ୍‌ର ଡାଟାକୁ ସହଜରେ ଅନ୍ତର୍ଭୁକ୍ତକରି ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟବସାୟ ଚଳାଇବା ଏବଂ ବୃଦ୍ଧି କରିବାରେ ସକ୍ଷମ କରିବ।

## ପିପିଟି ଜରିଆରେ ଉର୍ଜା ସଂରକ୍ଷଣ କରିବ ବେଦାନ୍ତ

ଭୁବନେଶ୍ୱର,୧୪।୧୨



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଆଲୁମିନିୟମ ସ୍ମେଲଟରର ପଟ୍‌ର ଡିଜାଇନରେ ଏକ ନୂତନ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପେଟଟେଡ ପଟିଲିଂ ଟେକ୍ନୋଲୋଜି (ପିପିଟି) ଜରିଆରେ କମ୍ପାନୀ ଉର୍ଜା ବିକାଶର ସଂରକ୍ଷଣ କରିବ ବୋଲି କୁହାଯାଇଛି। ଏପରିକି ସ୍ମେଲଟର ମଧ୍ୟରେ ଯେଉଁଠି ପଟ୍ ବା ବୃହତ୍ ବୈଦ୍ୟୁତକ କୋଷ ଗୁଡ଼ିକ ରହିଥାଏ, ସେଥିରେ ତରଳାଇବା ପ୍ରକ୍ରିୟା କରାଯାଇଥାଏ। ବେଦାନ୍ତ ଲାଇନ ଡିଜାଇନ ହେଉଛି, ଏକ ପେଟେଟେଡ ଶକ୍ତି ଦକ୍ଷ କୌଶଳ, ଯାହା ବୈଦ୍ୟୁତିକ ଶକ୍ତି ଦକ୍ଷତା ଓ ତରଳାଇବା ପାଇଁ ପଟକୁ ସୁବିଧା ପ୍ରଦାନ କରିଥାଏ ଓ ଉତ୍ପାଦିତ ଟନ୍ ପ୍ରତି ଘଣ୍ଟାରେ ୨୦୦ ରୁ ୨୫୦ କେଡବ୍ଲ୍ୟୁଏଚ୍ ଶକ୍ତି ଖର୍ଚ୍ଚ ହ୍ରାସ କରିଥାଏ। ବେଦାନ୍ତ ଆଲୁମିନିୟମ ତା'ର ୨ୟ ବାର୍ଷିକ ଜଳବାୟୁ ଆକ୍ସନ ରିପୋର୍ଟକୁ ମଧ୍ୟ ଦାଖଲ କରିଛି, ଯେଉଁଥିରେ କମ୍ପାନୀଗୁଡ଼ିକୁ ଜଳବାୟୁ ସମ୍ବନ୍ଧିତ ଆର୍ଥିକ ବିପଦ ଓ ସେମାନଙ୍କ ହିତାଧିକାରୀଙ୍କ ପାଇଁ ସୁଯୋଗ ପ୍ରକାଶ କରିବାରେ ସାହାଯ୍ୟ କରିବାକୁ ଏକ ନିର୍ଦ୍ଦେଶାବଳୀ ରହିଛି। ଉକ୍ତ ବିସ୍ତୃତ ରିପୋର୍ଟରେ ମଧ୍ୟ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ଅବଧିରେ ଏହାର ସ୍ଥିରତା ଲକ୍ଷ୍ୟ ହାସଲ କରିବା ଲାଗି ବେଦାନ୍ତ ଆଲୁମିନିୟମ ଦ୍ୱାରା ନିଆଯାଇଥିବା ଅଭିମୁଖ୍ୟ ଦର୍ଶାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଜଳବାୟୁ କାର୍ଯ୍ୟକ୍ରମ କମ୍ପାନୀ ପାଇଁ ଏକ ପ୍ରମୁଖ ରଣନୀତିକ ସ୍ତମ୍ଭ ଓ ବ୍ୟବସାୟ ପାଲଟିଛି। ବିଶେଷକରି ଏହା ଆମର କାର୍ବନ ଫୁଟ୍‌ପ୍ରିଣ୍ଟକୁ କମାଇବାରେ ସହାୟତା କରିବ।

## ଶ୍ୟାମ୍ ଷ୍ଟିଲ୍‌କୁ ଗ୍ରୀନ୍ ପ୍ରୋ ପ୍ରମାଣପତ୍ର

ଭୁବନେଶ୍ୱର,୧୪।୧୨

ଦେଶର ପ୍ରମୁଖ ଘରୋଇ ଘରୋଇ ସଂସ୍ଥା ଶ୍ୟାମ୍ ଷ୍ଟିଲ୍‌କୁ ନିକଟରେ ଆଉ ଏକ ସମ୍ମାନଜନକ ସ୍ୱୀକୃତି ଦିଆଯାଇଛି। ବିଶେଷକରି ଟିଏମ୍‌ଟି ବାର୍ ଶିଳ୍ପରେ ଏକ ଅଗ୍ରଣୀ ଶକ୍ତି ଭାବେ ପରିଚିତ ଶ୍ୟାମ୍ ଷ୍ଟିଲ୍‌କୁ ଉକ୍ତ ପ୍ରମାଣପତ୍ର 'ଗ୍ରୀନ୍ ପ୍ରୋ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ ଗ୍ରୀନ୍ ପ୍ରଡକ୍ଟସ ଆଣ୍ଡ ସର୍ଭିସେସ୍ କାଉନସିଲ ପକ୍ଷରୁ କମ୍ପାନୀର ଉତ୍ପାଦ 'ଏଫ୍‌ଇ ୫୦୦ଡି (ଜିପିଏସ୍‌ଏସ୍ ଏମ୍୩୪୫୦୦୨) ଏବଂ ଏଫ୍‌ଇ ୫୫୦ଡି (ଜିପିଏସ୍‌ଏସ୍‌ଏମ୍ ୩୪୫୦୦୧) ନିମନ୍ତେ ଗ୍ରୀନ୍ ପ୍ରୋ ପ୍ରମାଣପତ୍ର ଦିଆଯାଇଥିଲା। ଏହି ଉଲ୍ଲେଖନୀୟ ସ୍ୱୀକୃତି ଶ୍ୟାମ୍ ଷ୍ଟିଲ୍‌ର ଦୀର୍ଘ ସ୍ଥାୟିତ୍ୱ ଏବଂ ଉନ୍ନତ ଗୁଣମାନର ଉତ୍ପାଦ ଯୋଗାଣ ନିମନ୍ତେ ଅତୁଟ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ସେହିଭଳି ପଶ୍ଚିମବଙ୍ଗର ଅଙ୍ଗଦପୁର କାରଖାନାରେ ଅତି ଯତ୍ନର ସହିତ ବିନିର୍ମାଣ କରାଯାଉଥିବା ଏଫଇ ୫୦୦ଡି (ଜିପିଏସଏସଏମ୩୪୫୦୦୨) ଏବଂ ପଶ୍ଚିମବଙ୍ଗର ମେଜିଆ କାରଖାନାରେ ବିନିର୍ମାଣ କରାଯାଉଥିବା ଏଫଇ ୫୫୦ଡି (ଜିପିଏସ୍‌ଏସ୍‌ଏମ୩୪୫୦୦୧) ଗ୍ରୀନ୍ ପ୍ରୋ ପ୍ରମାଣନ ଦ୍ୱାରା ଧାର୍ଯ୍ୟ କଡାକଡି ସର୍ତ୍ତାବଳୀକୁ ଅତିକ୍ରମ କରିଯାଇଛି। ଏହି ସଫଳତା ସିଆଇଆଇ-ଗ୍ରୀନ ପ୍ରଡକ୍ଟସ ଆଣ୍ଡ ସର୍ଭିସେସ୍ କାଉନସିଲ ଦ୍ୱାରା ସ୍ଥାପିତ କଡାକଡି ପରିବେଶ ମାନକକୁ କେବଳ ପୂରଣ କରିବା ନୁହେଁ ବରଂ ତାହାକୁ ଟପିଯିବା ନିମନ୍ତେ ଶ୍ୟାମ ଷ୍ଟିଲର ଉତ୍ସର୍ଗୀକୃତ ପ୍ରୟାସକୁ ଅଧିକ ସୁଦୃଢ଼ କରୁଛି। ଏ ସମ୍ପର୍କରେ ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜର ଡାଇରେକ୍ଟର ଲଳିତ ବେରିୱାଲା କହିଥିଲେ, ସମ୍ମାନଜନକ ଗ୍ରୀନ୍ ପ୍ରୋ ପ୍ରମାଣପତ୍ର ହାସଲ କରିବା ଶ୍ୟାମ୍ ଷ୍ଟିଲ୍ ନିମନ୍ତେ ଏକ ସ୍ମରଣୀୟ ସଫଳତା ହୋଇଛି। ଏହା ପରିବେଶ ଦୃଷ୍ଟିରୁ ଦାୟିତ୍ୱସମ୍ପନ୍ନ ଇସ୍ପାତ ଉତ୍ପାଦ ପ୍ରସ୍ତୁତ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଫୁରସତ




ଶେହନାଜ ଗିଲ୍

## ଗୁରୁଙ୍କ ସହ ପ୍ରେମ ସମ୍ପର୍କ ନେଇ ଚର୍ଚ୍ଚା

**ମୁମ୍ବାଇ:** ଅଭିନେତ୍ରୀ ଶେହନାଜ ଗିଲ୍ ଏବଂ ଗୁରୁ ରନ୍ଧାୱାଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରନ୍ତି। ନିକଟରେ ଶେହନାଜ ଇନ୍‌ଷ୍ଟାରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ଗୁରୁ ଶେହନାଜଙ୍କୁ ପଗଡି ପିନ୍ଧାଇ ଦେଉଥିବା ଦେଖିବାକୁ ମିଳିଛି। ଭିଡିଓ ଶେୟାର କରି ଶେହନାଜ କ୍ୟାପ୍‌ଶନରେ ଲେଖିଛନ୍ତି, 'ଗୁରୁ ନୁ ନାଜ ତେରେ ତେ, ଚାଲୁ ତେରା ନଖରା ବେ'। ଏହି ଭିଡିଓ ଦେଖିବା ପରେ ଦର୍ଶକ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ପ୍ରତିକ୍ରିୟା ରଖିଛନ୍ତି। ନିକଟରେ ଶେହନାଜ ଏବଂ ଗୁରୁ ମଧ୍ୟ ଏକ ଗୀତ ଗାଇଥିଲେ, ଯାହାକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଥିଲେ। ଦୁହିଁଙ୍କ ଯୋଡିକୁ ଦେଖି ପ୍ରଶଂସକ ସେମାନଙ୍କୁ ବିବାହ ପାଇଁ ମଧ୍ୟ କହିଛନ୍ତି। ହେଲେ ଶେହନାଜ ସେମାନଙ୍କ ସମ୍ପର୍କକୁ ସାଙ୍ଗ ବୋଲି କହିଛନ୍ତି। ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ' ଜରିଆରେ ଶେହନାଜ ବଲିଉଡ୍ ଡେବ୍ୟୁ କରିଥିଲେ। ପରେ 'ଥ୍ୟାଙ୍କ୍ ୟୁ ଫର୍ କମିଙ୍ଗ'ରେ ଶେହନାଜଙ୍କୁ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ସେ ଅନେକ ପଞ୍ଜାବୀ ଚଳଚ୍ଚିତ୍ରରେ କାମ କରିଛନ୍ତି। ତାଙ୍କୁ ପଞ୍ଜାବର କ୍ୟାଟ୍ରିନା କୈଫ୍ ମଧ୍ୟ କୁହାଯାଏ।

## ଜଳବାୟୁ ପରିବର୍ତ୍ତନ ରୋକିବା ଅପରିହାର୍ଯ୍ୟ

### ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ

ବିଶ୍ୱର ବଢୁଥିବା ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଶକ୍ତି ଉତ୍ସ ସଞ୍ଚୟ ଦିଗରେ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ।

ଦୈନନ୍ଦିନ ଜୀବନରେ ଶକ୍ତି ବ୍ୟବହାର, ସଂରକ୍ଷଣ, ଅଭାବ ଓ ବିଶ୍ୱର ଇକୋସିଷ୍ଟମର ସ୍ଥାୟିତ୍ୱ ଉପରେ ଏହାର ପ୍ରଭାବକୁ ଦର୍ଶାଇବା ପାଇଁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯିବାର ମୁଖ୍ୟ ଲକ୍ଷ୍ୟ। ଶକ୍ତି ଉପରେ ମାନବଜାତିର ଭବିଷ୍ୟତ ସାମ୍ନା କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।



ଶକ୍ତି ବ୍ୟବହାରକୁ ପ୍ରାୟତଃ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ବିବେଚନା କରାଯାଏ। ବିଶ୍ୱର ବିଭିନ୍ନ ଦେଶର ଅଗ୍ରଗତି ସହିତ ଶକ୍ତି ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ବ୍ୟବହାର ଅନୁପାତରେ ବର୍ତ୍ତମାନର ଗଚ୍ଛିତ ଥିବା ତୈଳ ପ୍ରାୟ ୪୫ ବର୍ଷ, ଗ୍ୟାସ୍ ପ୍ରାୟ ୬୫ ବର୍ଷ, କୋଇଲା ପ୍ରାୟ ୨୦୦ ବର୍ଷ ପରେ ଶେଷ ହୋଇଯିବ ବୋଲି ଆକଳନ କରାଯାଇଛି। ତେଣୁ ସବୁଜ ବିକଳ୍ପ ଶକ୍ତି ଉତ୍ସ ବ୍ୟବହାର କରିବା ଅପରିହାର୍ଯ୍ୟ ହୋଇପଡିଛି। ଯାହା ଦ୍ୱାରା ବିଶ୍ୱତାପନ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ ପାଇପାରିବ। ଶକ୍ତି ବ୍ୟବହାର ହେଉଛି ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରାର ଏକ ପ୍ରମୁଖ କାରଣ। ଯାହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି।

ଭାରତରେ ଶକ୍ତି ସଂରକ୍ଷଣ ଆଇନ ୨୦୦୧ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଶକ୍ତି ଦକ୍ଷତା ବ୍ୟୁରୋ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ଯାହା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରେ ଏବଂ ଶକ୍ତି ବ୍ୟବହାରକୁ ହ୍ରାସ କରିବା ପାଇଁ ନୀତି ତଥା ରଣନୀତିର ବିକାଶରେ ସାହାଯ୍ୟ କରେ।

## ମାଈ ଅଣ୍ଡିରା ଗୁଣ ଥିବା ପକ୍ଷୀ

**ବୋଗୋଟା:** ଦୁନିଆରେ ଅନେକ ପ୍ରଜାତିର ଜୀବ ରହିଛନ୍ତି। ସମସ୍ତ ଜୀବ ମାଈ, ଅଣ୍ଡିରା ୨ ଭାଗରେ ବିଭକ୍ତ। ହେଲେ ଏପରି ଏକ ଜୀବ ଅଛି, ଯିଏ ପୂରା ମାଈ ନୁହେଁ କି ଅଣ୍ଡିରା ମଧ୍ୟ ନୁହେଁ। ଏପରି ଜୀବକୁ ଗାଇଣ୍ଡ୍ରୋମୋର୍ଫ କୁହାଯାଏ। ଏହି ଜୀବଙ୍କ ମଧ୍ୟରେ ମାଈ ଓ ଅଣ୍ଡିରା ଦୁଇଟି ଯାକ ଗୁଣ ଦେଖିବାକୁ ମିଳିଥାଏ। ତେବେ ବୈଜ୍ଞାନିକମାନେ ଏପରି ଗୁଣ ଥିବା କୀଟକୁ ଖୋଜି ପାଇଛନ୍ତି।



ହେଲେ ଏପରି ଗୁଣ ଥିବା ପକ୍ଷୀ ବିଲୁପ୍ତ। ଶହେ ବର୍ଷ ପୂର୍ବେ ଏପରି ଏକ ପକ୍ଷୀ ଥିଲା, ଯାହାକୁ ବିଲୁପ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା। ନିକଟରେ କଲମ୍ବିଆରେ ମ୍ୟୁଟାଣ୍ଟ ହନିକ୍ରିପରକୁ ଠାବ କରାଯାଇଛି। ଏହି ପକ୍ଷୀକୁ ଗତବର୍ଷ ଜଣେ ଦେଖିଥିଲେ। ସେହି ପକ୍ଷୀର ଫଟୋ ଉଠାଇ ତାକୁ ନ୍ୟୁଜିଲାଣ୍ଡର ଓଟାଗୋ ୟୁନିଭର୍ସିଟିର ଅନୁସନ୍ଧାନକାରୀଙ୍କ ପାଖକୁ ଛାଡିଥିଲେ। ଯେତେବେଳେ ଅନୁସନ୍ଧାନକାରୀ ଏହାର ଅଧିକ ପରୀକ୍ଷଣ କଲେ, ଜଣାପଡିଲା ଯେ ଏହାକୁ ଶହେ ବର୍ଷ ତଳେ ବିଲୁପ୍ତ ଘୋଷିତ କରିଦିଆଯାଇଛି। ଏବେ ପୁଣି ଏତେ ବର୍ଷ ପରେ ଏହି ପକ୍ଷୀ ଦେଖାଯାଇଛି। ରିପୋର୍ଟ ମୁତାବକ, ହନିକ୍ରିପର ଗତ କେତେ ବର୍ଷ ଧରି ଦେଖାଯାଇ ନାହିଁ। ଯେତେବେଳେ ୨ଟି ରଙ୍ଗ ନୀଳ ଏବଂ ସବୁଜର ଏକ ପକ୍ଷୀ ଦେଖାଗଲା, ସେତେବେଳେ ଏହା ହନିକ୍ରିପର ବୋଲି ଜଣାପଡ଼ିଲା। ତେବେ ଗାଇଣ୍ଡ୍ରୋମୋର୍ଫ ଅମେରୁଦଣ୍ଡୀ ପ୍ରାଣୀ,ଏହା କଙ୍କଡ଼ା, ବୁଢିଆଣୀ ଏବଂ କୀଟ ଥିବା ସ୍ଥାନଗୁଡ଼ିକରେ ଦେଖାଯାଆନ୍ତି। ଏହି ପକ୍ଷୀ ପାଖରେ ଏପରି କିଛି ରହିଛି, ଯାହାଫଳରେ ସେ ଉଭୟ ମାଈ ଓ ପୁରୁଷ ଗୁଣ ଧାରଣ କରିଛି। ହେଲେ ଏହା ସମସ୍ତଙ୍କ ପାଖରେ ଦେଖାଯାଏନି। ଏବେ ଏହାକୁ ଖୋଜି ଏହା ବାବଦରେ ରିପୋର୍ଟ ପାଇଁ ପ୍ରସ୍ତୁତି ଚାଲିଛି। ଏହା ବିରଳ ଜୀବ ହୋଇଥିବାବେଳେ ଆଗରୁ କେବେ ନ୍ୟୁଜିଲାଣ୍ଡରେ ଏହାକୁ ଦେଖାଯାଇ ନ ଥିଲା। ଏପରି ପକ୍ଷୀଙ୍କୁ କେବଳ ବୈଜ୍ଞାନିକ ସାହିତ୍ୟରେ ବର୍ଣ୍ଣନା କରାଯାଇଛି।

## ମିସ୍ ଇଣ୍ଡିଆ ୟୁଏସ୍‌ଏ ହେଲେ ରିଜୁଲ

**ଟ୍ରେନଟନ୍:** ନିକଟରେ ନ୍ୟୁଜର୍ସିରେ ଆୟୋଜିତ ହୋଇଥିବା ମିସ୍ ଇଣ୍ଡିଆ ୟୁଏସ୍‌ଏ ୨୦୨୩ର ୪୧ତମ ସଂସ୍କରଣରେ ଭାରତୀୟ ଯୁବତୀ ନିଜର ଜଲ୍‌ୱା ଦେଖାଇଛନ୍ତି। ଏହି ପ୍ରତିଯୋଗିତାକୁ ୨୪ ବର୍ଷୀୟା ରିଜୁଲ ମାଇନି ଜିତିଯାଇଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୫୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାଟି ଇଣ୍ଡିଆନ ଆମେରିକାର ଲୋଗୋ ପାଇଁ ଆୟୋଜିତ ହୋଇଥିଲା। ରିଜୁଲଙ୍କ ବ୍ୟତୀତ ଏଥିରେ ମାସାଚୁସେଟ୍‌ସର ସ୍ନେହା ନାମ୍ବିଆର୍ ମିସେସ୍ ଇଣ୍ଡିଆ ଟାଇଟଲ ଜିତିଛନ୍ତି। ପେନ୍‌ସିଲଭାନିଆର ସଲୋନି ରାମମୋହନ ମିସ୍ ଟିନ୍ ଇଣ୍ଡିଆ ୟୁଏସ୍‌ଏର ଟାଇଟଲ ହାସଲ କରିଛନ୍ତି। ତେବେ ମିଚିଗାନର ବାସିନ୍ଦା ରିଜୁଲ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି, ସେ ଏମ୍‌ଏସ୍‌ୟୁସିଏମ୍ କ୍ଲାସ ୨୦୨୫ର ତୃତୀୟ ବର୍ଷର ମେଡିକାଲ ଛାତ୍ରୀ । ସେ ମିସ୍ ଇଣ୍ଡିଆ ମିଚିଗାନ ୨୦୨୩ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମିସ୍ ଇଣ୍ଡିଆ ୟୁଏସ୍‌ଏ ୨୦୨୩ ଜିତି ରିଜୁଲ ବହୁତ ଖୁସି ଥିବା କହିଛନ୍ତି। ତାଙ୍କ ମା'ବାପାଙ୍କ ସହଯୋଗ ବିନା ଏହା ସମ୍ଭବ ନ ଥିଲା। ଏଥିସହିତ ମିଚିଗାନର ଡାଇରେକ୍ଟର ଏବଂ ତାଙ୍କ ସାଙ୍ଗଙ୍କ ସହଯୋଗ ରହିଥିବା ସେ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କିଶାନ
ପରିବାରବର୍ଗ


ସୁଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ

# 'ଛାତ୍ରୀଛାତ୍ର ଦେଶର ବଡ଼ ସମ୍ପତ୍ତି'

କଟକ/ମଙ୍ଗୁଳି-ଜଗତପୁର,୧୪।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ/ମାନସ ସାମଲ)

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ଡ୍ରିମ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ସମାରୋହକୁ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀଛାତ୍ରମାନେ ଦେଶର ବଡ଼ ସମ୍ପତ୍ତି। ସେମାନଙ୍କ ସଫଳତାକୁ ନେଇ ଡ୍ରିମ୍ସ ସବୁବେଳେ ନିଜକୁ ଗର୍ବିତ ମନେ କରିବ। ମୁଖ୍ୟ ଅତିଥି ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବୀରକିଶୋର ମିଶ୍ର ଯୋଗଦେଇ କହିଛନ୍ତି, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଉଚ୍ଚ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି ହେବ। ଏଠାରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ସୁବିଧାସୁଯୋଗ ସୃଷ୍ଟି ହେବ। ବିଶ୍ୱରେ ୧୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଭାରତର ସ୍ଥାନ ନାହିଁ, ଯାହା ଅତ୍ୟନ୍ତ ପରିତାପର ବିଷୟ। ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରି ଶିକ୍ଷା ଓ ଗବେଷଣା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା କହିଛନ୍ତି, ବ୍ୟକ୍ତିଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ଶିକ୍ଷା ହେଉଛି ପ୍ରମୁଖ ମାଧ୍ୟମ। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କହିଛନ୍ତି, ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରକାଶ କୁମାର ହୋତା ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ଶାନ୍ତନୁ କୁମାର ଶତପଥୀ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ନିରୁପମା ଚୟନୀ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭମ୍ ଓ ଅଙ୍କିତା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।



ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ

# ଆଇଇଡି ବିସ୍ଫୋରଣରେ ବିଏସ୍‌ଏଫ୍ ଯବାନ ଶହୀଦ

ମାଲକାନଗିରି,୧୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଜଣେ ବିଏସ୍‌ଏଫ ଯବାନ ଗୁରୁବାର ଶହୀଦ ହୋଇଛନ୍ତି । ସେ ହେଲେ ହେଡ୍ କନଷ୍ଟେବଲ ଅଖିଲେଶ ରାୟ (୪୫)।

ଛତିଶଗଡ କାଙ୍କେର ଜିଲା ଟେକରାପାରା ଜଙ୍ଗଲରେ ଗୁରୁବାର ବିଏସ୍‌ଏଫ ଏବଂ ଡିଆରଜି ମିଳିତ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ମାଓବାଦୀଙ୍କ ଦ୍ୱାରା ଏକ ଆଇଇଡି ବୋମା ବିସ୍ଫୋରଣ କରାଯାଇଥିଲା। ଫଳରେ ହେଡ଼ କନଷ୍ଟେବଲ ଅଖିଲେଶ ଗୁରୁତର ହୋଇଥିଲେ। ସାଥୀ ଯବାନମାନେ ତାଙ୍କୁ ଚିକିତ୍ସା ପାଇଁ ନେଉଥିବା ସମୟରେ ସେ ପ୍ରାଣ ହରାଇ ଥିଲେ । ତେବେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।

# ଗୁଣପୁର କୋର୍ଟରେ ହାଜରହେଲେ ସବ୍ୟସାଚୀ

ଗୁଣପୁର,୧୪।୧୨ (ପ୍ରଦୀପ କୁମାର ପାଢ଼ୀ)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଗୁରୁବାର ରାୟଗଡ଼ା ଜିଲା ଗୁଣପୁର କୋର୍ଟରେ ହାଜର ହୋଇଛନ୍ତି। ଗୁଣପୁରର ୨ଟି କୋର୍ଟରେ ଥିବା ୯ଟି ମାମଲାର ଶୁଣାଣି ପାଇଁ ତାଙ୍କୁ ବ୍ରହ୍ମପୁର ଜେଲରୁ ଗୁଣପୁର ଅଣାଯାଇଥିଲା। ଗୁଣପୁର ଏଡିଜେ କୋର୍ଟରେ ୬ଟି ଏବଂ ସବ୍‌ଜଜ୍‌ଙ୍କ କୋର୍ଟରେ ୩ଟି ମାମଲାରେ ସବ୍ୟସାଚୀ ହାଜର ହୋଇଥିଲେ। ହେଲେ କୌଣସି ସାକ୍ଷୀ ଆସି ନ ଥିବାରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ହୋଇପାରି ନ ଥିଲା। ଫଳରେ ଆସନ୍ତା ୧୭ ତାରିଖରେ ପୁଣି ତାଙ୍କୁ କୋର୍ଟରେ ହାଜର କରିବାକୁ ଉଭୟ କୋର୍ଟର ଜଜ୍ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ୨ଟି କୋର୍ଟରେ ସିଟି - ୪/୧୮ ଏବଂ ସିଟି-୧୦/୧୮ରେ ଦୁଇଟି ପିଟିଶନ ଦାଖଲ କରିଛନ୍ତି। ଏହି ଦୁଇଟି ମାମଲାର ବିଚାର ସରିବା ସହ ଅନ୍ୟ ଅଭିଯୁକ୍ତମାନେ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ଯଦି ପୂର୍ବରୁ ମାମଲାରେ ଅଭିଯୁକ୍ତମାନେ ଖଲାସ ହୋଇଛନ୍ତି, ସେହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଖଲାସ ହୋଇପାରିବେ। ଏହି ଆଧାରରେ ସବ୍ୟସାଚୀଙ୍କ ଓକିଲ ପଟ୍ଟନାୟକ କୋର୍ଟରେ ପିଟିଶନ ଦାଖଲକରି ଖଲାସ କରିବା ପାଇଁ ନିବେଦନ କରିଥିବା କହିଛନ୍ତି। ସେହିପରି ଏଡିଜେ କୋର୍ଟରେ ଚାଲିଥିବା ସିଟି-୧୪/୧୬ରେ ମଧ୍ୟ ପିଟିଶନ ଦାଖଲ କରି ସବ୍ୟସାଚୀଙ୍କ ଖଲାସ ପାଇଁ ଓକିଲ ପଟ୍ଟନାୟକ ନିବେଦନ କରିଛନ୍ତି।


ସବ୍ୟସାଚୀ ପଣ୍ଡା ଗୁଣପୁର ଏଡିଜେ କୋର୍ଟକୁ ଯାଉଛନ୍ତି।

# ନବ ଦାସ ହତ୍ୟାକାଣ୍ଡ: ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ

ବ୍ରଜରାଜନଗର,୧୪।୧୨(ବିଜୟ ବରାଡ଼)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ବ୍ରଜରାଜନଗର ନିବାସୀ ଚନ୍ଦନ ସିଂ ନୋଟିସ ପାଇବା ପରେ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍ (ଏଡିଜେ) କୋର୍ଟରେ ନିଜ ପକ୍ଷ ରଖିଥିଲେ। ଏହି ସମୟରେ ଡିଫେନ୍ସ କାଉନସିଲ ଆଡ୍‌ଭୋକେଟ ନରେଶ ନାୟକ ଓ ସହଯୋଗୀ ଆଇନଜୀବୀ କେ.ସି. ପଟେଲଙ୍କ ବିଭିନ୍ନ ପ୍ରଶ୍ନର ସେ ଉତ୍ତର ଦେଇଥିଲେ। ଏହି ହତ୍ୟାକାଣ୍ଡର ପ୍ରାୟ ୧୦ମାସ ୧୫ଦିନ ପରେ ପ୍ରଥମ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ୨୯ ଜାନୁୟାରୀ ୨୦୨୩ରେ ବ୍ରଜରାଜନଗର ଗାନ୍ଧୀ ଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ପହଞ୍ଚିଥିଲେ। ଏହି ସମୟରେ ସେହି ଅଞ୍ଚଳର କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ତାଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ଦେଇଥିବା ଡିଫେନ୍ସ କାଉନସିଲ ଆଇନଜୀବୀ ନରେଶ କହିଛନ୍ତି। ଅପରପକ୍ଷେ ନବ ଦାସ ହତ୍ୟାକାଣ୍ଡର ପକ୍ଷ ରଖୁଥିବା ସରକାରୀ ଆଇନଜୀବୀ ଦୋଷୀଙ୍କୁ ଆଇନ ଅନୁଯାୟୀ ଥିବା ଦଣ୍ଡାଦେଶ ପାଇଁ ଅନୁରୂପ କାର୍ଯ୍ୟ କରୁଥିବା କହିଛନ୍ତି। ଅଦାଲତଙ୍କ ପକ୍ଷରୁ ଆସନ୍ତା ଜାନୁୟାରୀ ୮ରେ ଦ୍ୱିତୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ କରାଯିବାର ଦିନ ଧାର୍ଯ୍ୟ କରାଯାଇଥିବା ଆଇନଜୀବୀ ନରେଶ ସୂଚନା ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ୍
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ଗାୟତ୍ରୀ ମହାରଣା (ସୁଜି)
ଜଗନ୍ନାଥପୁର, ବାଲିପାହାଡ଼, କଟକ
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ । ତୋର ଚଲାପଥ କୁସୁମିତ ହେଉ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।
ଶୁଭେଚ୍ଛା ସହ: ବାପା, ବୋଉ, ଦୁଇନନା, ଭାଇ, ପ୍ରକାଶ ଦାଦା, ପ୍ରିୟବ୍ରତ, ଫନ, ମିକି, ସୂର୍ଯ୍ୟକାନ୍ତ, ମୁନ୍ନୁ, ଦିପୁ, ସିଲା, ପ୍ରକାଶ ।
ଧ-୨୦୦୩

BIRTHDAY WISH

Kishan Anand
At- Hasanpur, Araria, Bihar
On your special day, may the sun shine a little brighter, the smiles, be a bit wider and the joy be endless.
Best Wishes From- Kalyani Barsha, Priti, Gaurab Family members and relatives.
D-2022

## Classified Everyday
0674-2580101, 2549949


REAL ESTATE

SALE

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ପ୍ଲଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281


Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999

**Ashirvaad Salon and SPA get good massage for your health tha best therapy. 7077181074.** D-75080

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 11.12.2023, I, Sujata Pattnaik, W/o-Ajit Kumar Pattanaik, Plot No.- N-4/224, P.O.-I.R.C. Village, P.S.- Nayapalli, Bhubaneswar, Dist.- Khurdha, Odisha declare that, I have changed my name from Sujata Kumari Mohanty to Sujata Pattnaik. Henceforth I shall be known as Sujata Pattnaik for all purposes. Sd./- Sujata Pattnaik D-75079

By virtue of an affidavit sworn before the Executive Magistrate, Bhubaneswar No 68AA967652, dated 13.12.2023 I, Sujita Kumar Pradhan S/o Jayachandra Pradhan, Resident of At/PO-Motabadi, Via/PS-Buguda, Dist.-Ganjam, PIN-761118 Odisha I have changed my name from Sujita Kumar Pradhan to Sujit Kumar Pradhan. Henceforth, I shall be known as Sujit Kumar Pradhan for all purposes. D-75178

By virtue of an affidavit sworn before the Executive Magistrate, Bhubaneswar No. 68AA 968809, dated 12.12.2023, I, Tapas Nanda, S/o Asit Kumar Nanda, resident of At/P.O-Chhatia, P.S-Barachana, Dist.- Jajpur, PIN- 754023, Odisha I have changed my name from 'Tapas Nanda' to Tapas Kumar Nanda. Henceforth, I shall be known as Tapas Kumar Nanda for future purposes. D-2023

By an affidavit before the Notary Public, Sambalpur I sujit Kumar Nath, S/o. Benudhar Nath, R/o- Parmanpur, Dist.- Sambalpur declare that my sister namely Anima Nath has not residing with family more than 18years and we did not found her. Now we need her presence for transfer of land and building (ancestral property). That Anima Nath may contact within 30 days from the date of affidavit to her family, otherwise we will take necessary step to transfer the land property as per law. Contact No- 9861320501. D-2017

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୧୧ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶ୍ୟାମ ସୁନ୍ଦର ସାହୁ
ଆଜି ତୁମର ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ହତଭାଗ୍ୟ: ସ୍ତ୍ରୀ: ଶକୁନ୍ତଳା ସାହୁ, ପୁତ୍ର: ଅମୂଲ୍ୟ ସାହୁ, ଗଣେଶ ସାହୁ, ଝିଅ: ସବିତା ସାହୁ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ
ଧ-୨୦୧୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗଣେଶ୍ୱର ମହାନ୍ତି
ତୁଳସୀନଗର, ବଲାଙ୍ଗୀର
ଆବିର୍ଭାବ: ୧୧।୧୧।୧୯୨୯
ତିରୋଧାନ: ୨୬।୧୧।୨୦୨୨
ହେ ପୂଜ୍ୟ, ଆଜି ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀ ତିଥି (ତା.୧୫।୧୨।୨୦୨୩) ଅବସରରେ ଆପଣଙ୍କ ଆଦର୍ଶ ଜୀବନର ନିରନ୍ତର ପ୍ରେରଣା ଆଶାରେ ଆପଣଙ୍କ ଦୀପ୍ତିମୟ ବ୍ୟକ୍ତିତ୍ୱ ଓ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରୁଛୁ।
ମହାନ୍ତି ପରିବାର ଓ ବନ୍ଧୁବର୍ଗ
ଧ-୨୦୧୯

# ଅଶ୍ୱିନୀ–ତନିଶା, ରତପର୍ଣ୍ଣା–ଶ୍ୱେତପର୍ଣ୍ଣା କ୍ୱାର୍ଟରରେ

**ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର,୧୩।୧୨
(ସରୋଜ ଜେନା)

କଟକ ସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ ଟୁର୍ ସୁପର–୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା, ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ। ଏହା ବ୍ୟତୀତ ପୁରୁଷ ସିଙ୍ଗଲ୍ସରେ କିରଣ ଜର୍ଜ ମଧ୍ୟ ନିଜ ମ୍ୟାଚ୍‌ରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



ମ୍ୟାଚ୍ ଖେଳିବା ଅବସରରେ ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା। (ଫଟୋ: ରାଜକିଶୋର ମହାନ୍ତି)

ଦିନର ପ୍ରଥମ ମ୍ୟାଚରେ ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ତନିଶା କାଷ୍ଟ୍ରୋ ଓ ଧ୍ରୁବ କପିଳା ଚମତ୍କାର ପ୍ରଦର୍ଶନ କରିଥିଲେ। ଇଣ୍ଡୋନେସିଆର ଆମ୍ରି ସ୍ୟାହନ୍ୱାଇ ଓ ଓ୍ୱିନି ଅକ୍ୱାଭିନା କାଣ୍ଡେଙ୍କୁ ୨୧–୧୬ ଓ ୨୧–୧୨ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଦ୍ୱିତୀୟ ମିକ୍ସଡ ଡବଲ୍ସ ମ୍ୟାଚ୍‌ରେ ଅଶ୍ୱିନୀ ପୋନାପ୍ପା ଓ ରୋହନ କପୁରଙ୍କ ଯୋଡି ବି. ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀଙ୍କ ବିପକ୍ଷରେ ମ୍ୟାଚ୍‌କୁ ୨୧–୧୪, ୨୧–୧୭ ଓ ୨୧–୧୭ରେ ଜିତି ନେଇଥିଲେ। ମହିଳା ଡବଲ୍ସରେ ଓଡ଼ିଶାର ଦୁଇ ଭଉଣୀ ତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ନିଜର ଚମତ୍କାର ଫର୍ମ ବଜାୟ ରଖି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଭାରତୀୟ ଖେଳାଳି ସିମରନ୍ ସିଙ୍ଘି ଓ ରୀତିକା ଠାକେରଙ୍କୁ ୨୧–୧୨, ୧୪–୨୧ ଓ ୧୯–୨୧ରେ ପରାସ୍ତ କରିଥିଲେ ଓଡ଼ିଶାର ଏହି ଦୁଇ ଭଉଣୀ। ଅନ୍ୟ ଏକ ଡବଲ୍ସ ମ୍ୟାଚ୍‌ରେ ତନିଶା ଓ ଅଶ୍ୱିନୀ ଚମତ୍କାର ପ୍ରଦର୍ଶନ କରି ୨୧–୧୩ ଓ ୨୧–୧୩ ସେଟରେ ଅରୁଲ ବାଲା ରାଧାକ୍ରିଷ୍ଣନ ଓ ବର୍ଷିନୀ ବିଶ୍ୱନାଥନଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ୨୧–୧୮ ଓ ୨୧–୧୬ ସେଟରେ ଭାରତୀୟ ଖେଳାଳି ଅସ୍ମିତା ଚଲିହାଙ୍କୁ ପରାସ୍ତ କରିଛନ୍ତି। ଚିରାଗ ସେନ୍ ୨୧–୧୦, ୧୫–୨୧, ଓ ୨୧–୧୭ରେ ମଡ୍ସ କ୍ରିଷ୍ଟୋଫର ସେନ୍‌ଙ୍କୁ ପରାସ୍ତ କରିଥିଲେ। ପୂର୍ବତନ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ନୋଜୋମି ଓକୁହାରା ୨୧–୧୧, ୨୧–୧୬ରେ ଷ୍ଟିଫାନିନ ଓ୍ୱାଡଜାଜାଙ୍କୁ ପରାସ୍ତ କରିଥିଲେ।

# ନେପାଳ ବିପକ୍ଷରେ ଭାରତ ସିରିଜ ବିଜୟୀ



ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଦୃଷ୍ଟିବାଧିତ ମହିଳା କ୍ରିକେଟ**

ମୁମ୍ବାଇ, ୧୪।୧୨(ପି.ଟି.)

ନେପାଳ ବିପକ୍ଷ ଦୃଷ୍ଟିବାଧିତ ଚତୁର୍ଥ ମହିଳା ଟି୨୦ କ୍ରିକେଟ ମ୍ୟାଚକୁ ଭାରତ ୭ଉଇକେଟରେ ଜିତି ନେଇଛି। ଏଥିସହ ଭାରତ ୩–୧ରେ ଅଗ୍ରଣୀ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଦଳ ପକ୍ଷରୁ ସୁଷମା ପଟେଲ ୩୭ ବଲ୍‌ରୁ ଦ୍ରୁତ ୪୫ ରନ ସଂଗ୍ରହ କରିଛନ୍ତି। ଗୁରୁବାର ସ୍ଥାନୀୟ ପୋଲିସ ଜିମଖାନା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ବୀନ୍ତା ପୁନ୍ ୬୯ରନ ସ୍କୋର କରିଥିଲେ। ମାନେକ୍ଷୀ ଚୌଧାରୀଙ୍କ ସହ ସେ ୧୦୧ ରନର ଏକ ପାର୍ଟନରଶିପ୍ କରିଥିଲେ। ଏହି ପାର୍ଟନରଶିପ୍ ଭାଙ୍ଗିଯିବା ପରେ ଭାରତ ଦୃଢ ପ୍ରତ୍ୟାବର୍ତ୍ତନ କରି ବିପକ୍ଷ ଦଳର ଉଇକେଟମାନ ପତନ ଘଟାଇଥିଲା। ନେପାଳ ଶେଷ ୪ ଓଭରରେ ଏହାର ୪ ଉଇକେଟ ହରାଇ ବସିଥିଲା। ସୁଷମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତୀୟ ଇନିଂସରେ ରାବାନି, ବାସନ୍ତୀ ହାଁସ୍‌ଦା ଓ ସିମୁ ଦାସଙ୍କର ମଧ୍ୟ ବ୍ୟାଟିଂରେ ଅବଦାନ ରହିଥିଲା। ଦଳ ୩ ଉଇକେଟ ବିନିମୟରେ ୧୯ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଶୁକ୍ରବାର ଖେଳାଯିବ।

# ଚନ୍ଦନଙ୍କ ବ୍ରୋଞ୍ଜ ସହ ଓଡ଼ିଶାକୁ ୧୧ ପଦକ

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

ଭୁବନେଶ୍ୱର, ୧୪।୧୨
(ତପନ ସ୍ୱାଇଁ)

ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଗୁରୁବାର ଅନୁଷ୍ଠିତ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ କୁମାର ବେହେରା ବ୍ରୋଞ୍ଜ ପଦକ ଜିତିଛନ୍ତି। ୯୭ କେଜି ଶକ୍ତିଉତ୍ତୋଳନରେ ଚନ୍ଦନ ମୋଟ ୧୪୪ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧୧ ପଦକ ହାସଲ କରିଛି। ଓଡ଼ିଶାର ୧୪ ପ୍ରତିଯୋଗୀ ୩ଟି କ୍ରିଡ଼ା ପାରା ଆଥଲେଟିକ୍ (୮ଜଣ), ପାରା ବ୍ୟାଡମିଣ୍ଟନ (୪) ଓ ପାରା ଶକ୍ତିଉତ୍ତୋଳନ (୨)ରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଶକ୍ତିଉତ୍ତୋଳନର ୫୯ କେଜି ବର୍ଗରେ ଓଡ଼ିଶାର ଗଦାଧର ସାହୁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପାରା ବ୍ୟାଡମିଣ୍ଟନରେ ଦୀପ ରଞ୍ଜନ ବିଶୋଇ ସିଙ୍ଗଲ୍‌ସରେ ବ୍ରୋଞ୍ଜ ପଦକ ପାଇଥିଲେ। ପାରା ଆଥଲେଟିକ୍ସରେ ଓଡ଼ିଶାର ପ୍ରଦର୍ଶନ ମଧ୍ୟ ଭଲ ରହିଥିଲା। ଜୟନ୍ତୀ ବେହେରା ୧୦୦, ୨୦୦ ଓ ୪୦୦ ମିଟରରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପଙ୍କଜ ଭୁଏ ୧୦୦ମି.ରେ ସ୍ୱର୍ଣ୍ଣ ଓ ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ପାଇଥିଲେ। ସୁଚିତ୍ରା ପରିଡ଼ା ଜାଭେଲିନ ଥ୍ରୋରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପାଇଥିଲେ। ସେହିପରି ମଙ୍ଗତ ହେମ୍ରମ୍ ୧୦୦ମି.ରେ ବ୍ରୋଞ୍ଜ, ଅର୍ଜ୍ଜୁନ ବତ୍ରା ୪୦୦ମି. ଦୌଡ଼ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କଳିଙ୍ଗ ଷ୍ଟାଡିୟମ୍‌ରେ ୧୨ ଦିନ ଅଭ୍ୟାସ ସୁଯୋଗ ବହୁ ଉପାଦେୟ ହୋଇଥିଲା। ବର୍ଷ ସାରା ଏପରି ସୁବିଧା ଯୋଗାଇ ଦିଆଗଲେ ଆହୁରି ଭଲ ପ୍ରଦର୍ଶନ ହୋଇ ପାରିବ ବୋଲି ପାରା ଆଥଲେଟ୍‌ମାନେ ପ୍ରକାଶ କରିଛନ୍ତି।



ଚନ୍ଦନ କୁମାର ବେହେରା

# ବିଦାୟୀ ଟେଷ୍ଟରେ ଓ୍ୱାର୍ନରଙ୍କ ଶତକ

ପର୍ଥ,୧୪।୧୨(ପି.ଟି.)

ଗୁରୁବାର ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୫ ଉଇକେଟ ବିନିମୟରେ ୩୪୬ ରନ୍ ସଂଗ୍ରହ କରିଛି। ବିଦାୟୀ ଟେଷ୍ଟ ଖେଳୁଥିବା ଓପନିଙ୍ଗ ବ୍ୟାଟର ଡେଭିଡ୍ ଓ୍ୱାର୍ନର ଶତକ ହାସଲ କରିବା ସହିତ ଚମତ୍କାର ୧୬୪ ରନ୍ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ଟସ୍ ଜିତି ବ୍ୟାଟିଂ କରିଥିଲା।

ଦୁଇ ଓପନର ଡେଭିଡ୍ ଓ୍ୱାର୍ନର(୧୬୪) ଓ ଉସମାନ ଖ୍ୱାଜା(୪୧) ପ୍ରଥମ ଉଇକେଟରେ ୧୨୬ ରନ୍ ଯୋଡି ଅଷ୍ଟ୍ରେଲିଆକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିଥିଲେ। ଓଭର ପିଛା ୫ରୁ ଅଧିକ ହାରରେ ଦୁଇ ଓପନର ରନ୍ ସଂଗ୍ରହ କରିଥିଲେ। ୯୮ ବଲ୍ ଖେଳି ଖ୍ୱାଜା ୬ ଚୌକା ସହ ୪୧ ରନ୍ କରିଥିବା ବେଳେ ଶାହିନ୍ ଆଫ୍ରିଦି ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ମାର୍ନସ ଲାବୁଶେନ୍ (୧୬) ଓ ଷ୍ଟିଭେନ୍ ସ୍ମିଥ୍(୩୧) ଭଲ ଆରମ୍ଭ ପାଇଥିଲେ ମଧ୍ୟ ଓ ଟ୍ରାଭିସ୍ ହେଡ୍ ୪୦ ରନ୍ କରିଥିଲେ। ଓ୍ୱାର୍ନର ୨୧୧ ବଲ୍‌ର ଇନିଂସରେ ୧୬୪ ରନ୍‌ର ଦମଦାର ଇନିଂସ ଖେଳିଥିଲେ। ଏହି ଇନିଂସରେ ୧୬ ଚୌକା ଓ ୪ ଛକା ସାମିଲ ଥିଲା। ଦୁଇ ଡେବ୍ୟୁଟାଣ୍ଟ ଅମିର ଜମାଲ ୨/୬୩ ଓ ଖୁରମ ଶେହଜାଦ ୧/୬୨ର ଫିଗର ହାସଲ କରିଥିଲେ। ଶାହିନ୍ ଆଫ୍ରିଦି ଓ ଫହିମ୍ ଅଶ୍ରଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଡେଭିଡ୍ ଓ୍ୱାର୍ନର।

**ଆର୍ମବ୍ୟାଣ୍ଡ ପିନ୍ଧି ଖ୍ୱାଜାଙ୍କ ପ୍ରତିବାଦ**

ପ୍ରଥମ ଟେଷ୍ଟରେ କଳା ଆର୍ମ ବ୍ୟାଣ୍ଡ ପିନ୍ଧି ପ୍ରତିବାଦ କରିଛନ୍ତି ଅଷ୍ଟ୍ରେଲୀୟ ଓପନର ଉସ୍‌ମାନ ଖ୍ୱାଜା। ପାଲେଷ୍ଟାଇନ୍ ସମର୍ଥନରେ ଖ୍ୱାଜା 'ଅଲ୍ ଲାଇଭ୍‌ସ ଆର୍ ଇକ୍ୱାଲ' ଲେଖାଥିବା ଜୋତା ପିନ୍ଧିବାକୁ ଚାହିଁଥିଲେ। ଏହା ଉପରେ ଆଇସିସି ବ୍ୟାନ ଲଗାଇବା ପରେ ଖ୍ୱାଜା କଳା ଆର୍ମବ୍ୟାଣ୍ଡ ପିନ୍ଧି ପ୍ରତିବାଦ କରିଥିଲେ। ଆଇସିସିର ନିୟମ ଅନୁସାରେ କୌଣସି ବି ଖେଳାଳି ନିଜ ପୋଷାକ ଓ ଅନ୍ୟାନ୍ୟ ଉପକରଣ ଉପରେ ଧାର୍ମିକ ଚିହ୍ନ ଲଗାଇ ପାରିବେ ନାହିଁ। ଏହା ପରେ ଖ୍ୱାଜା ସୋସିଆଲ ମିଡିଆରେ ପୋଷ୍ଟ କରି ଏହାକୁ ବିରୋଧ କରିଥିଲେ। 'ସ୍ୱାଧୀନତା ସମସ୍ତଙ୍କ ଅଧିକାର, ଏହା ସମସ୍ତଙ୍କ ପାଇଁ ସମାନ ମଧ୍ୟ ହେବା ଉଚିତ' ବୋଲି ସେ କହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୮୪ ଓଭରରେ ୩୪୬/୫(ଡେଭିଡ ଓ୍ୱାର୍ନର–୧୬୪, ଉସମାନ ଖ୍ୱାଜା–୪୧, ଟ୍ରାଭିସ୍ ହେଡ୍–୪୦, ଅମିର ଜମାଲ–୨/୬୩, ଖୁରମ ଶେହଜାଦ–୧/୬୨,ଫହିମ୍ ଅଶ୍ରଫ୍–୧/୬୫, ଶାହିନ୍ ଆଫ୍ରିଦି–୧/୭୫)।

# ମେସି, ଏମ୍‌ବାପେ କିମ୍ବା ହାଲାଣ୍ଡ ପାଇବେ ପୁରସ୍କାର

**ଜୁରିଚ୍, ୧୪।୧୨ (ଏପି):** ୨୦୨୩ ପାଇଁ ଫିଫାର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ପାଇଁ ଲିଓନେଲ ମେସି, କିଲିଆନ ଏମ୍‌ବାପେ ଓ ଏର୍ଲିଂ ହାଲାଣ୍ଡଙ୍କ ମଧ୍ୟରେ ଅନ୍ୟ ଏକ ପ୍ରତିଯୋଗିତା ହେବ। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଆସୋସିଏଶନ ଫୁଟ୍‌ବଲ ପକ୍ଷରୁ ଗୁରୁବାର ସର୍ଟଲିଷ୍ଟ ଘୋଷଣା କରାଯାଇଛି। ଅକ୍ଟୋବରରେ ବାଲନ ଡି'ଅର ପୁରସ୍କାର ପାଇଁ ମଧ୍ୟ ଏହି ୩ଜଣଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ମେସି ବିଜୟ ଲାଭ କରିଥିଲେ। ବାଲନଡି'ଅର ପୁରସ୍କାର ପାଇଁ ଅବଶ୍ୟ ବିଶ୍ୱକପ୍ ୨୦୨୨ ପ୍ରଦର୍ଶନ ବିଚାରକୁ ନିଆଯାଇଥିଲା। ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଟୁର୍ନାମେଣ୍ଟ ଜିତିଥିଲା। କାତାରରେ ଟାଇଟଲ ବିଜୟୀ ପ୍ରଦର୍ଶନ ପାଇଁ ମେସି କ୍ୟାରିୟରରେ ୭ମ ଥର ଫିଫା ପୁରସ୍କାର ଜିତିଥିଲେ। ଅନ୍ୟପକ୍ଷରେ ମହିଳା ଶ୍ରେଷ୍ଠ ଖେଳାଳି ସର୍ଟଲିଷ୍ଟରେ ୨୦୨୩ ବିଶ୍ୱକପ୍ ବିଜୟୀ ସ୍ପେନ ଦଳର ଦୁଇଜଣ ଆଇଟାନା ବୋନ୍‌ମାଟି ଓ ଜେନି ହର୍ମୋସୋ ଏବଂ କଲମ୍ବିଆର ଲିଣ୍ଡା କାଇସେଡୋ ରହିଛନ୍ତି।

# ଭାରତ ଏ'–ଦକ୍ଷିଣ ଆଫ୍ରିକା ଏ' ମ୍ୟାଚ ଡ୍ର

ପୋଚେଫଷ୍ଟ୍ରୁମ୍, ୧୪।୧୨ (ପି.ଟି.)

ଓପନର ୟାସିନ ଭାଲି ଓ ଜିନ୍ ଡୁ'ପ୍ଲେସିଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟକତାରେ ଦକ୍ଷିଣ ଆଫ୍ରିକା ଏ' ଏଠାରେ ଚାଲିଥିବା ଭାରତ ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚକୁ ଡ୍ର ରଖିବାରେ ସମର୍ଥ ହୋଇଛି। ମ୍ୟାଚ ଡ୍ର ଘୋଷଣା କରାଯିବାବେଳକୁ ଦକ୍ଷିଣ ଆଫ୍ରିକା ଏ' ଦଳ ଏହାର ଦ୍ୱିତୀୟ ଇନିଂସରେ ୨ ଉଇକେଟ ବିନିମୟରେ ୧୫୨ ରନ କରିଥିଲା। ପୂର୍ବରୁ ଭାରତ ଏ' ପ୍ରଥମ ଇନିଂସରେ ୪୧୬ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଘରୋଇ ଦଳ ଏକଦା ୧୨ତମ ଓଭରରେ ମାତ୍ର ୪୮ରନରେ ଏହାର ୨ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଓପନର କାମେରନ ଡିନ୍ ଶେକ୍‌ଲେଟନ ଏବଂ ପ୍ରଥମ ଡାଉନ୍ ବ୍ୟାଟର ରୁବେନ ହରମାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ନ ପାରି ପ୍ୟାଭିଲିୟନ ଫେରିଥିଲେ। ତେବେ ଭାଲି (୭୨*, ୧୩୭ ବଲ୍, ୮X୪) ଏବଂ ଡୁ'ପ୍ଲେସି (୫୦*, ୮୨ ବଲ୍, ୫X୪) ଅବଶିଷ୍ଟ ୩୦ ଓଭର ଖେଳ ଅନାୟସରେ ଖେଳିଥିଲେ। ପ୍ରଥମ ଇନିଂସରେ ହ୍ୟାଟ୍ରିକ ସହ ୫ ଉଇକେଟ ହାସଲ କରିଥିବା ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଦକ୍ଷିଣ ଆଫ୍ରିକା ବ୍ୟାଟରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥିଲେ। ଗୁରୁବାର ସକାଳେ ଭାରତ ୩୭୭/୬ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ସେତେବେଳେ ଶାର୍ଦ୍ଦୁଳ ଠାକୁର ୭୦ ରନ କରି ବ୍ୟାଟିଂ କରୁଥିଲେ। କିନ୍ତୁ ସେ ପୂର୍ବଦିନର ସ୍କୋରରେ ମାତ୍ର ୬ ରନ ଯୋଗ କରି ପେସର ଇଭାନ ଜୋନ୍ସଙ୍କ ବଲ୍‌ରେ ଭାଲିଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସୌରଭ କୁମାର ୨୨ ରନ କରି ଭାରତ ସ୍କୋର ୪୦୦ ରନ ଅତିକ୍ରମ କରାଇଥିଲେ। ଭ୍ରମଣକାରୀ ଦଳ ସମସ୍ତ ଉଇକେଟ ହରାଇ ପ୍ରଥମ ଇନିଂସରେ ୪୧୭ ରନ କରି ବା ସହ ୯୮ ରନର ଅଗ୍ରଣୀ ଲାଭ କରିପାରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜୋନ୍ସ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ସିୟା ପ୍ଲାଟ୍‌ଜୀଙ୍କୁ ୩ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଏ': ୯୮.୧ ଓଭରରେ ୩୧୯ ଅଲଆଉଟ ଏବଂ ୪୨ ଓଭରରେ ୧୫୨/୨ (ୟାସିନ୍ ଭାଲି–୭୨*, ଜିନ୍ ଡୁ'ପ୍ଲେସି–୫୦*)। ଭାରତ ଏ': ୮୬.୫ ଓଭର (ପ୍ରଦୋଷ ରଞ୍ଜନ ପଲ୍–୧୬୩, ଶାର୍ଦ୍ଦୁଳ ଠାକୁର–୭୬, ସର୍ଫରାଜ ଖାନ୍–୬୮ ; ଇଭାନ ଜୋନ୍ସ–୪/୧୦୦, ସିୟା ପ୍ଲାଟଜୀ–୩/୬୫)।

# ଓଡ଼ିଶାରୁ କେବଳ ବଳରାମ

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା):** ଭାରତୀୟ ଭିନ୍ନକ୍ଷମ କ୍ରିକେଟ ପରିଷଦ (ବିସିସିଆଇର ଏକ ସହଯୋଗୀ ସଂସ୍ଥା) ଆନୁକୂଲ୍ୟରେ ୪୦ଜଣ ଖେଳାଳିଙ୍କୁ ନେଇ ଏକ ଟ୍ରେନିଂ କ୍ୟାମ୍ପର ଆୟୋଜନ କରାଯାଇଛି। ଏହା ଡିସେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ ଲାଲବାହାଦୂର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ଖେଳାଳି ବଳରାମ ବସ୍ତିଆ ସ୍ଥାନ ପାଇଛନ୍ତି। ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଆସନ୍ତାବର୍ଷ ଜାନୁଆରୀରେ ଇଂଲଣ୍ଡ ବିପକ୍ଷ ତିନି ଟି୨୦ ମ୍ୟାଚରେ ଖେଳିବା ଲାଗି ଭାରତୀୟ ଦଳରେ ସ୍ଥାନ ପାଇବେ। ବଳରାମ ଜଣେ ଉଇକେଟ–ବ୍ୟାଟର। ରାଜସ୍ଥାନରେ ଅନୁଷ୍ଠିତ ହୋଇଥିବା ଟି୨୦ମ୍ୟାଚରେ ଭଲ ପ୍ରଦର୍ଶନ କରି ସେ ଏହି କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ବଳରାମଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲ ଚ୍ୟାଲେଞ୍ଜର ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସଲ, କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର ଓ କ୍ୟାପଟାନ ରାଖାଲ ସେଠି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



ବଳରାମ ବସ୍ତିଆ

# ଜୟସୁରିୟା କ୍ରିକେଟ ପରାମର୍ଶଦାତା

**କଲମ୍ବୋ, ୧୪।୧୨ (ପି.ଟି.):** ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଗୁରୁବାର ପୂର୍ବତନ ଓପନର ସନଥ ଜୟସୂରିୟାଙ୍କୁ ଏକ ବର୍ଷ ପାଇଁ ଫୁଲ୍‌ଟାଇମ୍ କ୍ରିକେଟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛି। ଦେଶରେ ଖେଳର ବିକାଶ କ୍ଷେତ୍ରରେ ସେ କାର୍ଯ୍ୟ କରିବେ। ବୁଧବାର ପୂର୍ବତନ ଓପନର ଉପୁଲ ଥରଙ୍ଗାଙ୍କ ନେତୃତ୍ୱରେ ଜାତୀୟ ସିଲେକ୍ସ ପ୍ୟାନେଲ ଗଠନ ପରେ ଜୟସୁରିୟାଙ୍କୁ ଏହି ନିଯୁକ୍ତି ମିଳିଛି। ଜୟସୂରିୟା ତୁରନ୍ତ ତାଙ୍କ କାର୍ଯ୍ୟରେ ଯୋଗଦେବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



1.5 CRORE HAPPY CUSTOMERS
TVS
TVS XL100
ଉପଯୋଗିତା ରେ ଉତ୍ତମ
ସଞ୍ଚୟରେ ସର୍ବୋତ୍ତମ
₹2100* କ୍ୟାଶ ଡିସ୍କାଉଣ୍ଟ
₹44999# ରୁ ଆରମ୍ଭ
^^ Use Scheme Code SPL_S_9552 at your nearest dealership to avail this offer.
ସ୍କ୍ୟାନ୍ କରନ୍ତୁ
1800 3157 100
15% ଅଧିକ ମାଇଲେଜ୍+
ଶବ୍ଦହୀନ ଷ୍ଟାର୍ଟ 2018 ଠାରୁ ସହଜ ଅନ୍-ଅଫ୍ ସ୍ୱିଚ୍
ମୋବାଇଲ୍ ଚାର୍ଜର୍^
ଡିଟାଚେବଲ୍ ରାଅର୍ ସାଟ୍
କମ ଡାଉନ୍ ପେମେଣ୍ଟ ₹3333^^ ରୁ ଆରମ୍ଭ
* Offer valid for a limited period only. T&C apply. # Ex-showroom price of TVS XL100 Heavy Duty Kick Start variant in Orissa. T&C apply. + Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. T&C apply. ^^ Finance at the sole discretion of the financier. T&C apply.
TVS 3 YEAR WARRANTY
TVS CREDIT
L&T Finance
IDFC FIRST Bank ALWAYS YOU FIRST
SHRIRAM Finance
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. Authorised Dealers: Rohibank:6371229226, Kalapathar: 9937844941, Ranpur:9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali:9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.
dentsu/dha bhu/06/23




MARUTI SUZUKI ARENA
ନୂତନ
EECO
ପ୍ରତ୍ୟେକ ଯାତ୍ରା
ହେବ ଆନନ୍ଦମୟ
ଅତୁଳନୀୟ ମାଇଲେଜ
PETROL** 19.71 km/l
CNG** 26.78 km/kg
1.2L ଏଡ଼ଭାନ୍ସଡ ସିରିଜ ଡୁଅଲ ଜେଟ୍, ଡୁଅଲ VVT ଇଞ୍ଜିନ
ଡିଜିଟାଲ ଇନ୍ଷ୍ଟ୍ରୁମେଣ୍ଟଲ କ୍ଲଷ୍ଟର
ଇଞ୍ଜିନ ଇମୋବିଲାଇଜର
11 ସେଫ୍ଟୀ ଫିଚର୍ସ, ଡୁଅଲ ଏୟାରବ୍ୟାଗ୍ସର ସହିତ
UP TO 100% ON-ROAD FUNDING AVAILABLE
EECO SAVE UP TO ₹34000*
EECO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.
NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.
ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.
*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only. **Fuel efficiency as certified by test agency under Rule 115 of CMVR 1989. For details on functioning of safety features, including air bag, kindly refer to the Owner's Manual. All Loans & schemes are under the sole discretion of the Finance Partner.


DSPL-451
ODISHA
INDIA'S BEST KEPT SECRET.
#ନୂଆ-ଓ
ଯୁବ ଓଡ଼ିଶା ନବୀନ ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ
ନୂଆ-ଓ ଉତ୍ସବ, ଅନୁଗୋଳ
ସ୍ଥାନ : ବିଜୁ ମୈଦାନ | ସମୟ : ପୂର୍ବାହ୍ନ ୧୦ ରୁ
୧୫ ଡିସେମ୍ବର, ୨୦୨୩
ଆମ ଓଡ଼ିଶା ନବୀନ ଓଡ଼ିଶା
OIPR-29001/13/0109/2324

ଧରିତ୍ରୀ DHARITRI
ଧରିତ୍ରୀ 50 Years

# ସ୍ୱନକ୍ଷତ୍ର ବିଶେଷ

ଭୁବନେଶ୍ୱର, ଶୁକ୍ରବାର, ୧୫ ଡିସେମ୍ବର, ୨୦୨୩

## ତଦନ୍ତ କଲା ବ୍ଲକ ଶିକ୍ଷା ବିଭାଗ

**ଧରିତ୍ରୀ ପ୍ରଭାବ**

**ଛାତ୍ରୀମାନେ ଚାଲି ଚାଲି ପରୀକ୍ଷା କେନ୍ଦ୍ରକୁ ଯିବା ଘଟଣା**

ମୋରଡ଼ା,୧୪।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତ ଅନ୍ତର୍ଗତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୯୦ ଛାତ୍ରୀ ୬ କି.ମି. ଚାଲିଚାଲି ପରୀକ୍ଷା କେନ୍ଦ୍ରକୁ ଯିବା ଘଟଣାର ତଦନ୍ତ କରିଛି ବ୍ଲକ ଶିକ୍ଷା ବିଭାଗ। ଏ ସଂକ୍ରାନ୍ତରେ ଗତ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୨ ଜଣ ଏବିଇଓ ତଦନ୍ତ କରିଥିଲେ। ଏହି ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପ୍ରଦାନ କରାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ମନମୋହନ ହେମ୍ବ୍ରମ ପ୍ରକାଶ କରିଛନ୍ତି। ତଦନ୍ତ ବେଳେ ଛାତ୍ରୀମାନେ କେନାଲ ରାସ୍ତାରେ ଚାଲିଚାଲି ପରୀକ୍ଷା ଦେବାକୁ ଯିବାଆସିବା କରିବା ଘଟଣା ସତ ପ୍ରମାଣିତ ହୋଇଥିବା ବିଇଓ କହିଛନ୍ତି। ଗତ ୧୨ ତାରିଖରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଚତୁର୍ଥ,ପଞ୍ଚମ ଓ ଷଷ୍ଠ ଶ୍ରେଣୀର ୯୦ ଛାତ୍ରୀ ୬ କି.ମି. ଚାଲିଚାଲି ପଞ୍ଚାୟତସ୍ତରୀୟ ଗଣିତ ପରୀକ୍ଷା ଦେବାକୁ ବାରମାଇଲସ୍ଥିତ ଉପେନ୍ଦ୍ରନାଥ ଘୋଷ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯିବା ଆସିବା କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ବ୍ୟବସ୍ଥା କରି ନ ଥିଲେ।

## ମଧ୍ୟାହ୍ନଭୋଜନରେ ପଖାଳ, ଆଳୁଭଜା



ମଧ୍ୟାହ୍ନ ଭୋଜନରେ ଛାତ୍ରୀମାନେ ପଖାଳ, ଆଳୁଭଜା ଖାଉଛନ୍ତି।

- **ମାଣବସା ପାଇଁ ଶିକ୍ଷୟିତ୍ରୀ, ରୋଷେୟା ଅନୁପସ୍ଥିତ**
- **ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ**

ନୀଳଗିରି, ୪।୧୨(ପ୍ରଶାନ୍ତ ବିଶ୍ୱାଳ)

ମଧ୍ୟାହ୍ନଭୋଜନରେ ଛାତ୍ରୀଛାତ୍ରଙ୍କୁ ସୁଷମ ଖାଦ୍ୟ ଯୋଗାଇଦେବା ଲାଗି ନିୟମ ରହିଛି। ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଉମାଅର୍ଜ୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତାହା ପୁଣି ୫-ଟି ବିଦ୍ୟାଳୟରେ। ମାଣବସା ଗୁରବାର ଲାଗି କେତେଜଣ ଶିକ୍ଷୟିତ୍ରୀ ଓ ରୋଷେୟା ଅନୁପସ୍ଥିତ ରହିଥିବାରୁ ପିଲାଙ୍କୁ ଥଣ୍ଡା ଦିନରେ ପଖାଳ ଓ ଆଳୁ ଭଜା ଖାଇବାକୁ ପଡିଛି। ଏପରିକି ମଧ୍ୟାହ୍ନରେ ଛାତ୍ରୀମାନେ ନିଜ ହାତରେ ବାଢ଼ି ଖାଇଛନ୍ତି। ଏ ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଏହାକୁ ଗୁରୁତ୍ୱର ସହ ନେଇ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବିଦ୍ୟାଳୟରେ ସମୁଦାୟ ୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ମଧ୍ୟାହ୍ନରେ ୩ଜଣ ଉପସ୍ଥିତ ଥିଲେ ଓ ଅନ୍ୟ ୪ ଜଣ ଛୁଟିରେ ଥିଲେ। ଉକ୍ତ ବିଦ୍ୟାଳୟରେ ୯୩ ଜଣ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଗୁରୁବାର ସକାଳେ ରୋଷେୟା ଆଳୁଭଜା ଓ ପଖାଳ ପ୍ରସ୍ତୁତ କରି ଛୁଟିରେ ପଳାଇ ଯାଇଥିଲେ।

## ପାଚେରି ଡେଇଁ ଘରେ ପଶିଲେ ଭାଲୁପଲ

ମାଲକାନଗିରି, ୧୪।୧୨(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୭ ଗ୍ରାମରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ମଧ ରାତ୍ରିରେ ଭାଲୁ ଲୋକଙ୍କ ଘରେ ପଶି ବିଭିନ୍ନ ଆସବାପତ୍ର ନଷ୍ଟ କରୁଥିବା ବେଳେ ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯାହା ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘର ମୁଖ୍ୟ ଫାଟକ ପାଖ ପାଚେରି ଡେଇଁ ୩ଟି ଭାଲୁ ବୁଧବାର ରାତିରେ ଜଣକ ଘରେ ପଶିଥିଲେ। ଆଉ ଏହା ଘର ସାମ୍ନାରେ ଥିବା ସିସିଟିଭିରେ ଏକଦ ହୋଇଛି , ଯାହାକୁ ନେଇ ଏମ୍‌ଭି ୭ ନମ୍ବର ଗାଁ ଓ ଆଖପାଖ ଅଞ୍ଚଳରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବାଟବଣା | ବନ୍ଦ ବିଦ୍ୟାଳୟକୁ ଅନୁଦାନ

ପଟ୍ଟାଙ୍ଗି,୧୪।୧୨(ଶରତ ଧଳ)



ବନ୍ଦ ହୋଇ ଯାଇଥିବା ସିତାମପାଡ୍ଡୁ ଗ୍ରାମର ନୂତନ ପ୍ରାଥମିକ ବିଦ୍ୟାଳୟ।

ଯେଉଁ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟଗୁଡ଼ିକ ସହ ମିଶ୍ରଣ କରାଯିବାକୁ ସରକାର ନିଷ୍ପତ୍ତି ନେଇ ରାଜ୍ୟର ଏପରି ଥିବା ଅନେକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରିଥିଲେ। ଫଳରେ ରାଜ୍ୟରେ କମ୍ ଛାତ୍ରୀଛାତ୍ର ଥିବା କେତେକ ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା। ଏହି କ୍ରମରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ରାଲେଗଡ଼ା ପଞ୍ଚାୟତ ସିତାମପାଡ୍ଡୁ ଗ୍ରାମର ନୂତନ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିକଟସ୍ଥ ଟାଙ୍ଗିଣି ବିଦ୍ୟାଳୟରେ ପାଠପଢ଼ା ବ୍ୟବସ୍ଥା ହୋଇଥିଲା। ଏଯାବତ୍ ୩ ବର୍ଷ ହେଲା ଏହି ବିଦ୍ୟାଳୟ ବନ୍ଦ ରହିଛି। ତେବେ ବର୍ତ୍ତମାନ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବନ୍ଦ ହୋଇଯାଇଥିବା ଏହି ସିତାମପାଡ୍ଡୁ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି । ଏହା ଜଣାପଡ଼ିବା ପରେ ବନ୍ଦ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର କାହା ସ୍ୱାର୍ଥରେ ବୋଲି ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଲୋକ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ଅଣାଦେଖା କରି ଉନ୍ନତି ନାମରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ସରକାରୀ ଅର୍ଥକୁ ବାଟମାରଣା କରାଯାଇଥିବା କଟା ଅଭିଯୋଗ କରିଛନ୍ତି। ପୂର୍ବତନ ବିଡିଓଙ୍କ ସମୟରେ ହୋଇଥିବା ପ୍ରକଳ୍ପଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ କରିବା ଲାଗି ସେ ଦାବି କରିଛନ୍ତି। ସେହିପରି ପଞ୍ଚାୟତଗୁଡ଼ିକର ଉନ୍ନତି ନିମନ୍ତେ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ବ୍ଲକର ୧୪ଟି ପଞ୍ଚାୟତକୁ ୭କୋଟି ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନ ଖର୍ଚ୍ଚରେ ମନମାନି କରାଯାଉଛି। କେତେଜଣ କ୍ଷମତାସୀନ ରାଜନେତା ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖାକରି ପ୍ରକଳ୍ପ ମଞ୍ଜୁର କରାଇ କାର୍ଯ୍ୟ କରିବାରେ ନିଜେ ଠିକାଦାର ସାଜିଛନ୍ତି। ଯେଉଁ ପଞ୍ଚାୟତରେ ଶାସକ ଦଳର ନିର୍ବାଚିତ ପ୍ରତିନିଧି ନାହାନ୍ତି ସେହି ପଞ୍ଚାୟତରେ ଥିବା ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ କୌଣସି ସୂଚନା ନ ଦେଇ ଆସିଥିବା ଅର୍ଥକୁ ଖର୍ଚ୍ଚ କରିବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେତେଜଣ ଜନପ୍ରତିନିଧିଙ୍କ ପାଇଁ ସରକାର ବଦନାମ ହେଉଛନ୍ତି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ଏନେଇ ଏଇ ବିଶ୍ୱନାଥ ମାଦାଲିଙ୍କୁ ପଚାରିବାରୁ ସେ କହିଲେ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତଗୁଡ଼ିକରୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରକଳ୍ପକୁ ଜିଲାପାଳ ଏବେ ସ୍ଥଗିତ ରଖିଛନ୍ତି। ସମସ୍ତ ଧାର୍ମିକ ପୀଠର ଉନ୍ନତି ବ୍ୟତୀତ ଅନ୍ୟ ସବୁ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବା ସେ କହିଛନ୍ତି।

ଅଭିନନ୍ଦନ
ଲୋକପ୍ରିୟ ଅଗ୍ରଣୀ ଓଡ଼ିଆ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦୋବଲ ଗ୍ରାମ ପଞ୍ଚାୟତର ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭୋଟର ଭାଇ ଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରୁନିଲତା ସାହୁ
ସମିତି ସଭ୍ୟା,ଦୋବଲ ଗ୍ରାମପଞ୍ଚାୟତ, ଦୋବଲ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ।
ଶ୍ରୀମାନ୍ ସୂର୍ଯ୍ୟବଂଶୀ ସୁରଜ
ବିଧାୟକ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ଅଗଣିତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭୋଟର ଭାଇଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅଶୋକ କୁମାର ପଣ୍ଡା
ସରପଞ୍ଚ,ଦୋବଲ ଗ୍ରାମପଞ୍ଚାୟତ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଓଡ଼ିଶାର ଅଗ୍ରଣୀ ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭାଇଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ବିଜେଡି ରାଜ୍ୟ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣ, ଯୁବବର୍ଗମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ।
କୈଳାସ ଚନ୍ଦ୍ର ମହାପାତ୍ର (ଶୁସନ)
ଭାଜପା ନଗର ସଭାପତି, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ଅଞ୍ଚଳର ଅଗଣିତ ପାଠକ ପାଠିକା ଓ ଜନସାଧାରଣଙ୍କୁ ଅଭିନନ୍ଦନ ସହ ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧି ଆଣିଦେଉ ।
ଧୀରେନ କୁମାର ପାଣି
ସହକାରୀ ଯନ୍ତ୍ରୀ, ଧାମନଗର ଜଳସେଚନ ଉପବିଭାଜନ ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଷୋଳମପୁର ପଞ୍ଚାୟତର ସମସ୍ତ ଜନସାଧାରଣ ଓ ଯୁବବର୍ଗଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅରବିନ୍ଦ ନାୟକ
ପୂର୍ବତନ ମାଳଦା ସମବାୟ ସମିତି ସଭାପତି, ଷୋଳମପୁର, ଭଣ୍ଡାରିପୋଖରୀ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅଗଣିତ ପାଠକ ପାଠିକା ଓ ଦେହୁଡ଼ି ଆନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଓ ଯୁବକ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ରମେଶ ଚନ୍ଦ୍ର ପତି
ଭାଜପା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଓ ଶକ୍ତିକେନ୍ଦ୍ର ପ୍ରମୁଖ ଦେହୁଡ଼ି ଆନନ୍ଦପୁର ଗ୍ରାମପଞ୍ଚାୟତ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦୋବଲ ସେବା ସମବାୟ ସମିତିର ସମସ୍ତ ଋଣଗ୍ରହୀତା, ଚାଷୀ ଓ ସମିତି ସଭ୍ୟା ସଭ୍ୟମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବଟକୃଷ୍ଣ ନାୟକ
ସଭାପତି, ଦୋବଲ ସେବା ସମବାୟ ସମିତି ଦୋବଲ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କିଶୋର କୁମାର ଦାସ
ସହକାରୀ ଯନ୍ତ୍ରୀ, ଧାମନଗର ଜଳସେଚନ ଉପବିଭାଜନ ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଜତ କୁମାର ପଣ୍ଡା
ସମ୍ପାଦକ, ଧାମନଗର ପ୍ରେସ୍ କ୍ଲବ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଗାମୀ ନବବର୍ଷ ଉପଲକ୍ଷେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଧାମନଗରର ଶୁଭେଚ୍ଛୁ, ଧାମନଗର

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ପଞ୍ଚାୟତ ସମିତିର ସମସ୍ତ ସଦସ୍ୟା ସଦସ୍ୟ ଓ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସନ୍ତୋଷ କୁମାର ପତି
କନିଷ୍ଠ ଯନ୍ତ୍ରୀ, ଧାମନଗର ବ୍ଲକ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଦସ୍ୟ ଓ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜଗନ୍ନାଥ ପ୍ରସାଦ ବାରିକ
କନିଷ୍ଠ ଯନ୍ତ୍ରୀ, ଭଣ୍ଡାରିପୋଖରୀ ବ୍ଲକ, ଭଦ୍ରକ

ଅଭିନନ୍ଦନ
ବୃକ୍ଷ ହିଁ ଜୀବନ । ଆସନ୍ତୁ ମିଳିମିଶି ଗଛ ଲଗାଇବା, ପରିବେଶକୁ ମୁକ୍ତ ରଖିବା । ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ରେଞ୍ଜର ସମସ୍ତ ବୃକ୍ଷପ୍ରେମୀ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
କୁଶ ଚରଣ ସିଂ
ଧାମନଗର ରେଞ୍ଜ୍ ଅଫିସର, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣ ଓ ଯୁବବର୍ଗଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରମୋଦ କୁମାର ସୁତାର (ଗୁଲୁ)
ଭଦ୍ରକ ଜିଲ୍ଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସରପଞ୍ଚ, ସୋହଡା ଗ୍ରାମପଞ୍ଚାୟତ, ଧାମନଗର

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବବର୍ଗର ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରିବା ସହ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମୀନା ମାଝୀ
ସରପଞ୍ଚ,ଦେହୁଡି ଆନନ୍ଦପୁର ଗ୍ରାମପଞ୍ଚାୟତ,ଧାମନଗର, ଭଦ୍ରକ

ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଦ୍ରକବାସୀ ତଥା ଯାଦବ ପରିବାର, ସମସ୍ତ ଜନସାଧାରଣ, ଯୁବବର୍ଗମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କୃଷ୍ଣଚନ୍ଦ୍ର ବେହେରା
ଯାଦବ ନେତା ତଥା ସମାଜସେବୀ, ତୁନିଦା, ଭଦ୍ରକ

ଅଭିନନ୍ଦନ
ଓଡ଼ିଶାର ଦୈନିକ ଲୋକପ୍ରିୟ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ଜିଲ୍ଲା ପରିଷଦ ଜୋନ୍‌ର ସଚେତନ ଜନସାଧାରଣ ଓ ଶୁଭେଚ୍ଛୁମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେଉ ।
ଟୁନିବାଳା ବିଶ୍ୱାଳ
ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, ଭଦ୍ରକ, ଧାମନଗର

ଧରିତ୍ରୀ DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୫/୨୦୨୩ | Bhubaneswar, Friday, December 15/2023


# ବୌଦ୍ଧ ଡିଷ୍ଟିଲେରିରେ ପୁଣି ଆୟକର ଚଢ଼ାଉ

ବୌଦ୍ଧ,୧୪।୧୨
(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମ୍ଭିକଟାଠାରେ ଥିବା ଡିଷ୍ଟିଲେରି ପ୍ରାଇଭେଟ ଲିମିଟେଡ ଉପରେ ପୁଣି ଗୁରୁବାର ସକାଳୁ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ହେଲେ ଚଢ଼ାଉ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହି ଟିମ୍ ସାଙ୍ଗରେ କମ୍ପାନୀର କିଛି କାଗଜପତ୍ର ନେଇଥିବା ଚର୍ଚ୍ଚା ହେଉଛି। କମ୍ପାନୀ ଆୟକର ଫାଙ୍କିବା ଅଭିଯୋଗରେ ଗତ ୬ତାରିଖରୁ ୩ ଦିନ ଧରି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଏହାର କାରଖାନା ଓ କାର୍ଯ୍ୟାଳୟଗୁଡିକ ଉପରେ ଚଢ଼ାଉ କରାଯାଇ କୋଟି କୋଟି ଟଙ୍କା ଜବତ ହୋଇଥିଲା। ୬ ଦିନ ପରେ ପୁଣି ଆଇଟି ଟିମ୍ ଚଢ଼ାଉ କରି ଫେରିଯାଇଛି। ପ୍ରକାଶଥାଉ କି, ୨ଦିନ ତଳେ ଭୁବନେଶ୍ୱରରୁ ଅବକାରୀ ବିଭାଗ ପକ୍ଷରୁ ଏକ ଟିମ୍ ଆସି ଯାଞ୍ଚ କରି ଯାଇଥିବା ଜଣାପଡିଛି। ଚଢ଼ାଉ ନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କ୍ରିଷ୍ଣା ନାଏକ କହିଛନ୍ତି, ଅବକାରୀ ଟିମ୍ ଆସି ସବୁ କାଗଜ ପତ୍ର ଯାଞ୍ଚ କରି ଫେରିଯାଇଛନ୍ତି। ହେଲେ କମ୍ପାନୀ ଯେଉଁଭଳି ଚାଲିଥିଲା ଚାଲିଛି।

ପ୍ରକାଶ ଯେ, ବଲାଙ୍ଗୀର ଓ ଟିଟିଲାଗଡ଼ରେ ଗତ ୭ଦିନ ଧରି ଆୟକର ଚଢ଼ାଉ ଜାରି ରହିଥିବାବେଳେ ମଙ୍ଗଳବାର ଶେଷ ହୋଇଥିଲା। ଆୟକର ବିଭାଗ ଅଧିକାରୀ, ସିଆଇଏସ୍‌ଏଫ୍‌ର ସୁରକ୍ଷା କର୍ମୀ ବଲାଙ୍ଗୀର କ୍ଲବପଡା ମଦଭାଟି ଅଫିସ, ସୁଦପଡା ମଦଭାଟି ଓ ଟିଟିଲାଗଡ ମଦଭାଟିରେ ଚଢ଼ାଉ କରିଥିଲେ। ସୁଦପଡ଼ା ମଦଭାଟି ଓ କ୍ଲବ୍‌ପଡା ମଦ ଅଫିସର ବିଭିନ୍ନ କାଗଜପତ୍ର, ହିସାବ ଖାତା, ଡାଏରୀକୁ ଆୟକର ବିଭାଗ ଜବତ କରିବା ସହ ତା'ର ଛାନଭିନ୍ କରିଥିଲା। ଏହି ମଦଭାଟିରୁ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟଶାଖାରେ ୨୮୫ କୋଟି ଟଙ୍କା ଡିପୋଜିଟ୍ କରାଯାଇଥିବା ଆୟକର ବିଭାଗର ଜଣେ ଅଧିକାରୀ କହିଥିଲେ। ଅପରପକ୍ଷରେ ଟିଟିଲାଗଡ଼ଠାରେ ଆୟକର ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୧କୋଟି ଟଙ୍କା ଜବତ କରିଥିବା କୁହାଯାଉଛି। ଆୟକର ବିଭାଗ ଅଧିକାରୀ ମଦ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ସ୍ତ୍ରୀ ଆରତୀ ସାହୁଙ୍କୁ ଟିଟିଲାଗଡ ଆକ୍ସିସ ବ୍ୟାଙ୍କକୁ ନେଇଥିଲେ। ସେଠାରେ ତାଙ୍କ ଲକର ଆୟକର ଅଧିକାରୀଙ୍କ ଉପସ୍ଥିତିରେ ଖୋଲା ଯାଇଥିଲା। ସେଠାରୁ କିଛି ସୁନା ବିସ୍କୁଟ ଓ ଅଳଙ୍କାର ବାହାରିଲା। ଗତ ୭ ଦିନ ଧରି ବଲାଙ୍ଗୀର ଓ ଟିଟିଲାଗଡ଼ ସମେତ ଜିଲାର ବିଭିନ୍ନ ମଦଭାଟି ଓ ଅନ୍ୟ ସ୍ଥାନରେ ଚାଲିଥିବା ଚଢ଼ାଉ ଅଭିଯାନ ଶେଷ ହୋଇଥିଲେ ମଧ୍ୟ ବାସ୍ତବରେ ଜବତ ଟଙ୍କାର ପରିସଂଖ୍ୟାନକୁ ନେଇ ସ୍ପଷ୍ଟ ତଥ୍ୟନାହିଁ।

# ବଳକା, ତଥାପି ଚଢ଼ା ଦର

## ପିଆଜ ଉତ୍ପାଦନ ବଢୁଛି, ଘାଣ୍ଟି ହେଉଛନ୍ତି ଖାଉଟି

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ରାଜ୍ୟରେ ପିଆଜ ଉତ୍ପାଦନ ବଢୁଛି। ହେଲେ ପ୍ରତ୍ୟେକ ବର୍ଷ ଦର ବୃଦ୍ଧିରେ ଘାଣ୍ଟି ହେଉଛନ୍ତି ଖାଉଟି। ଅନ୍ୟ ବର୍ଷଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ମାସାଧିକ କାଳ ହେବ ରାଜ୍ୟରେ ପିଆଜ କିଲୋ ପିଛା ଦର ୬୦ ଟଙ୍କା ରହିଛି। ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଖାଉଟି ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ପିଆଜ ସଂରକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପିଆଜ ବଳକା ରାଜ୍ୟ ନିଅଣ୍ଟିଆ କଷଣରେ କଷି ହେଉଛି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପିଆଜ ଉତ୍ପାଦନ ହେଉଛି। ଜାତୀୟ ନମୁନା ସର୍ବେକ୍ଷଣ(ଏନ୍‌ଏସ୍‌ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ଓଡ଼ିଶାରେ ବାର୍ଷିକ ପ୍ରାୟତଃ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି। ସାଇତି ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ଚିରୋଟ ସମୟରେ ରାଜ୍ୟର ଚାହିଦା ପୂରଣ ହୋଇପାରୁ ନାହିଁ। ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲ୍ଡ ଚେନ୍ ଡେଭଲପ୍‌ମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା



୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ, ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ରାଜ୍ୟରେ ୭୩୨୧ ପିଆଜ ସାଇତା ଗୃହ ରହିଛି। ଏଥିରେ କେବଳ ୧ଲକ୍ଷ ୮୩ ହଜାର ୨୫ ମେଟ୍ରିକ୍ ଟନ୍ ପିଆଜ ରଖାଯାଇ ପାରିବ। ଏହାଛଡ଼ା କଳାହାଣ୍ଡି, ବରଗଡ଼, ନୂଆପଡ଼ା, ଅନୁଗୋଳ ଓ ବୌଦ୍ଧ ଜିଲାରେ ୬ହଜାର ମେଟ୍ରିକ୍ ଟନ୍ ପିଆଜ ସାଇତା ଗୃହ ନିର୍ମାଣ ହେବାର ପ୍ରସ୍ତାବ ରହିଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହନ ଦେବାକୁ ଆଳୁ, ପିଆଜ, ପନିପରିବା ଓ ମସଲା ଜାତୀୟ ଉନ୍ନୟନ ଯୋଜନାରେ ରାଜ୍ୟ ସରକାର ହେକ୍ଟର ପିଛା ୫୮ ହଜାର ଓ ପନିପରିବା ଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ସବ୍‌ସିଡି ଦେବା ବ୍ୟବସ୍ଥା କରିଛନ୍ତି। ଅନ୍ୟପକ୍ଷରେ ବଳକା ପିଆଜ ସାଇତି ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ବେଳେ ଆଳୁ ଚାଷ ବୃଦ୍ଧି ପାଇଁ କରାଯାଇଥିବା ଆଳୁ ମିଶନ ଫେଲ୍ ମାରିଛି। ରାଜ୍ୟ ପାଇଁ ବର୍ଷକୁ ୧୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଦରକାର ଥିବାବେଳେ ୨୦୨୨-୨୩ରେ ମାତ୍ର ୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି। ଆଳୁ ଦର ଉପରେ ଲଗାମ ଲଗାଇବା ତଥା ରାଜ୍ୟକୁ ସ୍ୱାବଲମ୍ବୀ ହେବାକୁ କୃଷି ବିଭାଗ ୨୦୧୫ରେ ଆଳୁ ମିଶନ ଆରମ୍ଭ କରିଥିଲା। ଏହାର ୮ ବର୍ଷ ପରେ ମଧ୍ୟ ଆବଶ୍ୟକତାର ୫ ଭାଗରୁ ଭାଗେ ଉତ୍ପାଦନ କରିବାରେ ଚାଷୀମାନେ ସକ୍ଷମ ହୋଇପାରିନାହାନ୍ତି। ଯୋଜନା ବିଫଳ ହେଉଥିବାରୁ ଏ ବାବଦ ବ୍ୟୟବରାଦ ମଧ୍ୟ ହ୍ରାସପାଇ ଚାଲିଛି। ଆଳୁ ମିଶନ ପାଇଁ ୨୦୧୪-୧୫ ଆର୍ଥିକବର୍ଷରେ ଏଥିପାଇଁ ୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏ ବାବଦରେ ମାତ୍ର ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ଆଳୁ, ପିଆଜ ନୁହେଁ ଅନ୍ୟାନ୍ୟ ଅଣଧାନ ଫସଲ ମଧ୍ୟ ଗତ ୮ ବର୍ଷରେ କମିଛି କିମ୍ବା ସାମାନ୍ୟ ବୃଦ୍ଧି ପାଇଛି। ରାଜ୍ୟରେ ସୋରିଷ, ସୋୟାବିନ, ବାଦାମ ଭଳି ତୈଳବୀଜ ଉତ୍ପାଦନ ହ୍ରାସ ପାଇଛି। ୨୦୧୩-୧୪ରେ ରାଜ୍ୟରେ ତୈଳବୀଜ ୬୯୮.୧୭ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ରେ ଏହା ୫୧୩.୯୯ ଲକ୍ଷ ମେଟ୍ରିକ୍ ଟନ୍‌କୁ ଖସିଆସିଛି। ପ୍ରମୁଖ ଡାଲିଜାତୀୟ ଫସଲ ମୁଗ, କୋଳଥ, ଚଣା, ମସୁର ଉତ୍ପାଦନ ନାମକୁମାତ୍ର ବୃଦ୍ଧି ପାଇଛି। ଗତ ୮ ବର୍ଷ ମଧ୍ୟରେ ରାଜ୍ୟରେ କୋଳଥ ଉତ୍ପାଦନ ୨.୩୧ ପ୍ରତିଶତ ହୋଇଥିବା ବେଳେ ମୁଗ ୬.୦୬, ଚଣା ୯.୭୯, ହରଡ଼ ୧୪.୧୪ ପ୍ରତିଶତ ବୃଦ୍ଧି ହୋଇଥିବା କୃଷି ବିଭାଗ ତଥ୍ୟ କହୁଛି। ସେହିପରି ପନିପରିବା ପାଇଁ ମଧ୍ୟ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଗତ ୮ବର୍ଷ ମଧ୍ୟରେ ରାଜ୍ୟରେ ମାତ୍ର ୪.୩୦ ପ୍ରତିଶତ ପନିପରିବା ଉତ୍ପାଦନ ବଢ଼ିଥିବା କୁହାଯାଇଛି। ଅଣଧାନ ଫସଲ ଉତ୍ପାଦନ ରାଜ୍ୟରେ ନିରୁତ୍ସାହଜନକ ଏହା ନିଃସନ୍ଦେହ।

### ତଳକୁ ଯାଉଛି ଅଣଧାନ ଫସଲ

କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଉତ୍ପାଦନ ହ୍ରାସ ପାଇଁ ଜଳବାୟୁ ପରିବର୍ତ୍ତନ ଓ ଅନୁର୍ବର ମୃତ୍ତିକା ସମସ୍ୟା ସୃଷ୍ଟି କରିଛି। କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିବା ସହ ଚାଷୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ, ମାଣ୍ଡିଆ, ଡାଲିଜାତୀୟ ଫସଲ କ୍ରୟ କରାଯାଉଛି। କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ କରି ମୂଲ୍ୟଯୁକ୍ତ କରି ବଜାର ସଂଯୋଗୀକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଜଗତ୍‌ସିଂହପୁର ଜିଲା କନ୍ଦରପୁର ଚାଷୀ ଅଜୟ ମଲ୍ଲିକ କହିଛନ୍ତି ଯେ ସରକାର ମାଗଣା ଚାଉଳ ଯୋଗାଇବା ଦ୍ୱାରା ଚାଷ ପାଇଁ ମଜୁରିଆ ମିଳୁନାହାନ୍ତି। ଚାଷ ପାଇଁ ଖର୍ଚ୍ଚ ବଢିଯାଉଛି। ଜମିରେ ଖତ ପଡୁ ନ ଥିବାରୁ ମାଟିର ଉର୍ବରତା କମିଲାଣି। ସାର ପକାଇବା ଖର୍ଚ୍ଚ ବର୍ଷକୁ ବର୍ଷ ବଢିଚାଲିଛି। ଚାଷ କାମରେ ମଜୁରି ଉଠୁନି। ଜମି ପଡ଼ିଆ ପଡୁ ପଛକେ କିଛି ଫସଲ କରିବାକୁ ମନ ହେଉନି। ସରକାର ଅଣଧାନ ଚାଷ ପାଇଁ ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ଆଜିଠାରୁ ମନ୍ମଥ ଗିରିଧାରୀ ମେମୋରିଆଲ କ୍ରିକେଟ

**ଛତିଆ,୧୪।୧୨(ସୌମ୍ୟ ରଞ୍ଜନ ସାହୁ):** ପାଟଣା କ୍ରିକେଟ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ମନ୍ମଥ ଗିରିଧାରୀ କ୍ରିକେଟ ଟୁର୍ନାମେଣ୍ଟ ପ୍ରତିଯୋଗିତା ବଡ଼ଚଣା ବ୍ଲକ ଅଧୀନ ଛତିଆର ଅମରାବତୀ ଖେଳ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଉକ୍ତ ଟୁର୍ନାମେଣ୍ଟ ୧୦ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାପଡ଼ା, ଯାଜପୁର, କଟକ, ଖୋର୍ଦ୍ଧା ଓ ଢେଙ୍କାନାଳ ଆଦି ଜିଲାର ୧୬ ଦଳ ଅଂଶଗ୍ରହଣ କରିବେ। ପ୍ରତି ଦିନ ଦୁଇଟି ଲେଖାଏ ମ୍ୟାଚ୍ ଆୟୋଜିତ ହେବ। ୨୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଫାଇନାଲରେ ବିଜେତା ଓ ଉପବିଜେତା ଦଳକୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଯାଜପୁର ସଦର,୧୪।୧୨(ସମର ବିଜୟ ଶରଣ):** ଯାଜପୁର ବ୍ଲକ ଜମଧର ପଞ୍ଚାୟତ ସ୍ୱପ୍ନେଶ୍ୱରପୁର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଘନଶ୍ୟାମ ପତିଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ଗୁରୁବାର ସକାଳ ୭ଟାରେ ଯାଜପୁର ରୋଡ ମୁଣ୍ଡମାଳସ୍ଥ ବାସଭବନରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଜର ଶିକ୍ଷକତା ବୃତ୍ତିରେ ସୁଦୂର ଫୁଲବାଣୀରେ କର୍ମମୟ ଜୀବନ ଆରମ୍ଭ କରି ଚଳିତ ବର୍ଷ ଏପ୍ରିଲରେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ସମଗ୍ର ଫୁଲବାଣୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜନ୍ମସ୍ଥାନ ସ୍ୱପ୍ନେଶ୍ୱରପୁରରେ ମରଶରୀର ପହଞ୍ଚିବାପରେ ଏକ ଶୋଭାଯାତ୍ରାରେ ମହାପୁର, କବିରପୁର, ଗଜିପାଢ଼ୀ ଛକ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତିସଭ୍ୟ ସେକ୍. ମୋଜାହିଦ, ଜିଲା ଯୁବ ବିଜେଡି ସମ୍ପାଦକ ସେକ୍ ଫାରୁକ, ଯାଜପୁର ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଅମିତ ରାଉତ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ପ୍ରଦୀପ ନାୟକ ଓ ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ।

# ମେଣ୍ଢା ଫାର୍ମରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

## ମଲେଣି ୮ ମେଣ୍ଢା, ୧୯ ମେଣ୍ଢାଙ୍କ ଅବସ୍ଥା ଗୁରୁତର

**ବ୍ରହ୍ମବରଦା,୧୪।୧୨(ଯଯାତି କେଶରୀ ବେହେରା):** ବ୍ରହ୍ମବରଦା ପଞ୍ଚାୟତ ୨ ନମ୍ବର ୱାର୍ଡ ବାସିନ୍ଦା ସେକ୍ ତସଲିମଙ୍କ ମେଣ୍ଢା ଫାର୍ମରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ୮ ମେଣ୍ଢାଙ୍କ ମୃତ୍ୟୁ ହୋଇଥିବାବେଳେ ୧୯ ଗୁରୁତର ହୋଇଛନ୍ତି। ତସଲିମ କିଛି ଦିନ ପୂର୍ବରୁ ଝାଲପଡ଼ା ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ ୨୭ ମେଣ୍ଢା ରଖି ଏକ ଫାର୍ମ କରିଥିଲେ। ୬ ତାରିଖ ରାତିରେ ମେଣ୍ଢାଙ୍କୁ ଖାଦ୍ୟପିୟ ଦେଇ ଫାର୍ମରେ ତାଲା ପକାଇ ଘରକୁ ଆସିଥିଲେ। ପରଦିନ ଦିନ ସକାଳୁ ଫାର୍ମକୁ ଯାଇ ଦେଖିବାକୁ ପାଇଥିଲେ ଯେ, ଫାର୍ମ ଗେଟ ଖୋଲା ଅଛି। ମେଣ୍ଢାଗୁଡ଼ିକ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏଣେତେଣେ ଚିତ୍କାର କରୁଛନ୍ତି। ଏହା ପରେ ସେ ସବୁ ମେଣ୍ଢାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ୮ ତାରିଖରେ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୯/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ ବୋଲି ଏଏସ୍ଆଇ ସନାତନ ବେହେରା ସୂଚନା ଦେଇଛନ୍ତି।



ଫାର୍ମରେ ପୋଡ଼ିଯାଇଥିବା ମେଣ୍ଢା।

ତସଲିମ ଘଟଣାର ତଦନ୍ତ ଦାବି କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳୁ ବୋଲି କହିଛନ୍ତି। ଫାର୍ମଟି ଝାଲପଡ଼ା ମୌଜା ଅଧୀନରେ ଯାଉଥିବାରୁ ସେଠାକାର ଆର୍ଆଇ ଆସି ଘଟଣାସ୍ଥଳ ବୁଲି ଫେରିଯାଇଛନ୍ତି। ଅନ୍ୟପଟେ ଗୋଟିଏ ପରେ ଗୋଟିଏ ମେଣ୍ଢା ଛଟପଟ ହୋଇ ମରିଯାଉଥିବା ଦେଖିବାକୁ ମିଳୁଛି। ଆହୁରି ଅନେକ ମେଣ୍ଢା ମରିବା ନେଇ ଆଶଙ୍କା କରାଯାଉଛି। ଘଟଣାର ଶୀଘ୍ର ତଦନ୍ତ ସାରିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେଇଛି। ସେକ ତସଲିମ ଏକ ଟ୍ରଷ୍ଟରେ ସାମାଜିକ କର୍ମୀ ଭାବେ କାମ କରନ୍ତି। ତାଙ୍କର କେହି ଶତ୍ରୁ ଏଭଳି ଘଟଣା ଘଟାଇଥିବା କୁହାଯାଉଥିବାବେଳେ ସେ କାହା କିନ୍ତୁ କାହା ଉପରେ ସନ୍ଦେହ କରି ପାରୁନାହାନ୍ତି। ତସଲିମଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳ ଲୋକେ ଦାବି କରିଛନ୍ତି।

# ସେମିରେ କେନ୍ଦ୍ରାପଡ଼ା

**ସର୍ବଭାରତୀୟ ସତ୍ୟସାଇ କ୍ରିକେଟ**

**ବ୍ରହ୍ମବରଦା,୧୪।୧୨ (ଯଯାତି କେଶରୀ ବେହେରା):** ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ୪୦ତମ ସର୍ବଭାରତୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ଅଶଂଷାଳ କ୍ରିକେଟ କ୍ଲବ୍ କୋଲକାତାକୁ ହରାଇ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ୍ କେନ୍ଦ୍ରାପଡ଼ା ସେମି ଫାଇନାଲରେ ପ୍ରବେଶ କରିଛି।

ଅଶଂଷାଳ କ୍ରିକେଟ କ୍ଲବ୍ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କିଷ୍ଟା କୁମାର ୪୨ ରନ କରିଥିବାବେଳେ ବିପକ୍ଷ ଦଳର ବୋଲର ଏମାନ ଅଲ୍ଲୀ ୫ ଓଭର ବୋଲିଂ କରି ୧୫ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ୍ ୧୭ ଓଭର ଖେଳି ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ତରଫରୁ ଶୁଭମ ତ୍ରିପାଠୀ ୪୦ରନ କରି ଅପରାଜିତ ରହିଥିଲେ। ଅଶଂଷାଳ କ୍ରିକେଟ କ୍ଲବ୍ ତରଫରୁ ଅଶୋକ କୁମାର ୪ ଓଭର ବୋଲିଂ କରି ୩୦ ରନ ବିନିମୟରେ ୨ ଉଇକେଟ ହାସଲ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଏମାନ ଅଲ୍ଲୀଙ୍କୁ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ନରସଂହପୁର ସରପଞ୍ଚ ପ୍ରଭାତ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଅଲ୍ଲୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଶରତ ଚନ୍ଦ୍ର ଜେନା ଓ ଜ୍ଞାନରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ଅରୁଣ ପତି, ଶ୍ରଦ୍ଧାସୁମନ ସାହୁ, ପ୍ରିୟନାଥ ରାଉତ, ସ୍କୋରର ଭାବେ ରୋସନ ସାହୁ, ରବିନାରାୟଣ ସେଠୀ ଓ ଚିନ୍ମୟ ଦଳାଇ କାର୍ଯ୍ୟଭାର ତୁଲାଇଥିଲେ। ସତ୍ୟସାଇ କ୍ରିକେଟ ଟିମର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ଯାଜପୁର ସହିତ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବ୍ ସଭାପତି ପ୍ରିୟନାଥ ରାଉତ ସୂଚନା ଦେଇଛନ୍ତି।

# ବିଜେଡିର ପ୍ରଶିକ୍ଷଣ ଶିବିର

**ଝୁମ୍ପୁରୀ,୧୪।୧୨(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଅଧୀନ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ୧୫ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଶିବିରରେ ଯୋଗଦେଇଥିଲେ। ଜିଲା ବିଜେଡି ଉପସଭାପତି ପ୍ରଦୀପ କୁମାର ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେଡି ପ୍ରଶିକ୍ଷକ ମିହିର ରାୟ ଓ ସୌମ୍ୟରଞ୍ଜନ ମହାପାତ୍ର ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଦଳରେ ଏକତା, ଶୃଙ୍ଖଳା ରକ୍ଷା, ନମ୍ର ସ୍ୱଭାବର ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ରାଜ୍ୟର ବିକାଶରେ ବିଜେଡି ସରକାରଙ୍କ ସଫଳତାକୁ ଆହୁରି ଅଧିକ କେମିତି ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେଥିନିମନ୍ତେ କର୍ମକର୍ତ୍ତା ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ପ୍ରଶିକ୍ଷକଦ୍ୱୟ ପରାମର୍ଶ ଦେଇଥିଲେ। ଶିବିରରେ ବ୍ଲକ୍ ଉପାଧକ୍ଷା ଝିଲି ମଲ୍ଲିକ, ବରିଷ୍ଠ ନେତା ଭାଗିରଥି ସାହୁ, ଚିତ୍ତରଞ୍ଜନ ନାୟକ, ମହେଶ୍ୱର ଜେନା, ମନୋରଞ୍ଜନ ଦାସ, ପ୍ରଭାତ ଚନ୍ଦ୍ର ଦାସ, ଦୀପକ ବାରିକ, ବିଜୟ କୁମାର ପାତ୍ର, ବିରଜା ମଲ୍ଲିକ, ଚିନ୍ମୟ କୁମାର ମାହୁନ୍ତ, ପ୍ରିୟବ୍ରତ ବିଶ୍ୱାଳ, ଗୋଲକ ବେହୁରିଆ ଓ ହିମାଂଶୁ ପରିଡ଼ା ପ୍ରମୁଖଙ୍କ ସହ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ପ୍ରଶିକ୍ଷଣରେ ସାମିଲ ହୋଇଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

**କଳିଙ୍ଗନଗର,୧୪।୧୨୩(ଶୁଭାଶିଷ ରାଉତ):** ସୁକିନ୍ଦା ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରି ୨ ଦେଶୀ ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଅଂଳାଝରୀ ଗ୍ରାମର କାଠିଆ ପାତ୍ର ଓ ପ୍ରକାଶ ସ୍ୱାଇଁ। ସେମାନଙ୍କଠାରୁ ୨୯ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ ହୋଇଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମ ନିକଟରୁ ସାମଗ୍ରୀ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ନଂ.୧୩୮/୨୩ ଓ ୧୩୯/୨୩ରେ ଦୁଇଟି ମାମଲା ରୁଜୁ ହୋଇଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ବିଞ୍ଝାରପୁର,୧୪।୧୨(ରାମକୃଷ୍ଣ ଦାସ):** ଯୁବ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ଶୟଦପୁରସ୍ଥିତ ବ୍ରଜସୁନ୍ଦର ଜୁନିୟର କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ସ୍ଥାନୀୟ ସାଇ ମନ୍ଦିର ପ୍ରାଙ୍ଗଣରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ରଜସୁନ୍ଦର ଜୁନିୟର କଲେଜର ପୂର୍ବତନ ଅଧକ୍ଷ ଉମାକାନ୍ତ ସାମଲ, ଗ୍ରନ୍ଥକାର ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ତାରାରୋପଣ ସହ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା, ବାଲ୍ୟ ବିବାହକୁ ବିରୋଧ କରିବା, ଯୌତୁକ ପ୍ରଥାକୁ ବିରୋଧ କରିବା ପାଇଁ ସଂକଳ୍ପ ନେବାକୁ ବକ୍ତା ଆହ୍ୱାନ ଜଣାଇଥିଲେ। ଉପରୋକ୍ତ ସମାସ୍ୟାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପୋଷ୍ଟାଲ କର୍ମଚାରୀଙ୍କ ଧାରଣା

**ଧର୍ମଶାଳା,୧୪।୧୨ (ବଟକୃଷ୍ଣ ପରିଡ଼ା ):** ଅଲ୍ ଇଣ୍ଡିଆ ଗ୍ରାମୀଣ ଡାକ ସେବା ୟୁନିୟନ ଓ ନ୍ୟାଶନାଲ ୟୁନିୟନ ଅଫ୍ ଗ୍ରାମୀଣ ଡାକ ସେବା ଡାକରାରେ ୧୦ ଦଫା ଦାବି ନେଇ ଧର୍ମଶାଳା ସବ୍‌ପୋଷ୍ଟ ଅଫିସ ଶାଖା ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଧର୍ମଶାଳା ସବ୍‌ପୋଷ୍ଟ ଅଫିସ ସମେତ ଏହା ଅଧୀନରେ ଥିବା ୧୩ ଶାଖା ପୋଷ୍ଟ ଅଫିସ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି। ପୋଷ୍ଟାଲ କର୍ମଚାରୀଙ୍କୁ ସମସ୍ତ ସରକାରୀ ସୁବିଧା, ପେନସନ, ପରିବାର ଲୋକଙ୍କ ପାଇଁ ମେଡିକାଲ ସୁବିଧା ସହ ସମସ୍ତ ଶାଖାକୁ ବ୍ରଡବ୍ୟାଣ୍ଡ ସମେତ କମ୍ପ୍ୟୁଟର କରଣ ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ୟୁନିୟନର ଡିଭିଜନାଲ ପ୍ରେସିଡେଣ୍ଟ ଧନେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଏହି ଧାରଣାରେ ଅନନ୍ତ ଚରଣ ସାହୁ, ସୁବାସ ଦାସ, ଗୁଲାମ ରସୁଲ ଖାଁ, ଚକ୍ରଧର ବେହେରା, ସୌଗତ ଶୁଭଙ୍କର ସ୍ୱାଇଁ, ସୁଶ୍ରୀ ବିଶ୍ୱାଳ, ସୁଦ୍ଧା ସଂଜୀବନୀ, ବିନୁଲତା ଶାନ୍ତି, ମଧୁସ୍ମିତା ସର, କୁଳମଣି ରାଉତ, କୁଞ୍ଜବିହାରୀ ରାୟ, ସନ୍ତୋଷ ଶତପଥୀ, କୃଷ୍ଣଚନ୍ଦ୍ର ମାଝି ଓ ରିନୁଲତା ତରାଇ ଯୋଗଦାନ କରିଥିଲେ।

### ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

**ଧର୍ମଶାଳା,୧୪।୧୨(ବଟକୃଷ୍ଣ ପରିଡ଼ା):** ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଗୁରୁବାର ଧର୍ମଶାଳା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିରେ ଶହଶହ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଧର୍ମଶାଳା ହାଟ ପଡ଼ିଆରୁ ଦଳର ନେତୃମଣ୍ଡଳୀ, ପ୍ରମୁଖ କାର୍ଯ୍ୟକର୍ତ୍ତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଭାଜପା ସମ୍ପାଦକ ପୃଥ୍ୱୀରାଜ୍ ହରିଚନ୍ଦନ, ଜିଲା ପ୍ରଭାରୀ ଶାରଦା ପ୍ରସନ୍ନ ଶତପଥୀ, ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ଓ ସର୍ବେଶ୍ୱର ବେହୁରା ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୋରେଇ,୧୪।୧୨(ଚନ୍ଦ୍ରକାନ୍ତ ପତି):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲା ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅଧକ୍ଷ ପର୍ଶୁରାମ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଯୋଗଦେଇ ପିଲାଙ୍କ ମଧ୍ୟରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା କ୍ଷେତ୍ରରେ ଥିବା ପ୍ରତିଭାକୁ ଦକ୍ଷତାର ସହିତ ପ୍ରତିପାଦିତ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବା ପାଇଁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଏକ ପ୍ରୟାସ ବୋଲି କହିଥିଲେ।

କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ କପିଳେନ୍ଦ୍ର ମାଝି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ ମଥୁରେନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥି କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ଜୟନ୍ତୀ ରାଉତ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ମଳୟ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ବେହେରା, ବରିଷ୍ଠ ସଭ୍ୟ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଏକକ ନୃତ୍ୟ, ଦ୍ୱୈତନୃତ୍ୟ, ଦଳଗତ ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତାରେ ସମୂହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ନିର୍ମଳ ରଞ୍ଜନ ସାହୁ, ପୀତାମ୍ବର ବେହେରା, ପବିତ୍ର କୁମାର ସାହୁ, ଅଧ୍ୟାପିକା ଡ. ସ୍ୱପ୍ନାମାନସୀ ପୃଷ୍ଟି ଓ ସୁମିତ୍ରା ସ୍ୱାଇଁ ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ଅଧ୍ୟାପକ ଉପେନ୍ଦ୍ର କୁମାର ନାୟକ, ବସନ୍ତ କୁମାର ସାହୁ, ଅଶୋକ କୁମାର ନାୟକ, ଜୟନ୍ତୀ କୁମାର ମଲ୍ଲିକ, ନିଳମଣି ମଲ୍ଲିକ, ଅଭୟ କୁମାର ବେହୁରା, ନାରାୟଣ ବାରିକ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଅଧ୍ୟାପକ କପିଳେନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।


**GOVT. OF ODISHA, "e" PROCUREMENT NOTICE**
**Bid Identification No.S.E. PKL (R&B)-29/2023-24**
E-mail address- eepwd.pkl@rediffmail.com

No.B-1442:- **Tender Call Notice**

| | | | |
|---|---|---|---|
| 1 | Name of the work | : | Building work |
| 2 | Numbers of work | : | 1 (One) |
| 3 | Estimated cost | : | Rs.52.00 Lakh (Approx.) |
| 4 | Period of completion | : | 3 (Three) calendar months |
| 5 | Date & time of availability of bid document in the portal | : | From 11.00 A.M. of dt.17.12.2023 to 05.00 P.M. of dt.04.01.2024 |
| 6 | Last date / time for receipt of bids in the portal | : | 05.00 P.M. of dt.04.01.2024 |
| 7 | Date of opening of bid | : | 11.30 A.M. of dt.05.01.2024 |
| 8 | Name and address of the officer inviting bid | : | Superintending Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in

Sd./-Superintending Engineer, Panikoili (R&B) Division
OIPR-34067/11/0027/2324

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5181

**BOARD OF REVENUE, ODISHA, CUTTACK**
No. VII(A)-18/2023-6238/M.B.(Niz.) Dated: 13.12.2023
**QUOTATION / TENDER CALL NOTICE**
Quotations/Tenders are invited for supply of one Maruti Dzire vehicle on hiring basis for official use by the Financial Advisor, Board of Revenue, Odisha.
2. The details of the tender may be collected from this office.
3. The last date of submission of tender is 27.12.2023 by 1.00 P.M. The tender shall be opened on 27.12.2023 at 4.00 P.M.

Sd./- Secretary

**GOVERNOR'S SECRETARIAT**
**(HOUSEHOLD SECTION)**
**RAJ BHAVAN, BHUBANESWAR-751008**
**URGENT QUOTATION CALL NOTICE**
**No.GOV-HH-RIV-0032-2023 336/SG(HH) dated the 13th Dec., 2023**
No.YY- Sealed quotations in respect of the items / articles (as per the details given in Detailed Quotation Call Notice) in official letter pad are invited from the interested Registered Firms/ Authorized Distributors / Authorized Stockiest / Authorized Dealers located at Bhubaneswar and Cuttack having valid PAN Card and GSTIN or Manufacturers for supply of the articles like crockery, cutlery, glassware, kitchenware, kitchen appliances etc. to Raj Bhavan, Odisha, Bhubaneswar.
The details of this quotation call notice is available in the website http://www.rajbhavanodisha.gov.in

Sd./- Comptroller, Governor's Household
OIPR-12116/11/0009/2324

**ବିଜ୍ଞାପନ**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା**

ନଂ. ୫୦୧୩ ତା: ୧୪।୧୨।୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା, ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟରତ ଗୋମିତ୍ରମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର.ସଂ. | ବର୍ଗ | ସିଧା ସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | SC (ଅନୁସୂଚିତ ଜାତି) | | | |
| ୨) | ST (ଅନୁସୂଚିତ ଜନଜାତି) | ୦୫ | ୦୩ | ୦୮ |
| ୩) | Unreserve (ଅଣ ସଂରକ୍ଷିତ) | ୦୨ | ୦୧ | ୦୩ |
| | ମୋଟ୍ | ୦୭ | ୦୪ | ୧୧ |

ଉକ୍ତ ବର୍ଗ ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୧ ଗୋଟି ପଦବୀ ପୂରଣ କରାଯିବ। ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ତା୨୨।୧୨।୨୦୨୩ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଆବେଦନ କରିବା ଆବଶ୍ୟକ। ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

**(୧) ଯୋଗ୍ୟତା:**
କ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ବିଦ୍ୟାଳୟରୁ ମଧ ଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀର କ୍ରମାଗତ ଭାବେ ୩(ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ଓ ଜିଲ୍ଲା ସ୍ଥାୟୀ ବାସିନ୍ଦା ହୋଇଥିବେ।
ଘ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଆ କହି ପାରୁଥିବେ, ପଢ଼ି ପାରୁଥିବେ ଓ ଲେଖି ପାରୁଥିବେ।
ଙ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ।
ଚ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଏକାଧିକ ଜୀବିତ ସ୍ତ୍ରୀ/ସ୍ୱାମୀ ନ ଥିବେ।
ଛ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ୧୮ବର୍ଷରୁ କମ୍ ଏବଂ ୫୫ବର୍ଷରୁ ଉର୍ଦ୍ଧ୍ୱ (୦୧।୦୧।୨୦୨୩ ସୁଦ୍ଧା) ହୋଇ ନଥିବା ଆବଶ୍ୟକ।
ଜ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ ନିୟୋଜିତ ହେବା ପାଇଁ ନିଜର ସହମତି/ସ୍ୱୀକୃତି ଦେଇ ପାରିବେ।

**(୨) ଶାରୀରିକ ଦକ୍ଷତା:**
କ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ। ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସି ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ସର୍ତ୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁ ନ ଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିବେ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚଫୁଟ)ରୁ କମ୍ ହୋଇ ନ ଥିବ। କେବଳ ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସମ୍ପ୍ରସାରିତ ଛାତି ମାପ ୩୦'' (ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ।

**(୩) ଚୟନ ପ୍ରକ୍ରିୟା:**
କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରୀରିକ ଦକ୍ଷତା ପରୀକ୍ଷା ଦ୍ୱାରା ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ।
ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥିନୀ ନ ମିଳନ୍ତି, ତା'ହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ କରାଯିବ।
ଗ) ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ମାଧ୍ୟମରେ (Speed Post ବା Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ "ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ" ଉଲ୍ଲେଖ କରିବା ଆବଶ୍ୟକ।
ପ୍ରକାଶ ଥାଉକି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ସଂରକ୍ଷିତ ରହିଅଛି।

ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड़**
email :- eercdpakur-jhr@nic.in, Phone & Fax No. 06435-220592

**अल्पकालीन ई0-प्रोक्यूरमेन्ट सूचना**
निविदा सूचना सं0- RCD /PAKUR/941/2023-24 दिनांक : 12.12.2023

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत तलवा-डुमरघट्टी पथ के कि0मी0 0.00 से 22.528 कि0मी0 तक (कुल लंबाई-22.528 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। (योजना मद) वित्तीय वर्ष 2023-24 |
| 2. | प्राक्कलित राशि (रू0) | रू0 15,90,28,872/-(रू0 पंद्रह करोड़ नब्बे लाख अठाइस हजार आठ सौ बहत्तर मात्र) |
| 3. | कार्य पूर्ण करने की अवधि | 06 (छः) माह |
| 4. | ई0-निविदा प्राप्त करने की अंतिम तिथि एवं समय | 29.12.2023 के पूर्वाह्न 12.00 बजे तक |
| 5. | ई0-निविदा का बेबसाईट पर प्रकाशन की तिथि एवं समय | 15.12.2023 के पूर्वाह्न 10.30 बजे से |
| 6. | ई0-निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई-प्रोक्यूरमेन्ट अधिकारी का सम्पर्क नं0 | 06435-220592 |
| 8. | ई-प्रोक्यूरमेन्ट सेल का सम्पर्क सहायता नम्बर | 0651-2401010 |

विशेष जानकारी http://jharkhandtenders.gov.in पर देखी जा सकती है।

कार्यपालक अभियंता,
पथ प्रमण्डल, पाकुड़

PR 313405 Road(23-24)#D

**ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ**

ଡେରାବିଶ,(ବେବର୍ତ୍ତା ଅଜୟ ଦାସ) : ଡେରାବିଶ ତହସିଲ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗାଁରେ ଗୁରୁବାର ଅଗ୍ନିକାଣ୍ଡରେ ସୂର୍ଯ୍ୟକାନ୍ତ ନାୟକଙ୍କ ୨ବଖରା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ମଧ୍ୟାହ୍ନରେ ଆକସ୍ମିକ ଘରେ ନିଆଁ ଲାଗି ନାୟକଙ୍କ ୨ବଖରା ଜଳିବାକୁ ଲାଗିଥିଲା। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଫୋନ କରିବା ସହ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ପରେ ନିଶ୍ଚିନ୍ତକୋଇଲି ଓ ଡେରାବିଶରୁ ଅଗ୍ନିଶମ କର୍ମଚାରୀ ଆସି ଆସି ନିଆଁକୁ ଆୟତ କରିଥିଲେ। ଘରେ ସମସ୍ତ ଆସବାବପତ୍ର ଓ ଖାଦ୍ୟଶସ୍ୟ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି।

## ୧୮ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ରାଜନଗର ଗସ୍ତ

ରାଜନଗର, ୧୪।୧୨ (ଭାସ୍କର ରାଉତରାୟ)

ଆମ ଓଡ଼ିଶା ନବୀନ ଓଡ଼ିଶା ଓ ୫–ଟିର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୧୮ ତାରିଖରେ ରାଜନଗର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ବିଜେଡିରେ ଯୋଗଦେବା ପରେ ପାଣ୍ଡିଆନ ପ୍ରଥମଥର ପାଇଁ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସୁଛନ୍ତି। ୧୮ ତାରିଖ ଅପରାହ୍ନରେ ସେ ରାଜନଗରର କେରେଡାଗଡ଼ଠାରେ ପହଁଚିବେ। ସେଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ କେରେଡାଗଡ–ଏକମାଣିଆ ସେତୁ କାର୍ଯ୍ୟର ସମୀକ୍ଷା କରିବେ। ପରେ କେରେଡାଗଡ଼ଠାରେ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ପାଣ୍ଡିଆନଙ୍କ ରାଜନଗର ନିର୍ବାଚନମଣ୍ଡଳୀ ଗସ୍ତକୁ ସଫଳ କରିବାକୁ ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ବ୍ଲକର ମହିଁଷାସୁରଠାରେ ବ୍ଲକ ବିଜେଡି ସଭାପତି ନରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବାରିକ, ବ୍ଲକ ବିଜେଡି ଉପସଭାପତି ରମେଶ ଚନ୍ଦ୍ର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ବ୍ଲକ ମିଡିଆ ସଂଯୋଜକ ବିଜ୍ଞାନ ରଞ୍ଜନ ଜେନା, ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ମତ ରଖିଥିଲେ।

## ସ୍ପିଡ୍ ବୋଟ୍ ଅଚଳ: ମତ୍ସ୍ୟ ବିଭାଗ ପାଟ୍ରୋଲିଂ କରୁନାହିଁ

ପାରାଦୀପ, ୧୪।୧୨ (ଶରତ ରାଉତ)

- କଇଁଛ କଟକଣାକୁ ଦେଢ଼ମାସ ବିତିଲା
- ୩ କର୍ମଚାରୀ ଦରମା ନେଇ ଅଚଳ ବୋଟ୍‌କୁ ଜଗୁଛନ୍ତି



ମାଛଧରା ବନ୍ଦରରେ ରହିଥିବା ଅଚଳ ଏମ୍ଏଲ୍‌ସି ହର୍ସ ବୋଟ୍।

ଓଡ଼ିଶାର ପୂର୍ବ ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଲାଗୁ କରାଯାଇଛି। ଏହି ସମୟରେ କୌଣସି ମତ୍ସ୍ୟଜୀବୀ କିମ୍ବା ମାଛଧରା ବୋଟ୍ କଇଁଛ କଟକଣା ଅଞ୍ଚଳରେ ମାଛ ଧରିଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମତ୍ସ୍ୟ ବିଭାଗ, ବନ ବିଭାଗ ଓ କୋଷ୍ଟଗାର୍ଡ ହାତରେ କ୍ଷମତା ରହିଛି। ଏହି ୩ ବିଭାଗ ସମୁଦ୍ରରେ ପାଟ୍ରୋଲିଂ କରିବା କଥା। କିନ୍ତୁ ପାରାଦୀପ ମତ୍ସ୍ୟ ବିଭାଗ (ସାମୁଦ୍ରିକ) ଏ ପର୍ଯ୍ୟନ୍ତ ସମୁଦ୍ରରେ ପାଟ୍ରୋଲିଂ କରିନାହିଁ। ଆଗକୁ କରିବ କି ନାହିଁ ତାହା ମଧ ଅସ୍ପଷ୍ଟ ରହିଛି। କାରଣ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କରଙ୍କୁ ପଚାରିଲେ କୁହନ୍ତି, ଆମ ପାଖରେ ପାଟ୍ରୋଲିଂ ବୋଟ୍ ନାହିଁ। ଯେଉଁ ଏମ୍ଏଲ୍‌ସି ହର୍ସ ବୋଟ୍ ଥିଲା, ତାହା ୨୦୨୧ରୁ ଅଚଳ ଅବସ୍ଥାରେ ଅଛି। କୌଣସି ଭଡ଼ା ବୋଟ୍ ନେଇ ପାଟ୍ରୋଲିଂ କରିବାକୁ ବଜେଟ ନାହିଁ। ଉଚ୍ଚପଦସ୍ଥ ଅଧିକାରୀମାନେ ବଜେଟ ଓ ସ୍ୱୀକୃତି ଦେବା ପରେ ଯାଇ ଯାହା କିଛି ହେବ। ଏବେ କୋଷ୍ଟଗାର୍ଡ ଓ ରାଜନଗର ବନ ବିଭାଗ ପାଟ୍ରୋଲିଂ କରୁଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ, ପାରାଦୀପ ମତ୍ସ୍ୟ ବିଭାଗ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୨୦୦୭ ସେପ୍ଟେମ୍ବର ୨୫ରେ ଏକ ପାଟ୍ରୋଲିଂ ବୋଟ୍ ସି ହର୍ସ ଆଣିଥିଲେ। ସେତେବେଳେ ଏହାକୁ ପରିଚାଳନା ପାଇଁ ୬ ଜଣ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଥିଲେ। ଉକ୍ତ ବୋଟ୍ ୨୦୧୬ରୁ ଅଚଳ ରହିଛି। ଏ ସମ୍ପର୍କରେ ଜନସୂଚନା ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। ସେଥିରେ ମତ୍ସ୍ୟ ଅଧିକାରୀ କର ସୂଚନା ଦେଇଛନ୍ତି, ସି ହର୍ସ ସମୁଦାୟ ୨୩୨୬ ଘଣ୍ଟା ପାଟ୍ରୋଲିଂ କରିଛି। ୨୦୧୬ରୁ ୨୦୨୨ ମଧ୍ୟରେ ୩ଥର ମରାମତି ହୋଇଛି। ଏଥିପାଇଁ ୨୧୮୬୩୬୯ ଟଙ୍କା ଖର୍ଚ୍ଚ ହୋଇଛି। ଏହାସତ୍ତ୍ୱେ ସେହି ବୋଟକୁ ଅଚଳ ଘୋଷଣା କରାଯାଇଛି। ନିଯୁକ୍ତି ପାଇଥିବା ୬ ଜଣ କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଅବସର ନେଇ ସାରିଲେଣି। ଅବଶିଷ୍ଟ ୩ ଜଣ ଏବେ ସେହି ବୋଟକୁ ଜଗିବା କାମରେ ଅଛନ୍ତି।

## ଜାତୀୟ ଜୁଡୋ ଟିମ୍‌ରେ ପାରାଦୀପର ଅନୁଦୀପ୍ତି



କେରଳ ଅଭିମୁଖେ ବାହାରିଥିବା ଜୁଡ଼ୋ ଟିମ୍‌ର ଖେଳାଳି ଓ ଅନ୍ୟ ସଦସ୍ୟମାନେ।

ପାରାଦୀପ, ୧୪।୧୨ (ଶରତ ରାଉତ)

କେରଳରେ ଶୁକ୍ରବାରଠାରୁ ଜାତୀୟ ସବ୍ ଜୁନିଅର ଜୁଡୋ ଚାମ୍ପିୟନଶିପ ଆରମ୍ଭ ହେବ। ଏଥିରେ ଓଡିଶା ଟିମ୍‌ରେ ପାରାଦୀପର ଛାତ୍ରୀ ଅନୁଦୀପ୍ତି ପଣ୍ଡା ସାମିଲ ହୋଇ ଗୁରୁବାର କେରଳ ଅଭିମୁଖେ ଯାଇଛନ୍ତି। ସେଠାରେ ୫୭ କେଜି ବର୍ଗରେ ସେ ଖେଳିବେ ବୋଲି କୋଚ ଲୋପାମୁଦ୍ରା ପତି ସୂଚନା ଦେଇଛନ୍ତି। ଅନୁଦିପ୍ତୀ ହେଲେ ବନ୍ଦର କର୍ମଚାରୀ ପ୍ରଭାତ କୁମାର ପଣ୍ଡାଙ୍କ ଝିଅ। ସେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ ଜରିଆରେ ଅଭ୍ୟାସ କରୁଥିଲେ। କ୍ରୀଡ଼ା ସଂସଦ ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଡି ଏନ୍ ସୋନ୍ଧି, ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲା ଜୁଡୋ ସଂଘ ସଭାପତି ବାପି ସର୍ଖେଲ, ଜୁଡୋ ସଂଘ ରାଜ୍ୟ ସିଇଓ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଅନୁଦୀପ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଅଗ୍ନିଶମ କର୍ମଚାରୀ କଳାବ୍ୟାଜ ପିନ୍ଧି କାର୍ଯ୍ୟ କଲେ

କେନ୍ଦ୍ରାପଡ଼ା, ୧୪।୧୨ (ଜଗନ୍ନାଥ ଧଳ)




କେନ୍ଦ୍ରାପଡ଼ା ଜିଲାର ଓଡ଼ିଶା ଅଗ୍ନିଶମ ସେବା କର୍ମଚାରୀ ୨ ଦଫା ଦାବି ପୂରଣ ଲାଗି ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। କର୍ମଚାରୀମାନେ ଦାବି କରିଛନ୍ତି ଯେ, ପୋଲିସ ବିଭାଗର ହାବିଲଦାର, କନେଷ୍ଟବଲଙ୍କ ପରି ସମାନ ପରୀକ୍ଷା ଦେଇ ଆଗ୍ନିକ ଭାବେ ନିଯୁକ୍ତି ପାଇଥିଲେ ମଧ ସେମାନଙ୍କ ଦରମାରେ ତାରତମ୍ୟ ରହିଛି। ୨୦୧୦ରୁ ଓଡ଼ିଶା ପୋଲିସ କନଷ୍ଟେବଲ ଓ ହାବିଲଦାର ପାଉଥିବା ଦରମା ସହ ମୁଖ୍ୟ ଆଗ୍ନିକ, ଆଗ୍ନିକଙ୍କ ବେତନ ସମାନ ଥିଲା। ଏହା ପରଠାରୁ ଦରମାରେ ଅସଙ୍ଗତି ହେବା ଆରମ୍ଭ ହୋଇଥିଲା। ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ସେହିପରି ମୁଖ୍ୟ ଆଗ୍ନିକ ଓ ଆଗ୍ନିକ ସଂଘ ୧୯୮୦ରୁ ଗଠିତ ହୋଇ ସେମାନଙ୍କ ଦାବି ଉପସ୍ଥାପନ କରି ଆସୁଥିଲେ ମଧ ୨୦୧୪ ମସିହା ପରଠାରୁ ସଂଘକୁ ଅକାମୀ କରିଦିଆଯାଇଛି। ଫଳରେ କର୍ମଚାରୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରିପାରୁନାହାନ୍ତି। ଓଡ଼ିଶା ପୋଲିସ କର୍ମଚାରୀଙ୍କ ଭଳି ସମାନ ଦରମା ଓ ସଂଘକୁ କାର୍ଯ୍ୟକ୍ଷମ କରିବା ଦାବିରେ ୨୦୧୮ ମସିହାରେ ଅଗ୍ନିଶମ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। କର୍ମଚାରୀମାନଙ୍କ ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ତତ୍କାଳିନ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ୫ ବର୍ଷ ବିତିଯାଇଥିଲେ ମଧ ସେମାନଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କେନ୍ଦ୍ରାପଡ଼ା ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ କଳା ବ୍ୟାଜ ପିନ୍ଧି ଆନ୍ଦୋଳନ କରୁଥିବା କର୍ମଚାରୀମାନେ କହିଛନ୍ତି।

## ଟ୍ରଲର ଜବତ: ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୪।୧୨ (ଭାସ୍କର ରାଉତରାୟ)

ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଅଗରନାସୀ କୂଳରୁ ୧୦ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଓମ୍ ବାବା–୭ ନାମକ ଟ୍ରଲରକୁ ବନ ବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିବା ସହ ମତ୍ସ୍ୟଜୀବୀ ଅମର ମଲିକ, ରତିକାନ୍ତ ସିହ୍ନା, ରଞ୍ଜିତ ବେହେରା, ମୁନା ସାହା, ଏସ୍.କେ. ରଫିକ, ସମୟ ମାଝି, ବାପୁନୁ ଜେନା, ରୋହିମ ଖାନ, ଶିବ ଶଙ୍କର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ଗୋଟିଏ ଭିଏଚଏଫ, ଗୋଟିଏ ଜିପିଏସ୍, ୭ଟି ଟ୍ରଲିଂ ନେଟ ଓ ୫ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଏହି ଟ୍ରଲର ଜବତ କରିଛନ୍ତି।

## ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଦକ୍ଷତା ତାଲିମ ଶିବିର

ମାର୍ଶାଘାଇ, ୧୪।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ଗୁରୁବାର ମାର୍ଶାଘାଇ ବ୍ଲକ ପରିସରରେ ନିଯୁକ୍ତିଭିତ୍ତିକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଘନଶ୍ୟାମ ଶାହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ବିଡିଓ ରଶ୍ମିରେଖା ମଲ୍ଲିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଯୁବତୀଯୁବକମାନଙ୍କୁ ଅତିଥିମାନେ ଏହି ଦକ୍ଷତା ତାଲିମ ଉପରେ ବୁଝାଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୮ରୁ ୨୮ବର୍ଷର ୧୨୯ଜଣ ବେକାର ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୭୫ଜଣ ତାଲିମ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚୁକ୍ତିବଦ୍ଧ ହୋଇଥିବା ୯ଟି ସଂସ୍ଥା ୱାଜିର ସ୍କିଲ, ଶାହୀ ଏକ୍ସପର୍ଟ, ସିପେଟ, ସ୍କିଲ କନେକ୍ଟ, କେନ୍ଦ୍ରାପଡ଼ା ସରକାରୀ ପଲିଟେକନିକ, ଏଲଏଣ୍ଡଟି ଓ ଆକମେ ପ୍ରଭୃତିର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ମିଶନ ଶକ୍ତିର ବିପିଏମ୍ ବିକାଶ ମହାନ୍ତି, ଅନ୍ତେଇ ସରପଞ୍ଚ ସଞ୍ଜୟ ସେଠୀ, ଜୀବିକା ମିଶନର ବିଜ୍ଞାନ ସେନାପତି, ମିନାବାଳା ସ୍ୱାଇଁ, ଶୁଭଦର୍ଶନୀ ବାରିକ ସହାୟତା କରିଥିଲେ।

GOVT. OF ODISHA, "e" PROCUREMENT NOTICE
Bid Identification No.S.E. PKL (R&B)-29/2023-24
E-mail address- eepwd.pkl@rediffmail.com
No.B-1442:-
Tender Call Notice

| | | | |
|---|---|---|---|
| 1 | Name of the work | : | Building work |
| 2 | Numbers of work | : | 1 (One) |
| 3 | Estimated cost | : | Rs.52.00 Lakh (Approx.) |
| 4 | Period of completion | : | 3 (Three) calendar months |
| 5 | Date & time of availability of bid document in the portal | : | From 11.00 A.M. of dt.17.12.2023 to 05.00 P.M. of dt.04.01.2024 |
| 6 | Last date / time for receipt of bids in the portal | : | 05.00 P.M. of dt.04.01.2024 |
| 7 | Date of opening of bid | : | 11.30 A.M. of dt.05.01.2024 |
| 8 | Name and address of the officer inviting bid | : | Superintending Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in
Sd./-Superintending Engineer, Panikoili (R&B) Division
OIPR-34067/11/0027/2324

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5181

BOARD OF REVENUE, ODISHA, CUTTACK
No. VII(A)-18/2023-6238/M.B.(Niz.) Dated: 13.12.2023
QUOTATION / TENDER CALL NOTICE
Quotations/Tenders are invited for supply of one Maruti Dzire vehicle on hiring basis for official use by the Financial Advisor, Board of Revenue, Odisha.
2. The details of the tender may be collected from this office.
3. The last date of submission of tender is 27.12.2023 by 1.00 P.M. The tender shall be opened on 27.12.2023 at 4.00 P.M.
Sd./- Secretary

## ବ୍ରାହ୍ମଣୀ କଲେଜରେ ନୂଆ–ଓ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ ୧୪।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ ନୂଆ–ଓ ଯୁବ ଓଡ଼ିଆ ନବୀନ ଓଡ଼ିଶା ଯୋଜନାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କ୍ରୀଡା ପ୍ରତିଯୋଗିତା ଗୁରୁବାର ଆୟୋଜନ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ କଲେଜ ଅଧ୍ୟକ୍ଷ ପ୍ରଫେସର ସୁବାସ ଜେନା ଉଦ୍‌ଘାଟନ କରିଥିଲେ। ଆଇୱାଇଡିପି ସଂଯୋଜକ ଡ. ଚିନ୍ମୟ ପ୍ରଧାନ, ଅଧ୍ୟାପକ ନିରଞ୍ଜନ ବାରିକ, ନଟବର ସୁତାର, ଶୁଭେନ୍ଦୁ ବେଉରିଆ, ସତ୍ୟଜିତ ବେହେରା, ଗୌତମ ବେହେରା, ତାପସ ରାଉତଙ୍କ ନେତୃତ୍ୱରେ ଚେସ ବ୍ୟାଡ଼ମିଣ୍ଟନ, କବାଡି, ଭଲି, ଟେବୁଲ ଟେନିସ, ଖୋ ଖୋ, କ୍ରିକେଟ ପ୍ରତିଯୋଗିତା ହୋଇଥିଲା। ଏଥିରେ କଲେଜର ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗଗନ ଦାସ, କାଳନ୍ଦୀ ମଳିକ, ଭ୍ରମରବର ପ୍ରଧାନ, ଦୈତାରୀ ନାୟକ ଓ ସୁଧାକର ଦାସ ପରିଚାଳନା କରିଥିଲେ।

## ରାଜକୁମାରଙ୍କ ଚିକିତ୍ସା ପାଇଁ କେସିସିଏଲ ପକ୍ଷରୁ ସହାୟତା

ଆଳି, ୧୪।୧୨ (ବନମାଳୀ ସେନାପତି)



କେସିସିଏଲର ସଭାପତି ପ୍ରମୋଦ ସାହୁ ରାଜକୁମାରଙ୍କ ମା'ଙ୍କୁ ସହାୟତା ରାଶି ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଟିପଡ଼ା ପଞ୍ଚାୟତ ମହାଦେଇପାଟଣା ଗ୍ରାମର ଅଞ୍ଜନ ସାହୁଙ୍କ ପୁଅ ରାଜକୁମାର (୨୩) ବର୍ଷେ ହେବ ଫୁସ୍‌ଫୁସ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏ ନେଇ ଗୁରୁବାର କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି (କେସିସିଏଲ) ଆଳି ଶାଖା ପକ୍ଷରୁ ରାଜକୁମାରଙ୍କ ଚିକିତ୍ସା ନିମନ୍ତେ ୨୫ ହଜାର ଟଙ୍କା ସହଯୋଗ ରାଶି ପ୍ରଦାନ କରାଯାଇଛି। ରାଜକୁମାରଙ୍କ ବାପା ଜଣେ ସାଇକେଲ ମରାମତି ଦୋକାନୀ ହୋଇଥିବା ବେଳେ ପୁଅକୁ ଭଲ କରିବା ପାଇଁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଉଥିଲେ। ଦିଲ୍ଲୀ ଏମ୍ସ ରେଫର କରିବା ନିମନ୍ତେ ଭୁବନେଶ୍ୱର ଏମ୍ସ କହିବା ପରେ ଅଞ୍ଜନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା। ଏବେ ରାଜକୁମାର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। କେସିସିଏଲର ସଭାପତି ପ୍ରମୋଦ ସାହୁ ଅଞ୍ଜନଙ୍କ ପତ୍ନୀ ସୁଲୋଚନା ସାହୁଙ୍କୁ ଭେଟି ରାଜକୁମାରଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝି ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ। ଏହି ଅର୍ଥ ପ୍ରଦାନ ସମୟରେ ଆଳି ଶାଖା ପରିଚାଳକ ନଳିନୀକାନ୍ତ ପଡିହାରୀ, ଜମା ସଂଗ୍ରହକାରୀ ଦେବାଶିଷ ଦାସ, ବାଟିପଡା ସରପଞ୍ଚ ବିଜୟାଲକ୍ଷ୍ମୀ ସାହୁ, ୱାର୍ଡ ମେମ୍ବର ଲୀଳାବତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବିଜ୍ଞାପନ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା
ନଂ. ୫୦୧୩ ତା: ୧୪।୧୨।୨୦୨୩
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା, ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍–D) ପଦବୀ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟରତ ଗୋମିତ୍ରମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର.ସଂ. | ବର୍ଗ | ସିଧା ସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | SC (ଅନୁସୂଚିତ ଜାତି) | | | |
| ୨) | ST (ଅନୁସୂଚିତ ଜନଜାତି) | ୦୫ | ୦୩ | ୦୮ |
| ୩) | Unreserve (ଅଣ ସଂରକ୍ଷିତ) | ୦୨ | ୦୧ | ୦୩ |
| | ମୋଟ୍ | ୦୭ | ୦୪ | ୧୧ |

ଉକ୍ତ ବର୍ଗ ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୧ ଗୋଟି ପଦବୀ ପୂରଣ କରାଯିବ। ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ତା୨୨।୧୨।୨୦୨୩ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଆବେଦନ କରିବା ଆବଶ୍ୟକ। ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।
(୧) ଯୋଗ୍ୟତା:
କ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ବିଦ୍ୟାଳୟରୁ ମଧ ଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀର କ୍ରମାଗତ ଭାବେ ୩(ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ–ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ଓ ଜିଲ୍ଲା ସ୍ଥାୟୀ ବାସିନ୍ଦା ହୋଇଥିବେ।
ଘ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଆ କହି ପାରୁଥିବେ, ପଢ଼ି ପାରୁଥିବେ ଓ ଲେଖି ପାରୁଥିବେ।
ଙ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ।
ଚ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଏକାଧିକ ଜୀବିତ ସ୍ତ୍ରୀ/ସ୍ୱାମୀ ନ ଥିବେ।
ଛ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ୧୮ବର୍ଷରୁ କମ୍ ଏବଂ ୫୫ବର୍ଷରୁ ଉର୍ଦ୍ଧ୍ୱ (୦୧।୦୧।୨୦୨୩ ସୁଦ୍ଧା) ହୋଇ ନଥିବା ଆବଶ୍ୟକ।
ଜ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ ନିୟୋଜିତ ହେବା ପାଇଁ ନିଜର ସହମତି/ସ୍ୱୀକୃତି ଦେଇ ପାରିବେ।
(୨) ଶାରୀରିକ ଦକ୍ଷତା:
କ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ। ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସି ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ସର୍ତ୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁ ନ ଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିବେ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚଫୁଟ)ରୁ କମ୍ ହୋଇ ନ ଥିବ। କେବଳ ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସମ୍ପ୍ରସାରିତ ଛାତି ମାପ ୩୦'' (ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ।
(୩) ଚୟନ ପ୍ରକ୍ରିୟା:
କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରୀରିକ ଦକ୍ଷତା ପରୀକ୍ଷା ଦ୍ୱାରା ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ।
ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥିନୀ ନ ମିଳନ୍ତି, ତା'ହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ କରାଯିବ।
ଗ) ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ।
ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ମାଧ୍ୟମରେ (Speed Post ବା Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ ''ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ'' ଉଲ୍ଲେଖ କରିବା ଆବଶ୍ୟକ।
ପ୍ରକାଶ ଥାଉକି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ସଂରକ୍ଷିତ ରହିଅଛି।
ସ୍ୱା./– ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ

GOVERNOR'S SECRETARIAT
(HOUSEHOLD SECTION)
RAJ BHAVAN, BHUBANESWAR-751008
URGENT QUOTATION CALL NOTICE
No.GOV-HH-RIV-0032-2023 336/SG(HH) dated the 13th Dec., 2023
No.YY- Sealed quotations in respect of the items / articles (as per the details given in Detailed Quotation Call Notice) in official letter pad are invited from the interested Registered Firms/ Authorized Distributors / Authorized Stockiest / Authorized Dealers located at Bhubaneswar and Cuttack having valid PAN Card and GSTIN or Manufacturers for supply of the articles like crockery, cutlery, glassware, kitchenware, kitchen appliances etc. to Raj Bhavan, Odisha, Bhubaneswar.
The details of this quotation call notice is available in the website http://www.rajbhavanodisha.gov.in
Sd./- Comptroller, Governor's Household
OIPR-12116/11/0009/2324

कार्यपालक अभियंता का कार्यालय
पथ निर्माण विभाग, पथ प्रमंडल, पाकुड़
email :- eercdpakur-jhr@nic.in, Phone & Fax No. 06435-220592
अल्पकालीन ई0–प्रोक्यूरमेन्ट सूचना
निविदा सूचना सं0– RCD /PAKUR/941/2023-24 दिनांक : 12.12.2023

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत तलवा–डुमरघट्टी पथ के कि0मी0 0.00 से 22.528 कि0मी0 तक (कुल लंबाई–22.528 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। (योजना मद) वित्तीय वर्ष 2023–24 |
| 2. | प्राक्कलित राशि (रू0) | रू0 15,90,28,872/–(रू0 पंद्रह करोड़ नब्बे लाख अठाइस हजार आठ सौ बहत्तर मात्र) |
| 3. | कार्य पूर्ण करने की अवधि | 06 (छ:) माह |
| 4. | ई0–निविदा प्राप्त करने की अंतिम तिथि एवं समय | 29.12.2023 के पूर्वाह्न 12.00 बजे तक |
| 5. | ई0–निविदा का बेबसाईट पर प्रकाशन की तिथि एवं समय | 15.12.2023 के पूर्वाह्न 10.30 बजे से |
| 6. | ई0–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विशेष जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता, पथ प्रमण्डल, पाकुड़
PR 313405 Road(23-24)#D

# ବଦଳୁନି ଜଙ୍ଗଲ ରାସ୍ତାର ରୂପ



ଜଙ୍ଗଲ ଭିତର ରାସ୍ତା ।



ଜଙ୍ଗଲ ରାସ୍ତାରେ ମେଶିନ୍ ଦ୍ୱାରା କାମ ହେଉଛି ।

■ ପ୍ରତିବର୍ଷ ମାଟି ରାସ୍ତା ପାଇଁ ଖର୍ଚ୍ଚ ହେଉଛି ଅନୁଦାନ
■ କେଉଁ ଯୋଜନାରେ କାମ ହେଉଛି ତା'ର ସୂଚନା ନାହିଁ
■ ଆଦିବାସୀଙ୍କ ଅଭିଯୋଗକୁ ଶୁଣୁନି ବନବିଭାଗ

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜର ନୂଆପଲ୍ଲୀ ଠାରୁ ସାରଣ୍ଡା, ବୁଢ଼ିଝରି, ଆଙ୍ଗିସିଙ୍ଗି, କୋଶଲାଙ୍ଗ ଆଦି ଅଞ୍ଚଳକୁ ସାପୁଆ ଜଙ୍ଗଲ ଭିତରେ ରହିଥିବା ରାସ୍ତାର ରୂପ ବଦଳୁନି । କେତେବେଳେ ରାସ୍ତା ନିର୍ମାଣ ହେଉଛି ତ ଆଉ କେତେବେଳେ ମରାମତି ନାଁରେ ସରକାରୀ ଅନୁଦାନ ପ୍ରତିବର୍ଷ ଖର୍ଚ୍ଚ ଚାଲିଛି। ତେବେ କେଉଁ ଯୋଜନାରେ କାମ ହେଉଛି ସ୍ଥାନୀୟ ଆଦିବାସୀ ଜାଣି ପାରୁ ନାହାନ୍ତି। ରାସ୍ତାର କାମ ସମ୍ପର୍କରେ ସୂଚନା ଫଳକ ନ ଥିବାରୁ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ହୋଇ ଆସୁଛି । ଅଭିଯୋଗ କଲେ ଡିପାଟମେଣ୍ଟାଲି କାମ ହେଉଛି, କିଛି ଅସୁବିଧା ନାହିଁ କହି ବନ ବିଭାଗ ଫାଙ୍କି ଚାଲିଛି । ଏଭଳି ସ୍ଥଳେ ବନବିଭାଗ ଡିପାର୍ଟମେଣ୍ଟାଲି କରୁଥିବା ରାସ୍ତା କାମର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି ।

ଏନେଇ ସାରଣ୍ଡାର ଛାଟିଆ ପ୍ରଧାନ କୁହନ୍ତି, ସାପୁଆ ଜଙ୍ଗଲ ଭିତରେ ବନବିଭାଗର କାମ ସନ୍ତୋଷଜନକ ନୁହଁ। ଆଦିବାସୀଙ୍କ ଅଭିଯୋଗ ଚାପି ହୋଇ ରହୁଥିବାରୁ ଧିରେ ଧିରେ ପ୍ରତିବାଦ କମିବାରେ ଲାଗିଛି । ରାସ୍ତା ନିର୍ମାଣ ନାଁରେ ଡ୍ରେନର କିଛି ମାଟି କାଢ଼ି ରାସ୍ତାରେ ଛିଞ୍ଚି ଦେଇ କାମ କରି ବିଲ୍ କରାଇ ନେଉଛନ୍ତି । ରାସ୍ତା କାମରେ ଶ୍ରମିକ କାମ କରୁ ନାହାନ୍ତି । ସବୁ କାମ ଯନ୍ତ୍ର କରୁଛି । ଆମେ ଅଭିଯୋଗ କଲେ କହୁଛନ୍ତି ଡିପାର୍ଟମେଣ୍ଟାଲି କାମକୁ ବିରୋଧ କରିବା ଉଚିତ୍ ନୁହଁ । ସବୁ ଠିକ୍‌ଠାକ ଚାଲିଛି । ଅଭିଯୋଗ କଲେ କ'ଣ ରାସ୍ତାର ରୂପ ବଦଳିଯିବ, ବରଂ କିଛି କାମ ହେଉଛି ତାକୁ ସ୍ୱାଗତ କର କହି ବନବିଭାଗ ବୁଝାଇ ଚାଲିଛି । ସାରଣ୍ଡାର ଦୁର୍ଯ୍ୟୋଧନ ପ୍ରଧାନ କୁହନ୍ତି, ଆଦିବାସୀ ଲୋକ କିଛି ଜାଣୁ ନାହାନ୍ତି । ଜଙ୍ଗଲ ଭିତର ରାସ୍ତାରେ ଅଳ୍ପ କିଛି ମାଟି ପକାଇ ପୁରୁଣା ରାସ୍ତାକୁ ନୂଆ ଦେଖାଇ ବିଲ୍ କରାଯାଉଛି। ଅଭିଯୋଗ କଲେ କିଛି ସୁଫଳ ମିଳୁନି । ବଡ଼ଝାରର କାବୁଲା ମହାପାତ୍ର କୁହନ୍ତି, ପ୍ରତିବର୍ଷ ସାପୁଆ ଜଙ୍ଗଲ ଭିତରର ରାସ୍ତା ନିର୍ମାଣ ଚାଲିଛି । କ୍ଷତିପୂରଣ ଚାରା ରୋପଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ(କାମ୍ପା)ରେ ରାସ୍ତା କାମ ଡିପାର୍ଟମେଣ୍ଟାଲି ହେଉଛି ବୋଲି କୁହାଯାଉଛି। ତେବେ ରାସ୍ତା ପାର୍ଶ୍ୱରେ ସୂଚନା ଫଳକ ରହୁ ନାହିଁ। ଅପରପକ୍ଷେ ରାସ୍ତା କାମ ଠିକରେ ହେଉ କି ନ ହେଉ ଲୋକ ସେହି ରାସ୍ତାରେ ଯାତାୟତ କରିଥାନ୍ତି । ରାସ୍ତାର ରୂପ ବଦଳୁ ନ ଥିଲେ ମଧ୍ୟ ସରକାର ଅନୁଦାନ ଯୋଗାଇ ଚାଲିଛନ୍ତି । କାମ କେତେଦୂର ହେଉଛି ସେନେଇ ତଦାରଖ ଅଥବା ସମୀକ୍ଷା ଠିକରେ ହେଉ ନ ଥିବାରୁ ସୁଫଳ ମିଳୁନି। ଡିପାର୍ଟମେଣ୍ଟୋଲ କାମ କହି ଲୋକଙ୍କୁ ଭୁଆଁ ବୁଲା ଚାଲିଛି ।

ଏହି ରାସ୍ତା ଉପରେ ରୂପାପଲ୍ଲୀ, ସମ୍ବରବନ୍ଧା, ନୂଆପଲ୍ଲୀ, ସାରଣ୍ଡା, ବୁଢିଝାରୀ, ଉଦୟପୁର ପଞ୍ଚାୟତର କୋଶଳାଙ୍ଗ, ଆଙ୍ଗିସିଙ୍ଗି, ନଇତଇଲା, ଚକାପଥର ପରି ଆଦିବାସୀ ଗାଁ ଲୋକ ନିର୍ଭରଶୀଳ । ଜଙ୍ଗଲ ଭିତର କଥା ବାହାର ଦୁନିଆକୁ ଯାଇ ପାରୁନି। ସିଙ୍ଘାପଡାର ସୁବଳ ଚରଣ ପ୍ରଧାନ କୁହନ୍ତି, ନୂଆପଲ୍ଲୀଠାରୁ ଆଙ୍ଗିସିଙ୍ଗି ପର୍ଯ୍ୟନ୍ତ କାମ ଚାଲିଛି। କାମ ଠିକରେ ହେଉନି । ଯାହା ତଦନ୍ତସାପେକ୍ଷ । ଖଣ୍ଡପଡ଼ା ରେଞ୍ଜର ଉଦିତ ପ୍ରଧାନ କୁହନ୍ତି, ରାସ୍ତା କାମ ଠିକରେ ହେଉ ନ ଥିବାର ଅଭିଯୋଗ ମିଳି ନାହିଁ । ତେବେ ରାସ୍ତାକାମ ଠିକ୍‌ରେ ଚାଲିଛି । ରାସ୍ତା କାମରେ ଯନ୍ତ୍ର ଲଗାଇବାରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି ।

# ଲଡ଼ୁବାବାଙ୍କ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ

ଶରଣକୁଳ,୧୪।୧୨(ଦୀପକ କର)


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସେହି କାମ ପାଇଁ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହି ଅନୁଦାନରେ ମନ୍ଦିରର ନୂତନ ରୋଷଘର, ଆନନ୍ଦ ବଜାର, ବେଢ଼ା ପ୍ରାଚୀର, ପରିଶ୍ରାଗାର ଆଦି ନିର୍ମାଣ କରାଯିବ । ପାର୍ଶ୍ୱ ଦେବତାଙ୍କ ମନ୍ଦିର ପ୍ରତିଷ୍ଠା, ପ୍ରବେଶପଥ ଓ କବାଟରେ କାଂସ୍ୟ କାରୁକାର୍ଯ୍ୟ, କାଉଡ଼ିଆମାନଙ୍କ ପାଇଁ ବିଶ୍ରାମ କକ୍ଷ ନିର୍ମାଣ ହେବ । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲା ପରିଷଦ ସଭ୍ୟ ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିହାରୀ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ପଞ୍ଚିରିଡ଼ା ସରପଞ୍ଚ ସୌଭାଗିନୀ ସାହୁ, ହରିହରପୁର ସରପଞ୍ଚ ବିଳାସିନୀ ଦେଇ, ଗୋଲଗାଁ ସରପଞ୍ଚ ହଜାରୀ ଘଡ଼େଇ, କଜଲାଇପଲ୍ଲୀ ସରପଞ୍ଚ ପୂଜା ବରାଡ଼, ଆଙ୍ଗସିଙ୍ଗୀ ସରପଞ୍ଚ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ରଘୁନାଥ ମନ୍ଦିର ରୂପାନ୍ତରକରଣ ପାଇଁ ଭୂମି ପୂଜା

ଓଡଗାଁ,୧୪।୧୨(ଆଦର୍ଶ କୁମାର ପଟ୍ଟନାୟକ)


ରଘୁନାଥ ମନ୍ଦିର ରୂପାନ୍ତରକରଣ ପାଇଁ ଭୂମି ପୂଜା କରାଯାଉଛି।

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ରୂପାନ୍ତରିକରଣ ନିମନ୍ତେ ଗୁରୁବାର ଭୂମିପୂଜା ହୋଇଛି । ଏଥି ନିମନ୍ତେ ମନ୍ଦିର ପରିସରରେ ଯଜ୍ଞ ହୋମାଦି କାର୍ଯ୍ୟକ୍ରମ ସହିତ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ ପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ଦିର ରୂପାନ୍ତରିକରଣ ନିମନ୍ତେ ବ୍ୟୟ ହେବାକୁ ଥିବା ସାଢେ ୩ କୋଟି ଟଙ୍କାର ଏକ ସୂଚନା ବୋର୍ଡ଼କୁ ଅନାବରଣ କରିଥିଲେ । ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ପୂର୍ବତ୍ତ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଓ ମୁକ୍ତା ଯନ୍ତ୍ରୀ ସାର୍ଥକ ସ୍ୱାଇଁ ଉପସ୍ଥିତ ଥିଲେ। ମନ୍ଦିର ରୂପାନ୍ତରିକରଣ ସମ୍ପର୍କରେ ବିଧାୟକ ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର ଓ ଅନ୍ୟମାନଙ୍କ ସହିତ ଆଲୋଚନା କରିଥିଲେ।

# ବଉଳସାହିରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)



କାର୍ଯ୍ୟକ୍ରମରେ ଯୁବତୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼ ବ୍ଲକ ବଉଳସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡିଶା ସରକାରଙ୍କ ପ୍ରାୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା (ସମନ୍ୱିତ ଯୁବ ବିକାଶ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି । ଗୁରୁବାର ସାଂସ୍କୃତିକ ବିଭାଗରେ ଶାସ୍ତ୍ରୀୟ ସଙ୍ଗୀତ, ଲୋକ ଗୀତ ଓ ଆଧୁନିକ ଗୀତ ପ୍ରତିଯୋଗିତା ସହ ନୃତ୍ୟରେ ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେହିପରି କ୍ରୀଡ଼ା କାର୍ଯ୍ୟକ୍ରମରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ପୃଥକ ପୃଥକ ଭାବେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ନୋଡାଲ ଅଫିସର ସରୋଜ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଅଧକ୍ଷ କିଶୋର ଚନ୍ଦ୍ର ଜେନାଙ୍କ ସମେତ କ୍ରୀଡା ଅଫିସର ରବୀନ୍ଦ୍ର ଦଳବେହେରା ଓ ସାଂସ୍କୃତିକ ଅଫିସର ଭବାନୀ ଶଙ୍କର ମିଶ୍ର ସହଯୋଗ କରିଥଲେ। ଗତ ୬ ତାରିଖରେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ମିଲରଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)



ନୟାଗଡ଼ ଜିଲାରେ ଧାନ ମଣ୍ଡି ଖୋଲିନି। ତେବେ ଧାନ କିଣିବାକୁ ଥିବା ମିଲରମାନେ ଆଗୁଆ ଗାଁରୁ ଗାଁ ବୁଲି ଚାଷୀଙ୍କ ଠାରୁ ଶସ୍ତା ଦରରେ ଧାନ କିଣି ବେନିୟମ ଭାବେ ଗଚ୍ଛିତ କରୁଛନ୍ତି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଧାନ କିଣା ଆରମ୍ଭ ହେଲେ ପାକ୍ସର କର୍ମଚାରୀଙ୍କୁ ଧରି ସରକାରୀ ଧାର୍ଯ୍ୟ ଦରରେ ଧାନ କିଣା ବିକାର କାଗଜପତ୍ର କରାଇ ନେବେ । ଅସାଧୁ ମିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଓ ତାଙ୍କୁ ଧାନ କିଣା ପ୍ରକ୍ରିୟାରୁ ବାଦ ଦେବା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ଜିଲା ଉପସଭାପତି ରଣଜିତ୍ ଦଳବେହେରାଙ୍କ ନେତୃତ୍ୱରେ ନୟାଗଡ଼ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

# ତିନି ଦିନରେ ଗ୍ରାମୀଣ ଡ଼ାକ ସେବକ ସଂଘର ଧାରଣା



ଡାକ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଖଣ୍ଡପଡ଼ା,୧୪।୧୨(ଅଜୟ କୁମାର ମହାରଣା)

ଅଖିଳ ଭାରତ ଗ୍ରାମୀଣ ଡ଼ାକ ସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡ଼ାକ ସେବକ ସଂଘ ଆହ୍ୱାନ କ୍ରମେ ୧୨ ତାରିଖ ପୂର୍ବାହ୍ନରୁ ଖଣ୍ଡପଡ଼ା ବ୍ଲକ୍ ଅଧୀନରେ ଥିବା ସମସ୍ତ ଡ଼ାକ ଓ ଉପ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ୫ଦଫା ଦାବି ନେଇ ଗ୍ରାମୀଣ ଡ଼ାକ ସେବକ କର୍ମୀମାନଙ୍କର ଚାଲିଥିବା ଧାରଣା ଗୁରୁବାର ୩ୟ ଦିନରେ ପହଞ୍ଚିଛି। ସେମାନଙ୍କ ୫ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରଖିବେ ବୋଲି ସୂଚନା ଦେଇଛନ୍ତି। ଏହିକ୍ରମରେ କଣ୍ଟିଲୋ ଉପଡାକ ଘର କାର୍ଯ୍ୟାଳୟ ସମ୍ମୁଖରେ କଣ୍ଟିଲୋ, ମାଧପୁର, ଧାନଚେଙ୍ଗଡା, ବାଣପୁର ଓ ସିଧାମୂଳା ଆଦି ଉପ ଡାକଘରରେ କାର୍ଯ୍ୟରତ ଡ଼ାକସେବକ କର୍ମଚାରୀମାନେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ଉପ ଡ଼ାକଘର ଅଧୀନରେ ଥିବା ୧୯ ଶାଖା ଡ଼ାକଘରର ୪୫ ଜଣ କର୍ମଚାରୀ ଏହି ଧାରଣାରେ ସାମିଲ ହୋଇଛନ୍ତି। ଦୈନିକ ୮ ଘଣ୍ଟା ଡ୍ୟୁଟି, ପ୍ରତି ୧୨ ବର୍ଷରେ ଆର୍ଥିକ ପଦୋନ୍ନତି ପାଇଁ ସୁପାରିସ, ସମସ୍ତ ଗ୍ରାମୀଣ ଡ଼ାକ ସେବକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ, ଗ୍ରାମୀଣ ଡ଼ାକ ସେବକମାନଙ୍କୁ ପେନସନ ପ୍ରଦାନ ଏବଂ ଗ୍ରାଚ୍ୟୁଇଟି ଓ ସେଭେରାନ୍ସ ଆଲାଉନ୍ସ ପ୍ରଦାନ ଏବଂ ଟାର୍ଗେଟ ନାଁରେ ଅଧିକାରୀ ମାନଙ୍କ ଜୁଲମ ବନ୍ଦ କରିବାକୁ ଦାବି କରାଯାଇଛି ।


**GOVT. OF ODISHA, "e" PROCUREMENT NOTICE**
**Bid Identification No.S.E. PKL (R&B)-29/2023-24**
E-mail address- eepwd.pkl@rediffmail.com

No.B-1442:-

**Tender Call Notice**

| | | | |
|---|---|---|---|
| 1 | Name of the work | : | Building work |
| 2 | Numbers of work | : | 1 (One) |
| 3 | Estimated cost | : | Rs.52.00 Lakh (Approx.) |
| 4 | Period of completion | : | 3 (Three) calendar months |
| 5 | Date & time of availability of bid document in the portal | : | From 11.00 A.M. of dt.17.12.2023 to 05.00 P.M. of dt.04.01.2024 |
| 6 | Last date / time for receipt of bids in the portal | : | 05.00 P.M. of dt.04.01.2024 |
| 7 | Date of opening of bid | : | 11.30 A.M. of dt.05.01.2024 |
| 8 | Name and address of the officer inviting bid | : | Superintending Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in

Sd./-Superintending Engineer, Panikoili (R&B) Division
OIPR-34067/11/0027/2324

**MCL ମହାନଦୀ କୋଲ୍‌ଫିଲ୍‌ଡ଼ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5181

**BOARD OF REVENUE, ODISHA, CUTTACK**
**No. VII(A)-18/2023-6238/M.B.(Niz.) Dated: 13.12.2023**
**QUOTATION / TENDER CALL NOTICE**

Quotations/Tenders are invited for supply of one Maruti Dzire vehicle on hiring basis for official use by the Financial Advisor, Board of Revenue, Odisha.
2. The details of the tender may be collected from this office.
3. The last date of submission of tender is 27.12.2023 by 1.00 P.M. The tender shall be opened on 27.12.2023 at 4.00 P.M.

Sd./- Secretary

**GOVERNOR'S SECRETARIAT**
**(HOUSEHOLD SECTION)**
**RAJ BHAVAN, BHUBANESWAR-751008**
**URGENT QUOTATION CALL NOTICE**

**No.GOV-HH-RIV-0032-2023 336/SG(HH) dated the 13th Dec., 2023**

No.YY- Sealed quotations in respect of the items / articles (as per the details given in Detailed Quotation Call Notice) in official letter pad are invited from the interested Registered Firms/ Authorized Distributors / Authorized Stockiest / Authorized Dealers located at Bhubaneswar and Cuttack having valid PAN Card and GSTIN or Manufacturers for supply of the articles like crockery, cutlery, glassware, kitchenware, kitchen appliances etc. to Raj Bhavan, Odisha, Bhubaneswar.

The details of this quotation call notice is available in the website http://www.rajbhavanodisha.gov.in

Sd./- Comptroller, Governor's Household
OIPR-12116/11/0009/2324

**ବିଜ୍ଞାପନ**

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା**

ନଂ. ୫୦୧୩ ତା: ୧୪।୧୨।୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦ୍ରାପଡ଼ା, ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟରତ ଗୋମିତ୍ରମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ. | ବର୍ଗ | ସିଧା ସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | SC (ଅନୁସୂଚିତ ଜାତି) | | | |
| ୨) | ST (ଅନୁସୂଚିତ ଜନଜାତି) | ୦୫ | ୦୩ | ୦୮ |
| ୩) | Unreserve (ଅଣ ସଂରକ୍ଷିତ) | ୦୨ | ୦୧ | ୦୩ |
| | ମୋଟ୍ | ୦୭ | ୦୪ | ୧୧ |

ଉକ୍ତ ବର୍ଗ ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୧ ଗୋଟି ପଦବୀ ପୂରଣ କରାଯିବ । ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ତା୨୨।୧୨।୨୦୨୩ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଆବେଦନ କରିବା ଆବଶ୍ୟକ । ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**(୧) ଯୋଗ୍ୟତା:**

କ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ବିଦ୍ୟାଳୟରୁ ମଧ ଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀର କ୍ରମାଗତ ଭାବେ ୩(ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ଓ ଜିଲ୍ଲା ସ୍ଥାୟୀ ବାସିନ୍ଦା ହୋଇଥିବେ ।
ଘ) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଆ କହି ପାରୁଥିବେ, ପଢ଼ି ପାରୁଥିବେ ଓ ଲେଖି ପାରୁଥିବେ ।
ଙ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ ।
ଚ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଏକାଧିକ ଜୀବିତ ସ୍ତ୍ରୀ/ସ୍ୱାମୀ ନ ଥିବେ ।
ଛ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ୧୮ବର୍ଷରୁ କମ୍ ଏବଂ ୫୫ବର୍ଷରୁ ଉର୍ଦ୍ଧ୍ୱ (୦୧।୦୧।୨୦୨୩ ସୁଦ୍ଧା) ହୋଇ ନଥିବା ଆବଶ୍ୟକ ।
ଜ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ ନିୟୋଜିତ ହେବା ପାଇଁ ନିଜର ସହମତି/ସ୍ୱୀକୃତି ଦେଇ ପାରିବେ ।

**(୨) ଶାରୀରିକ ଦକ୍ଷତା:**

କ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ । ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସି ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ସର୍ତ୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁ ନ ଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିବେ ।
ଖ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚଫୁଟ)ରୁ କମ୍ ହୋଇ ନ ଥିବ । କେବଳ ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସମ୍ପ୍ରସାରିତ ଛାତି ମାପ ୩୦'' (ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ ।
ଗ) ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ ।

**(୩) ଚୟନ ପ୍ରକ୍ରିୟା:**

କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରୀରିକ ଦକ୍ଷତା ପରୀକ୍ଷା ଦ୍ୱାରା ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ ।
ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥିନୀ ନ ମିଳନ୍ତି, ତା'ହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ କରାଯିବ ।
ଗ) ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ମାଧ୍ୟମରେ (Speed Post ବା Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ ''ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ'' ଉଲ୍ଲେଖ କରିବା ଆବଶ୍ୟକ ।
ପ୍ରକାଶ ଥାଉକି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ସଂରକ୍ଷିତ ରହିଅଛି ।

ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड़**
email :- eercdpakur-jhr@nic.in, Phone & Fax No. 06435-220592

**अल्पकालीन ई0-प्रोक्यूरमेन्ट सूचना**

निविदा सूचना सं0- RCD /PAKUR/941/2023-24 दिनांक : 12.12.2023

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत तलवा-डुमरघट्टी पथ के कि0मी0 0.00 से 22.528 कि0मी0 तक (कुल लंबाई-22.528 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। (योजना मद) वित्तीय वर्ष 2023-24 |
| 2. | प्राक्कलित राशि (रू0) | रू0 15,90,28,872/-(रू0 पंद्रह करोड़ नब्बे लाख अठाइस हजार आठ सौ बहत्तर मात्र) |
| 3. | कार्य पूर्ण करने की अवधि | 06 (छः) माह |
| 4. | ई०-निविदा प्राप्त करने की अंतिम तिथि एवं समय | 29.12.2023 के पूर्वाह्न 12.00 बजे तक |
| 5. | ई०-निविदा का बेबसाईट पर प्रकाशन की तिथि एवं समय | 15.12.2023 के पूर्वाह्न 10.30 बजे से |
| 6. | ई०-निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई-प्रोक्यूरमेन्ट अधिकारी का सम्पर्क नं0 | 06435-220592 |
| 8. | ई-प्रोक्यूरमेन्ट सेल का सम्पर्क सहायता नम्बर | 0651-2401010 |

विशेष जानकारी http://jharkhandtenders.gov.in पर देखी जा सकती है।

कार्यपालक अभियंता,
पथ प्रमण्डल, पाकुड़

PR 313405 Road(23-24)#D

# ମା' ଶାରଳାଙ୍କ ମନ୍ଦିର ହୁଣ୍ଡିରୁ ଚୋରି

■ ଜଣେ ମହିଳାଙ୍କ ସମେତ ୩ ଅଟକ
■ ବ୍ୟବହାର ହୋଇଥିବା କଟର ଜବତ

ତିର୍ତ୍ତୋଲ, ୧୪।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା କନକପୁରସ୍ଥିତ ପ୍ରସିଦ୍ଧ ମା' ଶାରଳାଙ୍କ ମନ୍ଦିର ହୁଣ୍ଡୀରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଦୁର୍ବୃତ୍ତମାନେ କଟରରେ ହୁଣ୍ଡି କାଟି ସେଥିରୁ ଟଙ୍କା ନେଇଯାଇଛନ୍ତି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଦୁର୍ବୃତ୍ତଙ୍କଠାରୁ ପୋଲିସ ନଗଦ ଟଙ୍କା ଜବତ କରିଛି। ଖବରଲେଖା ହେବା ବେଳକୁ ଏହି ଜବତ ଟଙ୍କା ଗଣତି ହୋଇ ନ ଥିଲା।

ସୂଚନା ମୁତାବକ, ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ମନ୍ଦିର ପରିସରରେ ପଶି ମନ୍ଦିର ସମ୍ମୁଖରେ ଥିବା ୧ନଂ. ହୁଣ୍ଡିରୁ ଚୋରି ଉଦ୍ୟମ କରିଥିଲେ। କଟର ସାହାଯ୍ୟରେ ହୁଣ୍ଡି କାଟି କିଛି ପରିମାଣର ଟଙ୍କା ନେଇଯାଇଥିଲେ। ସକାଳ ସମୟରେ ମନ୍ଦିର ନିକଟରେ ଟଙ୍କା ପଡ଼ିଥିବା


ଶାରଳାଙ୍କ ମନ୍ଦିର ପରିସରରେ ଥିବା ହୁଣ୍ଡିକୁ ଭଙ୍ଗାଯାଇଛି।

ଦେଖି କେତେଜଣ ଲୋକ ହୋହଲ୍ଲା କରିଥିଲେ। ପରେ ମନ୍ଦିର ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକେ ହୁଣ୍ଡି ଭଙ୍ଗା ଯାଇଥିବା ଦେଖିଥିଲେ। ଏହାପରେ ପୋଲିସ ମନ୍ଦିର ପରିସରରେ ଥିବା ସିସିଟିଭି ଯାଞ୍ଚ କରିଛି। କନକପୁର ପୋଲିସ ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ଭୋଳ, ଅତିରିକ୍ତ ଏସ୍‌ପି ଜୟନ୍ତ କୁମାର ମହାପାତ୍ର, ଏସ୍‌ଡିପିଓ ଚିନ୍ମୟ ରାଉତ, ତିର୍ତ୍ତୋଲ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଯାଞ୍ଚ ସମୟରେ ସ୍ଥାନୀୟ ଅଞ୍ଚଳର ୨ ଜଣ ବ୍ୟକ୍ତିଙ୍କୁ ସିସିଟିଭି ଫୁଟେଜରୁ ଚିହ୍ନଟ କରାଯାଇଥିଲା। ପରେ ଡଗ୍ ସ୍କ୍ୱାଡ୍ ନେଇ ଅନୁସନ୍ଧାନ କରାଯାଇଛି। ପରେ ସନ୍ଦେହରେ ସ୍ଥାନୀୟ ଅଞ୍ଚଳର ୩ ଜଣଙ୍କୁ ଧରିବା ସହ ଛତ୍ରମଠ ନିକଟରୁ କିଛି ଚୋରି ଟଙ୍କା ଜବତ କରିଛି। ଚୋରି ଘଟଣା ପରେ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ବୈଦ୍ୟୁତିକ କଟର ଛାଡ଼ି ଦେଇ ଯାଇଥିଲେ। ଏହାକୁ ପୋଲିସ ଜବତ କରିଛି।

ଏ ସମ୍ପର୍କରେ ଆଇନଜୀବୀ ଅମର ଜ୍ୟୋତି ସାହୁ କହିଛନ୍ତି, ଚନ୍ଦନଯାତ୍ରାରେ ବାଣ ବିସ୍ଫୋରଣ ଘଟଣା ଘଟିଥିଲା। ଏହାସତ୍ତ୍ୱେ ମନ୍ଦିର କିମ୍ବା ପୋଲିସ ପ୍ରଶାସନ ମନ୍ଦିର ସୁରକ୍ଷା ନେଇ ଏ ପର୍ଯ୍ୟନ୍ତ ସତର୍କ ହୋଇପାରିନାହିଁ। ଫଳରେ ସୁରକ୍ଷା ଢିଲା କାରଣରୁ ମନ୍ଦିର ହୁଣ୍ଡିରୁ ଚୋରି ହୋଇଛି। ମନ୍ଦିର ପରିସରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ଏପରି ଚୋରି ଘଟଣା ପୋଲିସ ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଏନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଚୋରି ଘଟଣାରେ ପୋଲିସ ଦୃଢ଼ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାଲାଗି ଦାବି କରିଛନ୍ତି। ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟ ରଞ୍ଜନ ପରିଡ଼ାଙ୍କ କହିବା ଅନୁଯାୟୀ, ହୁଣ୍ଡିରେ ରହିଯାଇଥିବା ବଳକା ଟଙ୍କା ତିର୍ତ୍ତୋଲ ତହସିଲଦାର ସତ୍ୟବ୍ରତ ମହାପାତ୍ରଙ୍କ ଉପସ୍ଥିତିରେ ମନ୍ଦିର ପ୍ରଶାସନ ଦାୟିତ୍ୱରେ ଦିଆଯାଇଛି। ଏଥିସହ ହୁଣ୍ଡିକୁ ଜଉମୁଦ ଦିଆଯାଇ ସିଲ୍ କରାଯାଇଛି। ଆଇଆଇସି ଅଭିମନ୍ୟୁ ନାୟକଙ୍କ ସୂଚନା ମୁତାବକ, ଜବତ ଟଙ୍କା ଗଣତି ହୋଇ ନ ଥିବାରୁ ପରିମାଣ ଜଣାପଡିନାହିଁ। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଛି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି। ଏହି ଘଟଣାରେ ଥାନାରେ ମାମଲା (ନଂ. ୫୪୧/୨୩) ରୁଜୁ ହୋଇଛି।

## ସଡ଼କ ଦୁର୍ଘଟଣାରେ କଲେଜ୍ ଛାତ୍ରଙ୍କ ମୃତ୍ୟୁ

କଳିଙ୍ଗନଗର, ୧୪।୧୨ (ଶୁଭାଶିଷ ରାଉତ):

ଦାନଗଦି-ବାଙ୍ଗରକୋଟା ରାସ୍ତାର ରମ୍ପିଲୋ ଗାଁ ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟଜଣେ ଛାତ୍ର ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ଛାତ୍ର ହେଲେ ରାମ୍ପିଲୋ ଗାଁର ପ୍ରଫୁଲ୍ଲ ଜେନାଙ୍କ ପୁଅ କୈଳାସ ଜେନା (୧୬)। ଆହତ ଛାତ୍ର ଜଣକ ହେଲେ ସେହି ଗାଁର ଶ୍ୟାମ ଜେନାଙ୍କ ପୁଅ ପ୍ରିୟାଂଶୁ ଜେନା (୧୫)। ଉଭୟେ ବାରାଖାଇ ଆଡୁ ବାଇକ୍‌ରେ ଆସି ରାମ୍ପିଲୋ ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଛିଟିକି ପଡ଼ିଥିଲେ। ଦାନଗଦି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇବା ସହ ଗୁରୁତର ଛାତ୍ରଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ନଂ.୬୧୯/୨୩ରେ ମାମଲା ରୁଜୁ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବର୍ଷା


@ ବିକାଶ


@ ସମ୍ମୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୀତିକାର ରଘୁନାଥ ରାଉତଙ୍କ ପରଲୋକ

ଡେରାବିଶ, ୧୪।୧୨ (ବେବର୍ତ୍ତା ଅଜୟ ଦାସ)

ବିଶିଷ୍ଟ ଗୀତିକାର ରଘୁନାଥ ରାଉତଙ୍କ ଗୁରୁବାର ଭୁବନେଶ୍ୱର ୟୁନିଟ୍-୭ ସୂର୍ଯ୍ୟନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ମଧ୍ୟାହ୍ନରେ ବିଶ୍ରାମ ନେବାକୁ ଯାଉଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ନେଇ ପୁଅ ପ୍ରେମ ପ୍ରକାଶ କହିଛନ୍ତି। ତାଙ୍କ ମରଶରୀରକୁ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବିଶୋକ ଗ୍ରାମକୁ ନିଆଯାଇ ଶୁକ୍ରବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

ରଘୁନାଥ ବିଶେଷକରି ଜଗନ୍ନାଥଙ୍କ ଭଜନ ଓ ଜଣାଣର ଗୀତିକାର ଭାବେ ପରିଚିତ ଥିଲେ। ତାଙ୍କର ଅଧିକାଂଶ ଭଜନ ସଙ୍ଗୀତଜ୍ଞ ଭିକାରୀ ବଳଙ୍କ କଣ୍ଠରେ ଆକାଶବାଣୀ ରେଡ଼ିଓଠାରୁ ଆରମ୍ଭ କରି ବିଭିନ୍ନ କ୍ୟାସେଟ୍‌ରେ ଲୋକାଦୃତ ହୋଇଥିଲା। ତାଙ୍କ ରଚିତ 'ଏଇ ମଶାଣି ମୋ ସ୍ୱର୍ଗଦ୍ୱାର' ବେଶ୍ ଲୋକପ୍ରିୟ ହୋଇଥିଲା। ବାପା ଗୋପୀନାଥ ରାଉତ ଓ ମା' କନକଲତାଙ୍କ କୋଳରୁ ଜନ୍ମ ନେଇଥିବା ରଘୁନାଥ ଗାଁ ବିଦ୍ୟାଳୟରେ ଶିକ୍ଷା ସମାପ୍ତି ପରେ ଡେରାବିଶ ହାଇସ୍କୁଲରେ ଏକାଦଶ ଶ୍ରେଣୀ ଯାଏ ଅଧ୍ୟୟନ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଭାବେ ନିଯୁକ୍ତି ପାଇଥିଲେ। ତେବେ ପିଲାଦିନରୁ ଗୀତି କବିତା, କବିତା, ନାଟକ ଓ ବିଶେଷ କରି ଜଗନ୍ନାଥଙ୍କ ଜଣାଣ ଲେଖିବାରେ ତାଙ୍କର ରୁଚି ରହିଥିଲା। ଗ୍ରାମର ଧରଣୀଧର ଜେନା କୁହନ୍ତି, ତାଙ୍କର ବହୁ ଭଜନର



ପାଣ୍ଡୁଲିପି ପ୍ରସାର ପାଇଁ ଆକାଶବାଣୀ କଟକ କେନ୍ଦ୍ରକୁ ରଘୁନାଥ ପଠାଇଥିଲେ। ମାତ୍ର ସେହି ପାଣ୍ଡୁଲିପିକୁ କେନ୍ଦ୍ର ପକ୍ଷରୁ ପ୍ରସାର କରା ନ ଯାଇ ପରେ ଅନ୍ୟ ନାମରେ ପ୍ରସାରଣ ହେବା ରଘୁନାଥଙ୍କୁ ବହୁ କଷ୍ଟ ଦେଇଥିଲା। ତେବେ ରଘୁନାଥ ସଙ୍ଗୀତଜ୍ଞ ଭିକାରୀ ବଳଙ୍କ ସଂସ୍ପର୍ଶରେ ଆସିବା ପରେ ସେ ତାଙ୍କ ଭଜନଗୁଡ଼ିକୁ ତାଙ୍କୁ ପ୍ରଦାନ କରିଥିଲେ। ଭିକାରୀ ବଳ କେତେକ ଭଜନ ଆକାଶବାଣୀ କଟକ କେନ୍ଦ୍ରରେ ଗାଇବା ପରେ ପରେ ତାହା ଲୋକାଦୃତ ହୋଇଥିଲା। ଏଥିରେ ଉତ୍ସାହିତ ହୋଇ ରଘୁନାଥ ଜଗନ୍ନାଥଙ୍କର ବହୁ ଭଜନ ଲେଖିଥିଲେ। 'ଷାଠିଏ ପଉଟି...' ଭଳି ଜଗନ୍ନାଥଙ୍କର ବହୁ ଭଜନ ଜଗନ୍ନାଥଙ୍କ ମନ୍ଦିରଠାରୁ ଆରମ୍ଭ କରି ବିଭିନ୍ନ ଗାଁରେ ଭକ୍ତିର ଭାବ ସୃଷ୍ଟି କରୁଥିଲା। ଆହେ ଚକା ଆଖି .., ଶୃଙ୍ଖଳାଣି କଣ୍ଠ ଡାକି ଡାକି, ପୁଣି ମୋ ବାହୁଡ଼ା.., ବେଳ ହେଲା ତୁଣ୍ଡେ ଦିଅ ନିର୍ମାଲ୍ୟ ତୁଳସୀ...ଆଦି ଗୀତର ରଚୟିତା ଥିଲେ ରଘୁନାଥ। ଏଥିସହ ସେ 'ଗୃହ ବଇଦ', 'ଅମୃତ ନଗର ସନ୍ଧାନରେ' ଆଦି ପୁସ୍ତକ ରଚନା କରିଛନ୍ତି। ରଘୁନାଥଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଥିବାବେଳେ ତାଙ୍କ ଶେଷ ଦର୍ଶନ ପାଇଁ ଗ୍ରାମବାସୀ ଚାହିଁ ରହିଛନ୍ତି।

# ପାରାଦୀପ ଇଫ୍‌କୋ ୟୁନିଟ୍‌କୁ ସମ୍ମାନଜନକ ଶକ୍ତି ସଂରକ୍ଷଣ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କଲେ

ପାରାଦୀପ, ୧୪।୧୨ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନାକୁ ଗୁରୁବାର ଦିଲ୍ଲୀଠାରେ ସମ୍ମାନଜନକ ଜାତୀୟ ଶକ୍ତି ସଂରକ୍ଷଣ ଆୱାର୍ଡ ୨୦୨୩ ମିଳିଛି। ବିଜ୍ଞାନ ଭବନଠାରେ ଭାରତ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶକ୍ତି ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଇଫ୍‌କୋ ଏହି ଆୱାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ରାଷ୍ଟ୍ରପତି ମୁର୍ମୁଙ୍କଠାରୁ ଇଫ୍‌କୋ ନିର୍ଦ୍ଦେଶକ ତଥା ପାରାଦୀପ ୟୁନିଟ ମୁଖ୍ୟ କେ.ଜେ. ପଟେଲ ଆୱାର୍ଡ ଗ୍ରହଣ କରିଥିଲେ। ଇଫ୍‌କୋ ନିଜସ୍ୱ ପାୱାର ପ୍ଲାଣ୍ଟରୁ ଉତ୍ପାଦିତ ଶକ୍ତି ନିଜେ ବ୍ୟବହାର କରିଥାଏ। ବଳକା ଶକ୍ତିକୁ ଓଡ଼ିଶା ସରକାରଙ୍କୁ ଦେଇଥାନ୍ତି। ଏହାସହ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ନୂଆ ବୈଷୟିକ ପଦ୍ଧତି ଆପଣେଇଛି, ଯେଉଁଥିପାଇଁ ଏଭଳି ଆୱାର୍ଡ ପାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଉଦୟଶଙ୍କର ଅଗସ୍ତିଙ୍କ ଦିଗ୍‌ଦର୍ଶନରେ ଏପରି ସଫଳତା ହାସଲ କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାରାଦୀପ ଇଫ୍‌କୋ ୟୁନିଟକୁ ସମ୍ମାନଜନକ ଶକ୍ତି ସଂରକ୍ଷଣ ଆୱାର୍ଡ ପ୍ରଦାନ କରୁଛନ୍ତି।

# ଆକସ୍ମିକ ଭାବେ ଜଳୁଛି ଘର, ଆସବାବପତ୍ର

ଭୟରେ ଅଞ୍ଚଳବାସୀ

ଯାଜପୁର ଟାଉନ, ୧୪।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଆକସ୍ମିକ ଭାବେ ଜଳୁଛି ଘର। ଘର ଭିତରେ ଥିବା କପଡ଼ା ଓ ଆସବାବପତ୍ର ଜଳିଯାଉଛି। ଏଭଳି ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବାସୁଦେବପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ। ଗ୍ରାମର ଗୋପାଳ ଚନ୍ଦ୍ର ସାହୁ ଓ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଘରେ ଏଭଳି ନିଆଁ ଲାଗିଯାଉଛି। ଏହା ଭୌତିକ ନା ଅଲୌକିକ କାଣ୍ଡ ବୋଲି ପରିବାର ଲୋକେ ଜାଣିବା କଷ୍ଟକର ହୋଇପଡୁଛି। ୨ ଦିନ ଧରି ଏପରି ହୋଇଥିବାରୁ ଭୟରେ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା। ଏହି ପରିବାର ନିଆଁ ଭୟରେ ଖାଇବା ଓ ଶୋଇବା ଛାଡ଼ିଦେଇଛନ୍ତି। ଏଭଳି ଅଦ୍ଭୁତ ଅଗ୍ନିକାଣ୍ଡ ସମସ୍ୟାର ସମାଧାନ ଲାଗି ଗୁଣିଆର ସହାୟତା ନେଇଛନ୍ତି। କେମିତି ନିଆଁ ଲାଗୁଛି ପରିବାର ଲୋକେ ଜାଣିପାରୁ ନ ଥିବାରୁ ବିପୁଳ ଟଙ୍କାର ସମ୍ପତ୍ତି ଜଳିଯାଇଛି। ତେବେ କିଭଳି ଏହା ବନ୍ଦ ହେବ ସେନେଇ ପରିବାର ଲୋକଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି।

# ପତିହନ୍ତା ପତ୍ନୀ, ପ୍ରେମିକଙ୍କୁ ୪ ବର୍ଷ କାରାଦଣ୍ଡାଦେଶ

୧୦ ହଜାର ଟଙ୍କା ଜରିମାନା

ପଟ୍ଟାମୁଣ୍ଡାଇ, ୧୪।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳର ଏକ ହତ୍ୟା ମାମଲାର ଶୁଣାଣି କରି ଗୁରୁବାର ପଟ୍ଟାମୁଣ୍ଡାଇ ସହକାରୀ ଦୌରାଜଜ ପତିହନ୍ତା ପତ୍ନୀ ଓ ତାଙ୍କ ପ୍ରେମିକଙ୍କୁ ୪ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶରେ ଉଲ୍ଲେଖ ଥିବା ଜଣାଯାଇଛି।

ରାଜକନିକା ଥାନା ଭାମଣ୍ଡା ଗ୍ରାମର ନୃସିଂହନାଥ ମନ୍ଦିର ପୂଜକ ରଙ୍ଗାଧର ଦାଶ ସବୁଦିନ ପରି ୨୦୨୨ ଅଗଷ୍ଟ ୧୭ରେ ମନ୍ଦିରକୁ ପୂଜା କରିବାକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ପତ୍ନୀ ରତ୍ନମଣି(୪୦) ଓ ରଙ୍ଗାଧରଙ୍କ ବଡ଼ଭାଇ ଗଙ୍ଗାଧର ରାଜକନିକା ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଥିଲେ। ରତ୍ନମଣିଙ୍କ ଏତଲାରେ ରଙ୍ଗାଧର କେଉଁଆଡ଼େ ଚାଲିଯାଇଥିବା ଉଲ୍ଲେଖ ଥିବା ବେଳେ, ଗଙ୍ଗାଧରଙ୍କ ଏତଲାରେ ଭାଇ ଓ ଭାଇବୋହୂଙ୍କ ମଧ୍ୟରେ କଳହ ଲାଗିଥିଲା। ଏହାକୁ


ଅଭିଯୁକ୍ତ ରତ୍ନମଣିଙ୍କୁ ପୋଲିସ କୋର୍ଟକୁ ନେଉଛି।

କେନ୍ଦ୍ରକରି ଭାଇ କେଉଁଆଡ଼େ ଚାଲିଯାଇଥିବା କଥା ଉଲ୍ଲେଖ ଥିଲା। ଆହୁରି ମଧ୍ୟ ସେହି ଗ୍ରାମର ଅସିତ୍ ଶତପଥୀ (ବାଇନ)ଙ୍କ ସହ ଭାଇବୋହୂଙ୍କ ସମ୍ପର୍କ ଥିବା କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳହ ଲାଗି ରହୁଥିବା ଉଲ୍ଲେଖ ଥିଲା। ରଙ୍ଗାଧରଙ୍କ ନିଖୋଜର ୫ ଦିନ ପରେ ଅଗଷ୍ଟ ୨୧ରେ ଗ୍ରାମ ନିକଟସ୍ଥ ଶିମିଳି ମାହାର ଯୋର ନିକଟରୁ ଗଳିତ ମୃତଦେହ ମିଳିଥିଲା। ସେହିଦିନ ସ୍ୱାମୀଙ୍କ ସଂସ୍କାର କାର୍ଯ୍ୟ ସରି ନ ଥିବା ବେଳେ ରତ୍ନମଣି ନିଜର ପିଲାମାନଙ୍କୁ ଛାଡ଼ି ପ୍ରେମିକ ଅସିତଙ୍କ ସହ ଗାଁ ଛାଡ଼ି ଚାଲି ଯାଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ରତ୍ନମଣିଙ୍କ ପୁଅ, ଝିଅ ନିଜ ମା'ଙ୍କ ବିରୋଧରେ ପୋଲିସ ଆଗରେ ମୁହଁ ଖୋଲିବାକୁ ପଛଘୁଞ୍ଚା ଦେଇ ନ ଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଅଗଷ୍ଟ ୨୭ ତାରିଖରେ ରତ୍ନମଣି ଓ ତାଙ୍କ ପ୍ରେମିକ ଅସିତଙ୍କୁ ଧରିଥିଲା। ସେମାନଙ୍କୁ ପୋଲିସ ପଚରାଉଚରା କରିବାରେ ରଙ୍ଗାଧରଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ନଂ. ୨୧୨/୨୦୨୨ରେ ମାମଲା ରୁଜୁ କରି ରତ୍ନମଣି ଓ ତାଙ୍କ ପ୍ରେମିକ ଅସିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହି ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ରବି ଦାଶ ପରିଚାଳନା କରିଥିଲେ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB HYDRO ELECTRIC PROJECT, AT/P.O. : BARINIPUT; DISTRICT : KORAPUT, PIN - 764006
PHONE: 06854 242001 FAX: 06854 242038; E-mail: sgmel_ukhep@ohpcltd.com, CIN: U401010R1995SGC003963
**E-Tender NOTICE No. - UKHEP - 11/2023-24, Dated 11.12.2023**

No. CAD-3255:- The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Single Cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated Cost (in ₹) | E.M.D. (in ₹) | Cost of bid document | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Dismantling of old existing R.C.C. slabs laid on the cable trench and casting & laying new R.C.C. slabs for the same area from Anchor Block No.-1 to Anchor Block No.-4, UKHEP, Bariniput | 34,33,584/- | 34,336/- | 7080/- (Rs.6000+ 18% GST) | "B" & "C" Class | From 10.00 AM of 19.12.2023 to 13.00 Hrs of 02.01.2024 | At 11.30 Hrs. of 03.01.2024 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.
OIPR-04002/11/0056/2324
Sd./- Unit Head, UKHEP, Bariniput



**ODISHA CONSTRUCTION CORPORATION LTD.**
No. CAD-3251
(A Govt. of Odisha Undertaking)
Central Workshop, Rasulgarh, Bhubaneswar - 751010 (Odisha)
Tel.: 0674-2580107, E-mail: gmoccicws@gmail.com (GSTIN: 21AAACO2571K2ZM)
**Tender Call Notice No. OCC/CWS/PROC/KBP-03/51/2023-24 Dtd. 12.12.2023**

Type of Work : Supply of Casting items for Barrage Bay & under sluice gate of Kusumi Barrage project.
Total No. of Work : 01 (One)
Period of Supply : 60 (Sixty) days

| Procurement Officer | Tender Call Notice No. | Cost of Tender document (Including GST) | Sale of Tender Document | Submission of Tender document (Offline Mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/ PROC/KBP- 03/51/2023-24 Dtd.12.12.2023 | Rs.4,720/- (Non-refundable) | 14.12.2023, 10.00 A.M. to 20.12.2023, 1.00 P.M. | 14.12.2023, 10.00 A.M. to 20.12.2023, 3.00 P.M. |

Date of opening of the Tender : 20.12.2023 at 4.00 P.M.
Further details can be seen from the Govt. website (www.odishaconstruction.com).
Amendment/Corrigendum/Cancellation, if any shall be posted Online only (OCCL Website).
Sd./- Senior Manager, (Mech.)-I
OCC Ltd., Bhubaneswar
OIPR-34163/11/0016/2324



**e-procurement Notice**
**OFFICE OF THE NOTIFIED AREA COUNCIL, GOPALPUR**
**Tender Call Notice No.:- 3094 dt.: 13.12.23**
**Bid Identification No.:- 05/2023-24**

No. C-2080:- Bid document consisting of work, estimated cost, cost of Tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total Number of Civil works | 5 Nos. |
| Estimated Cost | Rs.4.0 Lakh to Rs.68.0 Lakh |
| Date & time of availability of Bid Documents in the portal | 10.00 A.M. of dt. 14.12.2023 to 16.00 P.M. of dt. 23.12.2023 for online bidding |
| Last Date of receive of Bid through Online | 16.00 P.M. of dt. 23.12.2023 |
| Date of opening of Bid | 11.00 A.M. on Dt. 26.12.2023 |

Sd./- Executive Officer, N.A.C., Gopalpur
OIPR-13186/11/0004/2324



**GOVERNMENT OF ODISHA** No. O-1796
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.6470 / Date: 08.12.2023
**"e" PROCUREMENT NOTICE FOR BRIDGE WORKS**

| | | | |
|---|---|---|---|
| 1. | Name of the Work | : | Bridge Projects under Biju Setu Yojana |
| 2. | Total No. of Works | : | 03 Nos. of Bridge Projects for the year 2023-24 |
| 3. | Estimated Cost of the Work | : | Varies from Rs.342.00 lakhs to Rs.628.00 lakhs |
| 4. | Class of Contractor | : | |
| | a) Estimated cost more than Rs.1.00 Crore upto Rs.20.00 Crores | : | **A Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.6.00 Crores upto Rs.50.00 Crores | : | **Special Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.52 of 2023 | 16.12.2023 at 11.00 A.M. | 01.01.2024 upto 5.00 P.M. | 02.01.2024 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25082/11/0042/2324



**OFFICE OF THE MUNICIPAL COUNCIL, TALCHER**
**DIST.:- ANGUL**
Phone No.(06760) 240259, E-Mail ID : e.o.talcher@gmail.com
No. 5387/ Date: 12.12.23
**TENDER CALL NOTICE**

No. C-2079:- The Executive Officer, Talcher Municipality on behalf of Talcher, Dist-Angul invites sealed tender from the intending registered firms/ authorized dealers/ distributors/ suppliers and manufacturers of Supplying, fitting fixing with install of decorative Pole with Lights & LED Streep at Jagannath Park of Talcher Municipality. The prescribed tender schedule can be obtained from the Cashier section of Talcher Municipality on payment of Rs. 2,000/- (Rupees Two Thousand) only including GST@18% (non-refundable) in shape of cash in favour of the Executive Officer, Talcher Municipality & EMD amount Rs. 10,000 /- (Rupees Ten Thousand) only in safe of demand draft to be drawn in favour of Executive Officer, Talcher Municipality from date 13.12.2023 to date 21.12.2023 up to 05.00 pm during office hour except holidays.

The tender paper along with all documents should reach the undersigned by Regd Post /Speed Post/Courier service or by person on or before date 22.12.2023 up to 01.30 PM and this office will in no way, be responsible for any delay in receipt of the tender documents. The tender will be opened on the same date at 03 30 PM in presence of the tenderer or their authorized representative if any. The tender received beyond the schedule date and time will not be considered at all.

All terms and conditions may be seen in the tender schedule The undersigned has rights to accept, cancel or reject any or all the tenders without assigning any reason thereof.

Sd./- Executive Officer
Talcher Municipality
OIPR-13077/11/0050/2324



**GOVERNMENT OF ODISHA** No. O-1795
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.6462 / Date: 08.12.2023
**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 11 Nos. of Building Work for the year 2023-24 |
| 3. | Estimated Cost of the Work | : | Varies from Rs.104.00 lakh to Rs.374.00 lakh |
| 4. | Class of Contractors | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | **A Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.51 of 2023 | 16.12.2023 at 11.00 A.M. | 01.01.2024 upto 5.00 P.M. | 02.01.2024 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25082/11/0041/2324

# ଅନ୍ତିମ ଟି୨୦: ସୂର୍ଯ୍ୟକୁମାରଙ୍କ ଶତକ

**ଜୋହାନ୍ସବର୍ଗ, ୧୪।୧୨**

ଗୁରୁବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯାଇଥିବା ଅନ୍ତିମ ଟି୨୦ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ। ସେ ଟି୨୦ରେ ନିଜର ଚତୁର୍ଥ ଶତକ ହାସଲ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଶତକୀୟ ଭାଗୀଦାରି କରିଥିଲେ। ଫଳରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୧ ରନ୍ କରିଥିଲା। ସମାନ ଏକାଦଶ ସହିତ ଭାରତ ଓହ୍ଲାଇଥିବା ବେଳେ ଟସ୍ ଜିତି ବ୍ୟାଟିଂ ନେଇଥିଲେ ସୂର୍ଯ୍ୟକୁମାର ଯାଦବ।

ଭାରତ ପକ୍ଷରୁ ଶୁବମନ ଗିଲ୍ (୧୨) ଓ ଯଶସ୍ୱୀ ଜୟସ୍ୱାଲ(୬୦) ଓପନ କରି ୨୯ ରନ୍ ଯୋଡିଥିଲେ। ପ୍ରଥମ ଦୁଇ ଓଭରରେ ଉଭୟ ଖେଳାଳି ୨୯ ରନ୍ ଯୋଡିଥିଲେ। ନାନ୍ଡ୍ରେ ବର୍ଗରଙ୍କ ପ୍ରଥମ ଓଭରରୁ ୧୪ ଓ ଏଡେନ୍ ମାର୍କରାମଙ୍କ ଦ୍ୱିତୀୟ ଓଭରରୁ ୧୫ ରନ୍ ସଂଗ୍ରହ କରିଥିଲେ ଉଭୟ ଓପନର। ତେବେ ତୃତୀୟ ଓଭରରେ କେଶବ ମହାରା ଲଗାତାର ବଲ୍‌ରେ ୨ ଉଇକେଟ ନେଇ ଭାରତକୁ ସଙ୍କଟରେ ପକାଇଥିଲେ। କ୍ରଶ୍ ଶଟ୍ ଖେଳିବାକୁ ଯାଇ ଗିଲ୍ ଲେଗ୍ ବିଫୋର ହୋଇଥିବା ବେଳେ ପରବର୍ତ୍ତୀ ବଲ୍‌ରେ ତିଳକ ବର୍ମା ପ୍ୟାଭିଲିୟନ୍ ଫେରିଥିଲେ। ୨୯ ରନ୍‌ରେ ଦୁଇ ଉଇକେଟର ପତନ ଘଟିଥିବା ବେଳେ କ୍ରିଜ୍‌ରେ ଯୋଗ ଦେଇଥିଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ତୃତୀୟ ଉଇକେଟରେ ଜୟସ୍ୱାଲଙ୍କ ସହିତ ୧୧୨ ରନ୍ ଯୋଡିବା ସହ ଭାରତକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ଆରମ୍ଭରୁ ସୂର୍ଯ୍ୟ ଷ୍ଟ୍ରାଇକ୍ ରୋଟେଟ୍ କରୁଥିବା ବେଳେ ଜୟସ୍ୱାଲ



ଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

ଆକ୍ରମଣାତ୍ମକ ବ୍ୟାଟିଂ କରୁଥିଲେ। ତେବେ ୧୨ ନମ୍ବର ଓଭରରୁ ଗିୟର ବଦଳାଇଥିଲେ ସୂର୍ଯ୍ୟକୁମାର। ଆଣ୍ଡିଲେ ଫେଲୁକ୍ୱାୟୋଙ୍କ ଓଭରରେ ୨୩ ରନ୍ ସ୍କୋର କରିଥିବା ବେଳେ ୧୫ ନମ୍ବର ଓଭରରେ ନାନ୍ଡ୍ରେ ବର୍ଗରଙ୍କ ବିପକ୍ଷରେ ୧୭ ରନ୍ ସ୍କୋର କରିଥିଲେ। ଚମତ୍କାର ବ୍ୟାଟିଂ କରୁଥିବା ଜୟସ୍ୱାଲ ବଡ ଶଟ୍ ଖେଳିବାକୁ ଯାଇ ଟାବରେଜ୍ ସାମ୍ସିଙ୍କ ବଲରେ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୪୧ ବଲ୍ ଖେଳି ୬୦ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ଜୟସ୍ୱାଲ ଆଉଟ ହେବା ପରେ ଚତୁର୍ଥ ଉଇକେଟରେ ରିଙ୍କୁ ସିଂ(୧୪)ଙ୍କ ସହିତ ମିଶି ୪୭ ରନ୍ ଯୋଡିଥିଲେ ସୂର୍ଯ୍ୟକୁମାର। ସୂର୍ଯ୍ୟ ୫୬ ବଲ୍ ଖେଳି ୭ ଚୌକା ଓ ୮ ଛକା ସହିତ ୧୦୦ ରନ୍ ସ୍କୋର କରିଥିଲେ। ଅନ୍ତିମ ଓଭର ପ୍ରଥମ ବଲ୍‌ରେ ସୂର୍ଯ୍ୟ ୫୫ ବଲ୍‌ରୁ ଟି୨୦ କ୍ୟାରିୟରର ଚତୁର୍ଥ ଶତକ ହାସଲ କରିଥିଲେ। ଟି୨୦ରେ ସର୍ବାଧିକ ଶତକରେ ସେ ରୋହିତ ଶର୍ମା ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ସମକକ୍ଷ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ଓ ଲିଜାଡ ୱିଲିୟମ୍ସ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଟାବରେଜ୍ ସାମ୍ସି ଓ ନାନ୍ଡ୍ରେ ବର୍ଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୧/୭(ସୂର୍ଯ୍ୟକୁମାର ଯାଦବ-୧୦୦, ଯଶସ୍ୱୀ ଜୟସ୍ୱାଲ-୬୦, କେଶବ ମହାରାଜ-୨/୨୬, ଟାବରେଜ୍ ସାମ୍ସି-୧/୩୮, ନାନ୍ଡ୍ରେ ବର୍ଗର-୧/୪୪, ଲିଜାଡ ୱିଲିୟମ୍ସ-୨/୪୬)।

# ସେମିରେ ହାରିଲା ଭାରତ

**ଜୁନିୟର ବିଶ୍ୱକପ୍ ହକି**

**କୁଆଲାଲମ୍ପୁର, ୧୪।୧୨(ପି.ଟି.)**

ମାଲେସିଆରେ ଅନୁଷ୍ଠିତ ପୁରୁଷ ଜୁନିୟର ବିଶ୍ୱକପ୍ ହକି ସେମିଫାଇନାଲରେ ଜର୍ମାନୀ ନିକଟରୁ ୪-୧ ଗୋଲରେ ପରାଜିତ ହୋଇଛି ଭାରତ। ଗୁରୁବାର ଖେଳା ଯାଇଥିବା ପ୍ରଥମ ସେମି ଫାଇନାଲରେ ପେନାଲ୍ଟି କର୍ନରକୁ ଗୋଲରେ ରୂପାନ୍ତର କରିବାର ବିଫଳତା କାରଣରୁ ଭାରତ ପରାଜିତ ହୋଇଛି। ଭାରତକୁ ୧୨ଟି ପେନାଲ୍ଟି କର୍ନର ମିଳିଥିବା ବେଳେ ଦଳ ଏଥି ମଧ୍ୟରୁ ଗୋଟିଏ ବି ଗୋଲରେ ପରିଣତ କରି ପାରି ନ ଥିଲା। ୬ ଥର ବିଶ୍ୱ ଚାମ୍ପିୟନ ଜର୍ମାନୀ ପକ୍ଷରୁ ବେନ୍ ହାସବାକ୍(୮ ଓ ୩୦) ମିନିଟରେ ଡବଲ ଗୋଲ ଦେଇଥିବା ବେଳେ ଗ୍ଲାଣ୍ଡର ପଲ୍(୪୧) ଓ ଫ୍ଲୋରିଆନ୍ ସ୍ପର୍ଲିଙ୍ଗ(୫୮) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ସୁଦୀପ ଚିରାମକୋ(୧୧) ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଜର୍ମାନୀ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଅଷ୍ଟମ ମିନିଟରେ ବେନ୍ ହାସବାକ୍ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଆଗୁଆ କରିଥିଲେ। ଏହାର ୩ ମିନିଟ୍ ମଧ୍ୟରେ ସୁଦୀପ ଚିରାମକୋ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ୨୯ ତମ ମିନିଟ ଯାଏ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ୩୦ ତମ ମିନିଟରେ ହାସବ୍ୟାକ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ସହିତ ଜର୍ମାନୀକୁ ୨-୧ରେ ଆଗୁଆ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୬ଟି ପେନାଲ୍ଟି କର୍ନର ହାସଲ କରିଥିଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ତୃତୀୟ କ୍ୱାର୍ଟରରେ ଗ୍ଲାଣ୍ଡର ପଲ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଦଳକୁ ୩-୧ରେ ଆଗୁଆ କରିଥିଲେ। ଅନ୍ତିମ କ୍ୱାର୍ଟର ଶେଷ ହେବାକୁ ଦୁଇ ମିନିଟ୍ ବାକି ଥିବା ବେଳେ ଫ୍ଲୋରିଆନ୍ ସ୍ପର୍ଲିଙ୍ଗ ଆଉ ଏକ ଫିଲ୍ଡ ଗୋଲ ଦେଇଥିଲେ। ଭାରତ ୧୨ ପେନାଲ୍ଟି କର୍ନରରୁ ଗୋଟିଏ ବି ଗୋଲ୍ କରି ପାରି ନ ଥିବା ବେଳେ ଜର୍ମାନୀ ଦୁଇଟି ଯାକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲା। ବିଗତ ସଂସ୍କରଣର ରନର୍ ଅପ୍ ଜର୍ମାନୀ ଶନିବାର ଫାଇନାଲରେ ସ୍ପେନ୍ ଓ ଫ୍ରାନ୍ସ ମ୍ୟାଚ୍‌ର ବିଜେତାକୁ ଭେଟିବ। ସମାନ ଦିନରେ ଭାରତ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍ ଖେଳିବ।

# କେକେଆର ଅଧିନାୟକ ପଦକୁ ଫେରିଲେ ଶ୍ରେୟସ

**କୋଲକାତା, ୧୪।୧୨(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର)ର ଅଧିନାୟକତ୍ୱ କରିବେ ଭାରତୀୟ ମିଡଲ ଅର୍ଡର ବ୍ୟାଟର ଶ୍ରେୟସ ଆୟର। ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଗୁରୁବାର ଏହା ଘୋଷଣା କରାଯାଇଛି। ପିଠିରେ ଇଞ୍ଜୁରୀ ଯୋଗୁ ଲଣ୍ଡନରେ ଏପ୍ରିଲରେ ଶ୍ରେୟସଙ୍କ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଥିଲା। ଫଳରେ ଏହି ୨୯ବର୍ଷୀୟ କ୍ରିକେଟର ଆଇପିଏଲ ୨୦୨୩ ସିଜନରେ ଖେଳିପାରି ନ ଥିଲେ। ନୀତୀଶ ରାଣାଙ୍କୁ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ଶ୍ରେୟସ ଅଧିନାୟକ ପଦବୀକୁ ଫେରିଥିବାରୁ ଆମେ ଖୁସି ବୋଲି କେକେଆର ସିଇଓ ଭେଙ୍କି ମାଇଶୋର ପ୍ରକାଶ କରିଛନ୍ତି। ଶ୍ରେୟସ ସେପ୍ଟେମ୍ବରରେ ଏସିଆ କପ୍‌ରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ମୋହାଲିଠାରେ ୮୬ ବଲ୍‌ରେ ଶତକ ହାସଲ କରି ସେ ତାଙ୍କ ଫର୍ମକୁ ଫେରିଥିଲେ।

# ଜାତୀୟ ବ୍ରେକ୍‌ଡ୍ୟାନ୍ସରେ ଭାଗନେଲା ଓଡ଼ିଶା



ଅଲ୍ ଓଡ଼ିଶା ଡ୍ୟାନ୍ସ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

ଭୋପାଳର ଏଲ୍‌ଏନ୍‌ସିଟି ବିଶ୍ୱବିଦ୍ୟାଳୟ ପରିସରରେ ୩ୟ ଜାତୀୟ ବ୍ରେକ୍ ଡ୍ୟାନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟ ଡ୍ୟାନ୍ସ ସ୍ପୋର୍ଟ ଟିମ୍ ଭାଗନେଇ ଅଭିଜ୍ଞତା ହାସଲ କରିଛି। ଡ୍ୟାନ୍ସିଂ ଏକ ଅଲିମ୍ପିକ୍ସ ସ୍ପୋର୍ଟ୍ସ ହୋଇଯିବା ପରେ ଏହି କ୍ରୀଡ଼ା ପ୍ରତି ବିଶ୍ୱବ୍ୟାପୀ ଆଦର ବଢ଼ିବାରେ ଲାଗିଛି। ଗତ ଜାତୀୟ ପ୍ରତିଯୋଗିତାରେ ୧୧ ରାଜ୍ୟରୁ ୧୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ଭାଗନେଇଥିବା ଲିଟୁ ଡିଗଲ ଓ ସିଦ୍ଧାର୍ଥ ବେକ୍ ଭଲ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ସକ୍ଷମ ହୋଇଥିଲେ। ଏହି ପ୍ରତିଯୋଗିତାରୁ ଉଭୟ ଡ୍ୟାନ୍ସରଙ୍କୁ ପ୍ରଚୁର ଅଭିଜ୍ଞତା ମିଳିଥିଲା। ପ୍ରତିଯୋଗିତା ଅବସରରେ ଅଲ୍ ଓଡ଼ିଶା ଡ୍ୟାନ୍ସ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାତୀୟ ସଂଘର ସଭାପତି ଅରବିନ୍ଦ କୁମାର, ସମ୍ପାଦକ ବିଶ୍ୱଜିତ ମହାନ୍ତି, ଉପସଭାପତି ଏସ୍. ସିଂ, ସତ୍ୟାନନ୍ଦ ସିହ୍ନା, କେଶବ ପାଣ୍ଡେ, ଗଗୁନ ବେଦୀ ଓ ବିଦୋଦ ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# କାମେରନ ଗ୍ରୀନ୍ କିଡ୍‌ନୀ ରୋଗରେ ପୀଡ଼ିତ

**ପର୍ଥ, ୧୪।୧୨ (ପି.ଟି.):** ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ୍ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ଜୀବନକାଳ ୧୨ବର୍ଷ ହେବ ବୋଲି ସେତେବେଳେ ଡାକ୍ତର ପୂର୍ବାନୁମାନ କରିଥିଲେ। ଏକଥା ସମସ୍ତଙ୍କୁ ଜଣା ନ ଥିଲା। ଗୁରୁବାର ଏକ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍‌କାର ଦେବା ବେଳେ ସେ ଏହି ସମସ୍ତ ବିଷୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରୋଗର କୌଣସି ଲକ୍ଷଣ ନ ଥିଲା। ଅଲ୍‌ଟ୍ରା ସାଉଣ୍ଡ ଦ୍ୱାରା ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ତାଙ୍କ ମାତାପିତା ଜାଣିବାକୁ ପାଇଥିଲେ। ୨୪ ବର୍ଷୀୟ କ୍ରିକେଟର କହିଛନ୍ତି ତାଙ୍କ କିଡ୍‌ନୀ ବର୍ତ୍ତମାନ ୬୦ ପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ରୋଗ ଏବେ ଷ୍ଟେଜ୍-୨ରେ ରହିଛି। ଷ୍ଟେଜ୍-୫ରେ ତାଙ୍କର କିଡ୍‌ନୀ ପ୍ରତିରୋପଣ କିମ୍ବା ଡାଏଲିସିସ୍‌ର ଆବଶ୍ୟକ ପଡ଼ିବ। ଗ୍ରୀନ୍‌ଙ୍କ ମାତା ଗର୍ଭବତୀ ହେବାର ୧୯ ସପ୍ତାହ ପରେ ପ୍ରେଗ୍ନେସି ସ୍କାନ ବେଳେ ଏହି ରୋଗ ଚିହ୍ନଟ କରାଯାଇଥିଲା ବୋଲି ଗ୍ରୀନ୍‌ଙ୍କ ପିତା ଗ୍ୟାରୀ ପ୍ରକାଶ କରିଛନ୍ତି।

# ଆଜି ଓଏଫ୍‌ସି- ସ୍ପୋର୍ଟ୍ସ ଓଡ଼ିଶା ମ୍ୟାଚ୍

**ଭୁବନେଶ୍ୱର, ୧୪।୧୨**
**(ସରୋଜ ଜେନା)**




କ୍ରିସ୍ପିନ୍ ଛେତ୍ରୀ, ମନୀଷା ପାନ୍ନା, ସୁଭଦ୍ରା ସାହୁ ଓ ପାରୋମିତା ସିର୍। (ଫଟୋ: ବିକାଶ ନାୟକ)

**ଇଣ୍ଡିଆନ ଓମେନ୍ସ ଲିଗ୍**

ଇଣ୍ଡିଆନ ଓମେନ୍ସ ଲିଗ୍‌ର ଓଡ଼ିଶା ଡର୍ବିରେ ଶୁକ୍ରବାର ପରସ୍ପର ମୁକାବିଲା କରିବେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ସ୍ପୋର୍ଟ୍ସ ଓଡ଼ିଶା। ଏହି ମ୍ୟାଚ୍ ପୂର୍ବରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଏଫ୍‌ସି ପକ୍ଷରୁ ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀ ଓ ଡିଫେଣ୍ଡର ମନୀଷା ପାନ୍ନା ଯୋଗ ଦେଇଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ଦଳ ପକ୍ଷରୁ ମୁଖ୍ୟ କୋଚ୍ ପାରୋମିତା ସିର୍ ଓ ସୁଭଦ୍ରା ସାହୁ ଯୋଗ ଦେଇଥିଲେ। ଉଭୟ ଦଳରେ ଏକାଧିକ ଓଡ଼ିଶା ଖେଳାଳି ରହିଥିବା ବେଳେ ପରସ୍ପରର ଖେଳିବା ଶୈଳୀ ସହିତ ଅଭ୍ୟସ୍ତ। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମେ ରଣନୀତି ପ୍ରସ୍ତୁତ କରିଛୁ ବୋଲି ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ପ୍ରକାଶ କରିଛନ୍ତି। ଏହା ଚଳିତ ସିଜନରେ ଆମ ପାଇଁ ପ୍ରଥମ ମ୍ୟାଚ୍। ପ୍ରି ସିଜନ ପ୍ରସ୍ତୁତି ଚମତ୍କାର ରହିଥିବା ବେଳେ ବିଜୟରୁ ସିଜନ ଆରମ୍ଭ କରିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୂର୍ବ ସିଜନର ଭୁଲକୁ ସୁଧାରି ଦଳ ଚଳିତ ସିଜନରେ ଟପ୍-୩ ମଧ୍ୟରେ ରହିବାକୁ ଚେଷ୍ଟା କରିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସ୍ପୋର୍ଟ୍ସ ଓଡ଼ିଶା ଦଳର ଏକାଧିକ ଖେଳାଳିଙ୍କ ସହ ଆମେ ଖେଳିଛୁ। ଏହା ଆମକୁ ବିଜୟୀ ହେବାରେ ସାହାଯ୍ୟ କରିବ ବୋଲି କହିଥିଲେ ମନୀଷା ପାନ୍ନା। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ସଙ୍ଗଠିତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ ବୋଲି କହିଥିଲେ ସ୍ପୋର୍ଟ୍ସ ଓଡ଼ିଶା କୋଚ୍ ପାରୋମିତା ସିର୍। ପ୍ରଥମ ମ୍ୟାଚ୍ ପରେ ଦଳକୁ ସଙ୍ଗଠିତ ହେବା ପାଇଁ ୪ ଦିନ ମିଳିଥିବା ବେଳେ ଆମେ ଓଏଫ୍‌ସିକୁ କଡ଼ା ଟକ୍କର ଦେବୁ ବୋଲି ପାରୋମିତା କହିଛନ୍ତି।

# ପ୍ରଥମ ଦିବସରେ ଭାରତର ବୃହତ୍ ସ୍କୋର

**ନଭି ମୁମ୍ବାଇ, ୧୪।୧୨**

ଦୁଇ ପଦାର୍ପଣକାରୀ ଶୁଭା ସତୀଶ ଓ ଜେମିମା ରୋଡ୍ରିଗ୍ସେଜ ଏବଂ ୟାସ୍ତିକା ଭାଟିଆ ଓ ଦୀପ୍ତି ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ବୃହତ୍ ସ୍କୋର କରିଛି। ପ୍ରଥମ ଇନିଂସରେ ୯୪ ଓଭର ଖେଳି ଘରୋଇ ଦଳ ୭ ଉଇକେଟ ହରାଇ ୪୧୦ ରନ କରିଛି। କୌଣସି ମହିଳା କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଭାରତର ଏହା ସର୍ବାଧିକ ସ୍କୋର। ଓଭରଅଲ୍ ପ୍ରଥମ ଦିବସରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ୧୯୩୫ରେ ଖ୍ରୀଷ୍ଟଚର୍ଚ୍ଚଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡ ୪୩୧/୪ ରନକରି ଏହି ତାଲିକାର ଶୀର୍ଷରେ ରହିଛି। ଏହି ଟେଷ୍ଟରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଇନିଂସରେ ମୋଟ ୪୭୫ ରନ ସ୍କୋର ହୋଇଥିଲା।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା (୧୭) ଓ ଶେଫାଳି ବର୍ମା (୧୯)ଙ୍କ ବିଫଳତା ସତ୍ତ୍ୱେ ପରବର୍ତ୍ତୀ ବ୍ୟାଟରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଶୁଭା ଓ ଜେମିମା ତୃତୀୟ ଉଇକେଟରେ ଶତକୀୟ (୧୪୬ ବଲ୍‌ରୁ ୧୧୫ ରନ) ଭାଗୀଦାରି ଗଢ଼ି ଇନିଂସ




ପଦାର୍ପଣରେ ଅର୍ଦ୍ଧଶତକ ହାସଲକାରୀ ଶୁଭା ସତୀଶ।

**ମହିଳା କ୍ରିକେଟ ଟେଷ୍ଟର ପ୍ରଥମ ଦିନରେ ସର୍ବାଧିକ ସ୍କୋର**

- ▶ ୪୩୧/୪: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ଖ୍ରୀଷ୍ଟଚର୍ଚ୍ଚ, ୧୯୩୫
- ▶ ୪୧୦/୭: ଭାରତ ବନାମ ଇଂଲଣ୍ଡ, ମୁମ୍ବାଇ, ୨୦୨୩
- ▶ ୩୭୨/୫: ନ୍ୟୁଜିଲାଣ୍ଡ ବନାମ ଇଂଲଣ୍ଡ, ଗୁଇଲ୍ଡଫୋର୍ଡ, ୧୯୯୬
- ▶ ୩୫୧/୬: ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଜୋହନ୍ସବର୍ଗ, ୧୯୬୦
- ▶ ୩୩୨/୭: ଇଂଲଣ୍ଡ ବନାମ ଭାରତ, ୱର୍ସେଷ୍ଟର, ୧୯୮୬

ସମ୍ଭାଳି ନେଇଥିଲେ। କେବଳ ସେତିକି ନୁହେଁ ଦୁହେଁ ଅର୍ଦ୍ଧଶତକ ମଧ୍ୟ ପୂରଣ କରିଥିଲେ। ଶୁଭା ୬୯ (୧୩ ଚୌକା) ଓ ଜେମିମା ୬୮ (୧୧ ଚୌକା) ରନ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୪୯ (୬ ଚୌକା) ରନକରି ରନ୍‌ଆଉଟ ହୋଇ ଯାଇଥିଲେ ହେଁ ୫ମ ଉଇକେଟରେ ୟାସ୍ତିକା ଭାଟିଆଙ୍କ ସହ ୧୧୬ ରନର ପାର୍ଟନରଶିପ୍ ଗଢ଼ିଥିଲେ। ୨ଟି ଶତକୀୟ ଭାଗୀଦାରି ପରେ ୭ମ ଉଇକେଟରେ ଦୀପ୍ତି ଶର୍ମା ଓ ସ୍ନେହ ରାଣା ମୂଲ୍ୟବାନ ୯୨ ରନର ପାର୍ଟନରଶିପ୍ ଗଢ଼ି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଭାଟିଆ ୬୬ ୯୧୦ ଚୌକା, ୧ ଛକା) ଓ ସ୍ନେହ ରାଣା ୩୦ ରନକରି ଆଉଟ ହୋଇଥିବାବେଳେ ଦୀପ୍ତି ୬୦ (୯ ଚୌକା, ୧ ଛକା) ରନରେ ଅପରାଜିତ ରହି ଶତକ ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଦୀପ୍ତିଙ୍କ ସହ ପୂଜା ବସ୍ତ୍ରକାର ୪ ରନକରି ଅପରାଜିତ ରହିଛନ୍ତି। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଲୌରେନ ବେଲ୍ ସର୍ବାଧିକ ୨ଟି ଏବଂ କେଟ୍ କ୍ରସ୍, ନାଟ୍ ସ୍କିଭର-ବ୍ରଣ୍ଟ, ଚାର୍ଲୋଟେ ଡିନ୍ ଓ ସୋଫି ଏକଲେଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୧୦/୭ (ଶୁଭା ସତୀଶ-୬୯, ଜେମିମା ରୋଡ୍ରିଗ୍ସେଜ-୬୮, ୟାସ୍ତିକା ଭାଟିଆ-୬୬, ଦୀପ୍ତି ଶର୍ମା-୬୦*, ସ୍ନେହ ରାଣା-୩୦, ଲୌରେନ ବେଲ୍-୨/୬୪, କେଟ୍ କ୍ରସ୍-୧/୬୪, ନାଟ୍ ସ୍କିଭର ବ୍ରଣ୍ଟ-୨୫, ଚାର୍ଲୋଟେ ଡିନ୍-୧/୬୨, ସୋଫି ଏକଲେଷ୍ଟୋନ-୧/୮୫)।


# ଜନ୍ମଦିନ ବିଶେଷାଙ୍କ
# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ: ୧୦୦**

**ଯୋଗାଯୋଗ– ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର, ଖୋର୍ଦ୍ଧା, ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:** ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:** ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:** ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:** ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:** ମଳୟ କୁମାର ସାହୁ-୯୪୩୯୭୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

DSPL-453

ଆମ ଓଡ଼ିଶା ନବୀନ ଓଡ଼ିଶା



MSME Department, Government of Odisha

# CM-SRIM

"Financial Support to Manufacturing MSMEs by State Government"

# Chief Minister's Scheme for Reimbursement of Interest to MSMEs

## Benefits to MSMEs

- Reimbursement of interest on Working Capital loan availed in form of Cash Credit/ Export Packing Credit from any bank in FY 2023-24
- 100% interest reimbursement if loan limit is up to Rs.10 lakh
- 75% interest reimbursement if loan limit is above Rs.10 lakh and up to Rs.50 lakh
- 50% interest reimbursement if loan limit is above Rs.50 lakh and up to Rs.1 crore
- 25% interest reimbursement if loan limit is above Rs.1 crore to up to Rs.3 crore

## Eligibility Criteria

- Must possess a valid UDYAM Registration Number
- Must have commenced production on or before 31.03.2020
- Minimum 75% turnover of FY 2022-23 must have come from manufacturing activities

*(MSMEs manufacturing alcoholic beverages, tobacco products, etc. are not eligible)*









For any queries, please contact our

**TOLL FREE NUMBER**

(10am to 6pm)

**1800 3139 499**

Write to us:
cmsrimhelpdesk@gmail.com

Reimbursement will be done on Half-Yearly basis.

**MSME** units can apply for CM-SRIM benefit in our portal (www.cm-srim.odisha.gov.in)

**From TODAY (15.12.2023)**

Detailed guidelines at
**msme.odisha.gov.in**

OIPR-43001/13/0018/2324